Now-a-days the family of Chitrakaaras are living sorrowful lives. Their unwillingness towards the Odia traditional culture is not satisfactory for the future generation. Because of financial problems and deficiency of market values of their products they are moving back from their art-form. Their enthusiasm is decreasing day by day towards this age-old tradition. So Government should take steps for the betterment of the Chitrakaaras.



*Dr. Mousumi Parida, is a trilingual writer, born in 19th June 1975. She has authored 30 numbers of books. As a poet, novelist, story teller, columnist, translator she has been widely published in various leading national and international journals, news papers, magazines, e-magazines and well acclaimed by the readers and analisers. She is a lecturer, passionate towards literature, now living in the district of Jagatsinghpur, Odisha.*



मैं जवान पर

# वृद्ध मेरी पहचान

श्रेयांसी महापात्र

मैं जवान पर वृद्ध मेरी पहचान

नज़रें न हटाओ उनसे
निगाहें न छिपाओ इनसे
वो हैं अलादीन का चिराग
उनको अपने हृदय में बिठाओ।

ज़िंदगी मेहनत की गुज़ार दी
धन दौलत अपने बच्चों के नाम की
सिर्फ़ सही सलामत रहने की चाह की
बदले में और कुछ न मांग की।

सारी सारी रात, पूरा पूरा दिन
न कुछ खाया, न सोया
हमारी सेवा में अपना
सब कुछ गँवाया ।

उन्होंने अपना आज बिगाड़ा
और हमारा कल संवारा
उनके जीवन में न करो अंधियारा
मुश्किल वक्त में उनका बनों सहारा।

उनके स्नेह लाड प्यार के बदले
हमनें उन्हें क्या दिया?
सिर्फ़ गुस्सा , झगड़ा, मार
अरे हाथों से नहीं तो बातों की वार।

वो ज़माना कुछ और ही था
बुज़ुर्ग घर के मुखिया कहलाते
सारे फैसले वही सुनाते
हर नियम उनसे हो आते।

अरे बाहर वाले तो छोड़ो
घर वाले भी न पूछते
खुद खून का रिश्ता खून तोड़ता
और वृद्धाश्रम का स्थान देखता।

अब ज़िंदगी यहीं गुजारनी है
अकेलेपन के पल भी यहीं काटने है
अपने भाग्य को कोसते रहे
न जाने किस जन्म की
सज़ा भुगत रहे।

वृद्ध होते हैं भगवान
वृद्धाश्रम में नहीं उनका स्थान
अरे खुदगर्जों, मानव जाति का तो रख लो सम्मान
क्यूं जीतेजी ले रहे हो उनकी जान।

मेरी मानो, अभी से ठानो
अपने मां बाप के दर्द को पहचानो
उनके किए कुर्बानी को जानो
उन्हें ऐसे जीतेजी मत मारो।



श्रेयांसी महापात्र
केंद्रीय विद्यालय क्रमांक -४
भुवनेश्वर

# MOC ACTIVITY

## Ganesh Puja









## Raja Mauja









MOC was fortunate to listen to Dr. Rajat Kar, Rajat Kumar Kar, the most famous Jagannath Culture researcher, and Radio & TV commentator during Utkal Dibas celebration 2022




## ସ୍ୱର୍ଗତ ପଦ୍ମଶ୍ରୀ ଡ଼କ୍ଟର ରଜତ କର ଙ୍କୁ ମାଲେସିଆ ଓଡ଼ିଆ କମ୍ୟୁନିଟି ର ବିନମ୍ର ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଡ଼କ୍ଟର କର ଙ୍କର ଦ୍ୱାଦଶାହ ଦିନ ଭୁବନେଶ୍ୱରରେ ଆୟୋଜିତ ସ୍ମୃତିସଭା ରେ MOC ର ସଦସ୍ୟ ଜୟଦେବ ଦାସ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହିତ ଦିବଂଗତ ଆତ୍ମାର ସଦ୍ଗତି କାମନା କରିଥିଲେ

Malaysia Odia Community

## Holi Celebration








## Yoga Session







Bana Bhoji





Sabitri Brata











Diwali Tarang 2021

# ହରିତଳା
# ଭାବନାର ରଙ୍ଗ




| | | |
|---|---|---|
| ଉପଲବ୍ଧି | ଗୌରହରି ଦାସ | 45-47 |
| ସ୍ପର୍ଶ ଶେଷ ସ୍ପନ୍ଦନର | ଡ. ଇତି ସାମନ୍ତ | 48-53 |
| ଆଉ ଥରେ ବର୍ଷା | ତାପସ ରାଜ | 54-57 |
| ସମର୍ପଣ | ସୁନନ୍ଦା ମିଶ୍ର ପଣ୍ଡା | 58-60 |
| ଅନୁତପ୍ତ ସନ୍ତାନ | ଡ଼ ଜୟଶ୍ରୀ ନନ୍ଦ | 61 |
| କବିସମ୍ରାଟ ଉପେନ୍ଦ୍ରଭଞ୍ଜ | ଏ ସୂର୍ଯ୍ୟନାରାୟଣ ପାତ୍ର | 62-65 |
| ଏକ ସ୍ମରଣୀୟ ମୁହୂର୍ତ୍ତ | ଖାରବେଳ ମହାନ୍ତି | 66-67 |
| ଧର୍ମର ନଦୀତୀରେ | ଲକ୍ଷ୍ମୀପ୍ରିୟା ଓଝା | 68-70 |
| ଲାଜକୁଳି | ବିଷ୍ଣୁ କଲ୍ୟାଣ ମଙ୍ଗରାଜ | 71 |
| ବୁଝିବାର ଅନୁବାଦ ବୁଝେଇବା | ଓଁ ଅଭିଜ୍ଞାନ ସାହୁ | 72-74 |
| ଗଙ୍ଗଶିଉଳି | ଶୁଭ୍ରାଂଶୁ ଶେଖର ଲେଙ୍କା | 75 |
| କାନଫୁଲ ମୋର କାହିଁ ? | ପାର୍ଥ ସାରଥୀ ସାମନ୍ତରାୟ | 76 |
| ସାର୍ଥକ ପ୍ରୟାସ | କାମେଶ୍ୱର ପଣ୍ଡା | 77 |
| ରେବତୀର ଲାଜ | ସୀମନ୍ତିନୀ ନନ୍ଦ | 78 |
| ସେମାନେ ଫେରିବେ | ଡ଼ ବୀଣାପାଣି ପ୍ରଧାନ | 79 |
| ଏମିତି ବି ଦିନେ | ଡ଼ ବୀଣାପାଣି ପ୍ରଧାନ | 80 |
| ଜେମା ମା | ବ୍ରତତୀ ପ୍ରିୟଦର୍ଶିନୀ | 81-82 |




***TITLE: Lord Jagannath, Neelachakra & Patitapabana***



*Sugyani Kumari Pattnaik is a Painter, dancer. Currently on a career break, priorly she was into Business development role by profession.This sculpture is made using paper, clay & Acrylic colors.*

# ଉପଲବ୍ଧି

ଗୌରହରି ଦାସ



ଗଣେଶ ଭସାଣିର ଆଖିଝଲସା ଆଲୋକ ଓ ଯନ୍ତ୍ରଣାଦାୟକ କୋଳାହଳର ଅତ୍ୟାଚାରରେ ଶରତ ସପ୍ତମୀର ଶାନ୍ତ ରଜନୀ ଆର୍ତ୍ତଚିତ୍କାର କରିଉଠୁଥିଲା । ଏ ପରିବେଶରୁ ମୁକ୍ତି ପାଇଁ ପ୍ରୌଢ଼ ସିଦ୍ଧାର୍ଥ ଶୋଇବା ଘରର ଝରକା ସବୁ ବନ୍ଦ କରିଦେଲେ । ସେତିକିବେଳେ ତାଙ୍କର ସପ୍ତମୀ ଜହ୍ନ ଉପରେ ନଜର ପଡ଼ିଲା । ରାଧାରମଣ ସତ କହୁଥିଲେ, ପୂର୍ଣ୍ଣତା ଯଦି ସୁନ୍ଦର ହୁଏ, ଅପୂର୍ଣ୍ଣତା ସୁନ୍ଦରତର ।

ବଟିକାର ଆଶ୍ରୟରେ ଘଡ଼ିଏ ନିଦ ଯୋଗାଡ଼ କରିଥିବା ସିଦ୍ଧାର୍ଥ ଚୁପ୍‌ଚାପ୍ ଚଉକି ଉପରେ ବସି ଫୋନ୍‌ରୁ ରାଧାରମଣଙ୍କ ହ୍ୱାଟ୍ସଆପ୍ ମେସେଜ୍ ପଢ଼ିଲାଗିଲେ । ଗଲା ଦିବର୍ଷ ହେଲା ରାଧାରମଣ ଘରୁ ବାହାରକୁ ବାହାରୁନାହାନ୍ତି, ଆଗରୁ ସଭା ସମିତି, ଭଜନ-ପ୍ରବଚନ ଓ କଳା ପ୍ରଦର୍ଶନୀକୁ ଯାଉଥିଲେ । ସମୟେ ସମୟେ ରବୀନ୍ଦ୍ର ମଣ୍ଡପ ଓ ଭଞ୍ଜକଳାମଣ୍ଡପର ନାଟକ ଦେଖିବାଲାଗି ସୁଦ୍ଧା ପହିଯାଉଥିଲେ ରାଧାରମଣ । ହଠାତ୍ ଏମିତି ଚୁପ୍‌ଚାପ୍ ପାଲଟିଗଲେ କାହିଁକି? ସିଦ୍ଧାର୍ଥ ସ୍ଥିର କଲେ, କାଲି ସେ ରାଧାରମଣଙ୍କ ଘରୁ ଘେରାଏ ବୁଲିଆସିବେ ।

ଦିହଜାର କୋଡ଼ିଏରୁ ବାଇଶ- ଏହି ଦିବର୍ଷକୁ ଭାରତର ଇତିହାସ କିଭଳି ମନେ ରଖିବ ସିଦ୍ଧାର୍ଥ ଜାଣି ନ ଥିଲେ । ମାତ୍ର ତାଙ୍କୁ ପଚାରିଲେ ସେ କହିବେ, ଏ ଦିବର୍ଷ ମଣିଷ-ମଣିଷର ସମ୍ପର୍କକୁ ଭାଙ୍ଗିଦେଇଛି । ଆଉ ଆଗର ସେ ଉଷ୍ମ ସାମାଜିକ ସମ୍ପର୍କ ଫେରିବ ନାହିଁ । କେତେ ମାସ ହୋଇଗଲାଣି, ତାଙ୍କ ଘରକୁ କୌଣସି କୁଣିଆ ଆସିନାହାନ୍ତି କିମ୍ବା ସିଏ କାହାରି ଘରକୁ ଯାଇନାହାନ୍ତି । ଜର ନୁହେଁ ଡର ହିଁ ମଣିଷଙ୍କୁ ମାରିଦେଉଛି ବୋଲି

ସିଦ୍ଧାର୍ଥଙ୍କର ହୃଦ୍‌ବୋଧ ହୋଇଛି । ଗଲା ଦିବର୍ଷ ଭିତରେ ବିଦାୟ୍ ନେଇଯାଇଥିବା ତାଙ୍କର ସାଙ୍ଗମାନଙ୍କ କଥା ମନେପଡ଼ିଗଲା । ଛାୟା ତ ଜାଣିପାରିଲା ନାହିଁ, ଶ୍ମଶାନରେ ସେ ଯୋଉ ପଲିଥିନ୍ ବନ୍ଧା ଶବଟିକୁ ଶେଷ ସମ୍ମାନ ଜଣାଇଥିଲା ସେ ପ୍ରକୃତରେ ତା ସ୍ୱାମୀ ଥିଲା କି ଆଉ କିଏ ! ପ୍ରତାପ ଡାକ୍ତରଖାନାରୁ ମୁହଁଘୋଡ଼ା ଶବକୁ ନିଜର ପତ୍ନୀ ଭାବି ହାତ ହଲେଇଥିଲା । ଭାଗ୍ୟ !

ପରଦିନ ସକାଳେ ଯାଇ ରାଧାରମଣ ଘରର କଲିଂବେଲ୍ ଟିପିଲାବେଳେ ସିଦ୍ଧାର୍ଥ ଜାଣିଥିଲେ, ସାମ୍ନାରେ ଅଯତ୍ନ ନିଶଦାଢ଼ି ବଢ଼ିଥିବା, ଢିଲା ଟି-ସାର୍ଟ ଓ ଟ୍ରାଉଜର ପିନ୍ଧିଥିବା ଗୋଟେ ବୃଦ୍ଧକୁ ଭେଟିବେ, ଯିଏ ବୟସଠାରୁ ଆହୁରି ଦଶବର୍ଷ ବଡ଼ ଦିଶୁଥିବ । ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ କରୁଥିବା ରାଧାରମଣ ଭୀଷଣ ସ୍ପର୍ଶକାତର । ତାଙ୍କ ମନଟା ପୁଣି ଗୋଟେ ଗହୀର କୂଅ, ସେଠି କଣ ଅଛି ତାହା ଜାଣିବା ସମ୍ଭବ ହୁଏ ନାହିଁ ।

ରାଧାରମଣଙ୍କୁ ଦେଖି କିନ୍ତୁ ସିଦ୍ଧାର୍ଥ ବିସ୍ମିତ ହେଲେ । ଇଏ ସେ କାହାକୁ ଭେଟୁଛନ୍ତି? ଦିବର୍ଷ ଭିତରେ ରାଧାରମଣଙ୍କର ଇଏ କି ପରିବର୍ତ୍ତନ !

ରାଧାରମଣ ପଚାରିଲେ, ""ଫୋନ୍ କରି ନ ଥିଲ ତ? ମୁଁ ଯଦି ନ ଥାନ୍ତି ।"

 ତୁମେ ତ ଫୋନ୍ ଉଠଉନାହଁ । ହଁ, ମେସେଜ୍ କରିପାରିଥାନ୍ତି । ମାତ୍ର ତୁମେ ତ ସବୁବେଳେ ଘରଟାରେ ଥାଅ । ଆଚ୍ଛା, ତୁମେ ଏ ଧଳା ଫିନ୍‌ଫିନ୍ ପଞ୍ଜାବି ଚୁଡ଼ିଦାରରେ ବର ପରି ଦିଶୁଛ । ମୁଁ ଭାବିଥିଲି-

 ଜାଣେ । ଯୌବନ ହେଉଛି ସେଇ ସମୟ୍ ଯାହା କେତେବେଳେ ଆସି ଚାଲିଯାଏ ଜଣାପଡ଼େନାହିଁ ଆଉ ବାର୍ଦ୍ଧକ୍ୟ ହେଉଛି ସେଇ ସମୟ୍ ଯିଏ ଥରେ ଆସିଗଲେ ଯିବାର ନାଁ ନିଏ ନାହିଁ । ସେଥିପାଇଁ ମୁହଁ ଶୁଖେଇ ଲାଭ କଣ ?

ସିଦ୍ଧାର୍ଥ ପଚାରିଲା, ""ତୁମେ ଘରୁ ବାହାରୁନାହଁ କାହିଁକି?"

ରାଧାରମଣ କିଛି ନ କହି ସିଦ୍ଧାର୍ଥଙ୍କୁ ତାଙ୍କ ସ୍ମାର୍ଟଫୋନ୍‌ରେ ଗୋଟେ ମେସେଜ୍ ପଢ଼ିବାକୁ ଦେଲେ ଓ ଭିତରକୁ ଚା ତିଆରି କରିବା ପାଇଁ ଉଠିଗଲେ ।

ସିଦ୍ଧାର୍ଥ ସେ ମେସେଜ୍‌ଟିକୁ ଦେଖି ବିସ୍ମିତ ହେଲେ ନାହିଁ । ଏଇଟି ତାଙ୍କୁ କିଛି ମାସ ତଳେ ରାଉରକେଲାରୁ ସସ୍ମିତ ପଠେଇଥିଲେ । ତାହା ଥିଲା ବ୍ରାଜିଲର କବି ମାରିଓ ଡି ଆନ୍ଦ୍ରାଦେଙ୍କର (୧୮୯୩-୧୯୪୫) ଗୋଟେ କବିତା ।

ରାଧାରମଣ ଚା ଧରି ଫେରି ଆସିଥିଲେ ।

ସିଦ୍ଧାର୍ଥ କହିଲେ, ""ତୁମ ଦେହ ତ ଭଲ ଅଛି । ଅଧିକାଂଶ ସମୟରେ ଡାକ୍ତରଙ୍କ ପାଖକୁ କାହିଁକି ଯାଅ?"

ଡାକ୍ତର ନୁହେଁ ଡାକ୍ତରାଣୀ । ମୋଠାରୁ କୋଡ଼ିଏ ବର୍ଷ ସାନ । - ରାଧାରମଣ କହୁ କହୁ ହସିଦେଲେ !

ଦୁଷ୍ଟାମିର ହସ ଖେଳେଇ ସିଦ୍ଧାର୍ଥ ପଚାରିଲେ, ""ପ୍ରେମ?"



 ନା, ସ୍ନେହ । ସେ ମୋତେ ସ୍ନେହ କରନ୍ତି । ସମସ୍ତେ ଯେତେବେଳେ ମୋ ବାର୍ଦ୍ଧକ୍ୟ, ବ୍ୟାଧି ଓ ବୟସ ନେଇ ମୋତେ ସଚେତନ କରିଦିଅନ୍ତି, ସେତେବେଳେ ସିଏ ହିଁ କହନ୍ତି, ""ଆପଣଙ୍କର କିଛି ହୋଇନାହିଁ । ଆପଣ ମୋଠାରୁ ବେଶିଦିନ ବଞ୍ଚିବେ ।" ସତୁରି ବର୍ଷର ରାଧାରମଣ ହସୁ ହସୁ କାଶିପକାଇଲେ ।

କିନ୍ତୁ କୌଣସି ସଭାସମିତି ନ ଯିବାର କାରଣ କଣ? ଆଗରୁ ତ ଢେର୍ ଯାଉଥିଲ ! - ସିଦ୍ଧାର୍ଥ ପଚାରିଲେ ।

ରାଧାରମଣ ଗମ୍ଭୀର ସ୍ୱରରେ କହିଲେ, ""ବହୁ ଆଗରୁ ସେସବୁ ପ୍ରତି ଆଗ୍ରହ ତୁଟି ଆସୁଥିଲା । ଥରେ ଏଇ କଲୋନିର ଜଣେ ଅଧ୍ୟାପକ ମୋତେ ତାଙ୍କ କଲେଜର ସଭାକୁ ଡାକିନେଇଥିଲେ । ଅଢ଼େଇ ବର୍ଷ ତଳର କଥା ହେବ । ମୁଁ ଭାବିଥିଲି, ମୋର ପ୍ରତିଭା ଓ ଅବଦାନ ସମ୍ବନ୍ଧରେ ସେ ଅଧ୍ୟାପକ ଖୁବ୍ ସଚେତନ । ଅଥଚ ସେଇଠି ଯାଇ ଆବିଷ୍କାର କଲି, ସେ ମୋର ସମ୍ପୂର୍ଣ୍ଣ ନାମ ମଧ୍ୟ ଜାଣନ୍ତି ନାହିଁ ! ସଂଯୋଗବଶତଃ ସେଇଦିନ ମଧୁବ୍ରତା ଏଇ କବିତା ପଠେଇଥିଲେ ।"

ମଧୁବ୍ରତା?

ହଁ, ସେଇ, ଡାକ୍ତରାଣୀ ମଧୁବ୍ରତା ଷଡ଼ଙ୍ଗୀ । ଆହ୍ରାଦେ କଣ ଲେଖିଛନ୍ତି ପଢ଼ିଲ?

ହଁ । ମୁଁ ଏଇଟି ଆଗରୁ ପଢ଼ିଥିଲି । ସେ ଲେଖିଛନ୍ତି, ସାନପିଲା ଥିବାବେଳେ ଆମ ହାତରେ ପ୍ରଚୁର ସମୟ ଥାଏ- ଯେମିତି ବେଲାରେ ଥିବା ବେଲାଏ ଚେରି କୋଳି । ଆମେ ସେଗୁଡ଼ିକୁ ମୁଠା ମୁଠା କରି ଖାଇଯାଉ । ମାତ୍ର ସମୟର ଚେରି ସରିଆସେ । ଦିନେ ଦେଖିଲାବେଳକୁ ବେଲାରେ ଆଉ ଅଳ୍ପ କେତୋଟି ମାତ୍ର ଚେରି ଥାଏ । ସେଇଠୁ ଆମେ ସଚେତନ ହୋଇଯାଉ । ତାପରେ ଆଉ ସମୟ-ଚେରିର ଅପବ୍ୟୟ କରିବାକୁ ମନ ବଳେ ନାହିଁ । କପଟ ବୁଦ୍ଧିଜୀବୀମାନଙ୍କ ସାଙ୍ଗେ ମିଶିବାକୁ କିମ୍ବା ଶୂନ୍ୟଗର୍ଭ ସଭାସମିତିକୁ ଯାଇ ଉପରଠାଉରିଆ ଭାଷଣ ଶୁଣିବାକୁ ମନ ହୁଏ ନାହିଁ । କାହାର ବୃଥା ଅହମିକାର ଅଶ୍ଳୀଳ ପ୍ରଦର୍ଶନୀ କିମ୍ବା ବିନୟ କପଟତାର ଯୋଡ଼ହସ୍ତ ମୁଦ୍ରା ଦେଖିବାକୁ ଆଗ୍ରହ ରହେ ନାହିଁ । ଆତ୍ମପ୍ରଶଂସା ଓ ପରଚର୍ଚ୍ଚା ବିରକ୍ତିକର ଲାଗେ । ଯୋଉକଥା ପଦକରେ କହିହେବ ସେଥିପାଇଁ ଫୋନ୍‌ରେ ଅଧଘଣ୍ଟେ ନଷ୍ଟ କରିବା କଷ୍ଟ ଦିଏ । ସେଇ ଅବୁଝା ଲୋକଙ୍କର ଢଙ୍ଗରଙ୍ଗ ଦେଖି ଦୁଃଖ ହୁଏ ଯେଉଁମାନଙ୍କର ବୟସ ବଢ଼ିବା ସତ୍ତ୍ୱେ ବୌଦ୍ଧିକ ସ୍ତର ଶୈଶବ ଅବସ୍ଥାରେ ରହିଯାଇଥାଏ । ମନ ଭିତରେ ଈର୍ଷା ରଖି କାର୍ଯ୍ୟଘେନା ପ୍ରୀତି ଦେଖଉଥିବା ସ୍ୱାର୍ଥୀଙ୍କ ମେଳରେ ସମୟ କାଟିବାକୁ ମନ ଡାକେ ନାହିଁ । ଜୀବନରେ ଅନେକ କିଛି ଅଥବା ଆବଶ୍ୟକଠାରୁ ଅଧିକ ପାଇବା ସତ୍ତ୍ୱେ ଅସନ୍ତୁଷ୍ଟ ରହୁଥିବା ଲୋକଙ୍କ ମେଳରେ ରହି ମୁଁ ମନ ଖରାପ କରିବାକୁ ଚାହେ ନାହିଁ । ଯେଉଁମାନେ ମଣିଷର ଭିତର ନ ଦେଖି କେବଳ ଉପରଟା ଦେଖିନେଇ ମନ୍ତବ୍ୟ ଦିଅନ୍ତି ସେମାନଙ୍କଠାରୁ ନିରାପଦ ଦୂରରେ ରହିବାକୁ ମୋର ବିବେକ କହେ । ତା ବଦଳରେ ମୁଁ ସେଇମାନଙ୍କ ସହ ମିଶିବାକୁ ଚାହେଁ, ଯେଉଁମାନଙ୍କ ଭିତରେ ସମ୍ବେଦନା, ସ୍ନେହ ଓ ମଣିଷପଣିଆ ଅଛି । କାରଣ, ମୋ ପାଖରେ ଅବଶିଷ୍ଟ ଯେତିକିଟି ଚେରି ଅଛି ଏଣିକି ତାକୁ ଚାଖି ଚାଖି, ଟିକିଏ ଟିକିଏ କରି ମୋତେ ଉପଭୋଗ କରିବାକୁ ପଡ଼ିବ ।

ଆହ୍ରାଦେ ଲେଖିଛନ୍ତି, ମୋର ଲକ୍ଷ୍ୟ ହେଉଛି ମୁଁ ଏଠୁ ବିଦାୟ ନେଇ ଗଲାବେଳକୁ ଶାନ୍ତିରେ ବିଦାୟ ନେବି । ମୋତେ ଭଲ ଲାଗୁଥିବା ମଣିଷଙ୍କ ମେଳରେ ସମୟ ବିତେଇଯିବି । ମନ ଭିତରେ କିଛି ଅବସୋସ ରଖି ମୁଁ ଯିବି ନାହିଁ । ସମସ୍ତେ କହନ୍ତି ମଣିଷର ଦିଇଟି ଜୀବନ ଅଛି । ଦ୍ୱିତୀୟ ଜୀବନକୁ କିନ୍ତୁ ସେତିକିବେଳେ ଉପଭୋଗ କରିହୁଏ ଯେତେବେଳେ ଆମେ ଉପଲବ୍ଧି କରୁ ଯେ ପ୍ରକୃତରେ ଆମର ଗୋଟିଏ ହିଁ ଜୀବନ ଅଛି । - ସିଦ୍ଧାର୍ଥ କହିଲେ ।

ରାଧାରମଣ ହସିଦେଲେ । କହିଲେ, ""ଭଲ ହେଲା, ତୁମେ ମୋତେ ପଚାରିଥିବା ପ୍ରଶ୍ନର ଉତ୍ତର ନିଜେ ପାଇଗଲ । ମୋତେ କହିବାକୁ ପଡ଼ିଲା ନାହିଁ ।"

ସିଦ୍ଧାର୍ଥ ଆସିବାକୁ ଉଠୁଥିଲେ । ରାଧାରମଣ ଭିତରକୁ ଯାଇ ଗୋଟେ ପ୍ଲେଟ୍‌ରେ ସାତ ଆଠଟି ଚେରି ଆଣି ଦେଲେ ।

ଚେରି? ଭୁବନେଶ୍ୱରରେ? ଏଗୁଡ଼ିକ ନାଲି - କଳା ଦି ରଙ୍ଗର କାହିଁକି?

କଳାଗୁଡ଼ିକ ପ୍ରକୃତରେ ପାଚିଲା, ନାଲିଗୁଡ଼ିକ କଞ୍ଚା । - ରାଧାରମଣ କହିଲେ ।

ସବୁଯାକ ଚେରି ଏକାଥରକେ ମୁଠାରେ ଧରୁଥିଲେ ସିଦ୍ଧାର୍ଥ । ରାଧାରମଣ ହସି ହସି କହିଲେ, ""ଜଣେ ବନ୍ଧୁ ସିମଲାରୁ ଆଣିଥିଲେ । ତୁମେ କିନ୍ତୁ ଗୋଟିଏ ଗୋଟିଏ କରି ଏଗୁଡ଼ିକ ଖାଇବ ।"

ରାଧାରମଣଙ୍କ କଥାର ଇସାରା ବୁଝି ସିଦ୍ଧାର୍ଥ ହସିଦେଲେ ।



*Dr. Gourahari Das , a front-liner among Indian authors writing in Odia, Gourahari Das is not only a fictionist, playwright, critic and poet but a Media-academician and a leading journalist. Dr Gourahari Das was felicitated with prestigious Sarala Puraskar this year. Gourahari Das was also named as recipient of the Sahitya Akademi Translation Prize for the year 2021 for 'Chheli Chareibara Dina' — his Odia translation of Malyalam novel 'Aadujeevitham' (Goat Days) by Uday Parkash*



# ସ୍ପର୍ଶ ଶେଷ ସ୍ପନ୍ଦନର

ଡ. ଇତି ସାମନ୍ତ

ବର୍ଷା !
ଭୀଷଣ ବର୍ଷା !
ଯେମିତି ଏକାଦିନକେ ଭସେଇନେବ ସାରା ସହରଟାକୁ !
ବାଲ୍‌କୋନୀରେ ବସି ଦେଖି ଚାଲିଥିଲେ ବର୍ଷାର ଅବାରିତ ଧାରାକୁ ଆକାଶ !
ଦିନ ଥିଲା...!
ବର୍ଷାରେ ଅନେକ ଭିଜୁଥିଲେ ସେ !

ବର୍ଷାର ବେଗ ଯେଭଳି ବି ହେଉ, ତାଙ୍କର କିନ୍ତୁ ଭିଜିବାକୁ ମନ ହେଉଥିଲା । ଯେତେ ସମୟ ଧରି ବର୍ଷାରେ ଭିଜିଲେ ବି ପୂରେନି ସେ ମନ । କିନ୍ତୁ ଫେରିବାକୁ ପଡେ । ବର୍ଷାରେ ଭିଜିଭିଜି ଯେତେବେଳେ ଘରକୁ ଫେରନ୍ତି, ପତ୍ନୀ ଧାରା ଟାୱେଲଟିଏ ବଢ଼ଉ ବଢ଼ଉ କୁହନ୍ତି, "ଯେତେ କହିଲେ ଶୁଣିଲ ନାହିଁ? ଦେହ ପ୍ରତି ଟିକିଏ ବି ନିଘା ରଖିଲ ନାହିଁ? ହଁ ! ମୁଁ ବି କାହିଁକି କହୁଛି ଯେ ? କିଏ କୋଉ ଶୁଣିବାର ଅଛି ମୋ କଥା ? ବର୍ଷା ତ ପରମ ଆତ୍ମୀୟ ! ହୃଦୟ ଭିତରର ! ମୁଁ କୋଉ ସେଠି ଅଛି ଯେ, କହିଲେ ଶୁଣିବ?" ଅଭିମାନରେ ମୁହଁ ଫୁଲେଇ ଦିଅନ୍ତି ଧାରା ।

ବୁଝିଯା'ନ୍ତି ସେ ପତ୍ନୀଙ୍କ ଅଭିମାନ!
ହସି ଦିଅନ୍ତି !
ଧାରାଙ୍କ ହାତରୁ ଟାୱେଲ ନେଇ ବାଥ ରୁମ ଭିତରକୁ ପଶି ଯାଉଯାଉ କୁହନ୍ତି, "ସତରେ କହୁଛି ତମକୁ ଆଉ କିଛି... ! ଆ... ଛିଙ୍କ ... !"
କଥା ଶେଷ କରିପାରନ୍ତିନି ସେ ! ଛିଙ୍କ ଆସିଯାଇଥାଏ ତାଙ୍କର !

"ହେଇ ଦେଖିଲ ! ଆରମ୍ଭ ହେଇଗଲା ! ସବୁବେଳେ ସେଇ କଥା । ମଣିଷ କହିକହି ଥକିଲା । ତମେ କାହିଁ ଶୁଣିବାକୁ ଯିବ ? ଚଞ୍ଚଳ ପୋଛି ହେଇ, ଶୁଖିଲା ଲୁଗା ପିନ୍ଧିଲ । ମୁଁ ଅଦା, ଗୋଲମରିଚ ପକେଇ ଚା' କରି ଆଣୁଛି । ଓଃ ! ସବୁବେଳେ ସେଇକଥା! କ'ଣ ଯେ କରିବି...!" ବ୍ୟସ୍ତ ହୋଇ ରୋଷେଇ ଘରକୁ ପଶିଯାନ୍ତି ଧାରା ।

ହେଲେ ଆଜି !
ସବୁକିଛି ନିରବ !
ସ୍ଥିର !

ନା' ସେ ଚଞ୍ଚଳତା! ନା' ବର୍ଷାରେ ଭିଜିବାରେ ବ୍ୟାକୁଳତା । ଚୁପ୍ ହେଇ ବସି ଦୂରରୁ ଖାଲି ବର୍ଷାକୁ ଦେଖିବା ଛଡ଼ା ଆଉକିଛି ନାହିଁ । ଏବେ ଖାଲି ଘର ଭିତରେ ଥାଇ ବର୍ଷାକୁ ଦେଖିବା କଥା । ହାତ ବଢ଼େଇ ତାକୁ ଧରିବା କଥା ଭାବିଲେ କେମିତି ଗୋଟେ ଶିତେଇ ଉଠେ ଦେହ । ଆଉ ବର୍ଷାରେ ଭିଜିବା କଥା! ସେସବୁ ଛାଡ଼ି ସାରିଲେଣି ସେ କେବେଠାରୁ ।

"ବାପା ଚା' ।"
ଆକାଶଙ୍କ ବୋହୂ ଗାୟତ୍ରୀ ଚା' ଦେଲା ତାଙ୍କୁ ।

"ଆରେ ମା' ଖବରକାଗଜ ଆଣିଲୁନି କି?" ଆଖିରୁ ଚଷମା ଖୋଲି ପୋଛୁ ପୋଛୁ କହିଲେ ଆକାଶ।

"ଦେଇନି ବାପା?"

"ବର୍ଷା ପାଇଁ ହେଇଥିବ। ଏତେ ବର୍ଷାରେ ଆଉ କେମିତି ଆସିପାରିବ?"

"ମୁଁ ଯାଉଛି ଜଳଖିଆ କରିବି।"
ଫେରିଗଲା ଗାୟତ୍ରୀ।
ଚା' କପ ଉଠାଇ ଓଠରେ ଲଗାଇଲେ ଆକାଶ।
ବର୍ଷାକୁ ସାଥୀରେ ନେଇ ଦୃଷ୍ଟି ତାଙ୍କର ଲମ୍ବିଗଲା ଦୂରକୁ... ଦୂରକୁ...!

"ବାପା...!"
... ... ...
"ବାପା...!"

"ବାପା, ଫୋନ୍ ଆସିଛି ଆପଣଙ୍କର!"
ଅନ୍ୟମନସ୍କତା ଭାଙ୍ଗିଲା ଆକାଶଙ୍କର।

"ପବିତ୍ର ଅଙ୍କଲ୍ ଲାଇନ୍‌ରେ ଅଛନ୍ତି।" ଆକାଶଙ୍କ ହାତକୁ ମୋବାଇଲ ବଢ଼ଉ ବଢ଼ଉ କହିଲା ମୋହନ।

"ହାଲୋ!"

"କ'ଣ କରୁଛୁକି? ପୁଅ ତିନିଥର ବାପା ବାପା ଡାକିଲେ ବି ଶୁଣୁନୁ ? କାରଣଟା ନିଶ୍ଚିତ ବର୍ଷା? "

"... ... ...
ଛାଡ ସେ କଥା! କ'ଣ ଖବର କହିଲୁ। ବହୁତ ଦିନ ପରେ ଫୋନ୍ କରୁଛୁ। ତମ ଆଡ଼େ ବର୍ଷା ହେଉଛି ନା' ନାହିଁରେ? "

" ଆମ ଆଡ଼େ ବର୍ଷା ! ନା' ! ଆମ ଆଡ଼େ ଆଉ ବର୍ଷା କାହିଁକି ହେବ?"

"ଆରେ ନା'! ସେମିତି କାହିଁକି କହୁଛୁ? ବର୍ଷା ଖାଲି ମୋ ସହରରେ କାହିଁକି ହେବ? ପାଣିପାଗ ପରା ସେଇଆ କହିଛି।"

"ପାଣିପାଗ ଯାହାବି କହୁ, ବର୍ଷା ତୋ ସହର, ତୋ ପାଖ କ'ଣ ସହଜରେ ଛାଡ଼ିବ ? ଆଚ୍ଛା ବର୍ଷାରେ ମର୍ଣ୍ଣିଂ ୱାକ ଯାଇଛୁ ନା' ନାହିଁ?"

"ହାଃ... ହାଃ... ହାଃ...! ମନେରଖିଛୁ, ମୋର ବର୍ଷାଭିଜା ସକାଳବୁଲା କଥା?"

"ଆଉ ଲଙ୍ଗ ଡ୍ରାଇଭ୍ ? ମନେ ପଡୁଛି? ସେଥର ଆମେ ଯୋଉ ପିକ୍‌ନିକ୍ ଯିବା ପାଇଁ ସ୍ଥିର କରିଥିଲେ ? ବାହାରିଲା ବେଳକୁ ସକାଳୁ ସକାଳୁ ବର୍ଷା କ'ଣ ଛାଡ଼ିଥିଲା ଆମମାନଙ୍କ ସାଙ୍ଗ?"

"ଲଙ୍ଗ୍‌ଡ୍ରାଇଭ୍ ? ମୁଁ ଦେଖୁଛି ତୁ କିଛି ଭୁଲିନୁ ? ସକାଳୁ ସକାଳୁ ଫୋନ୍ କରିଛୁ କ'ଣ ଖାଲି ପୁରୁଣା କଥାସବୁ ମନେ ପକେଇବା ପାଇଁ?"

"କୋଉ କଥା ତୁ ଭୁଲିଥିବୁ ଯେ ମୁଁ ମନେ ପକେଇ ଦେବି? ତୁ ଯାହା କହ ସାଙ୍ଗ, ସେ ଦିନମାନଙ୍କର ସେ ବର୍ଷା! ତୋ ସହରରେ, ତୋ ଚାରିକଡ଼େ ଖାଲି!"

"ଛାଡ଼ ସେ କଥା! ଆଉ କ'ଣ ଲଙ୍ଗ ଡ୍ରାଇଭ, ଆଉ କ'ଣ ବର୍ଷା ! ଗାଡ଼ି ଚଲେଇବା ଛାଡ଼ି ସାରିଲିଣି କେତେ ବର୍ଷ ତଳୁ। ଛାଡ଼ି ସାରିଲିଣି ବର୍ଷାରେ ଭିଜିବା!"

"ଏତେଦିନ ପରେ ପବିତ୍ର ଫୋନ୍ କରିଛନ୍ତି, ତାଙ୍କୁ ସେଇ କଥା କହୁଛ? ସେତିକି ଥାଉ ବର୍ଷା କଥା! ଗପୁଥିବ ସେମିତି? ଜଳଖିଆ କେତେବେଳେ ଖାଇବ ? ମେଡିସିନ୍ କେତେବେଳେ ଖାଇବ? ଏବେ ବି ବର୍ଷା ହେଲେ କୋଉଠି ହଜିଯାଅ, ମନେ ପକେଇବାକୁ ପଡ଼ିବ ସବୁ କଥା।"

"ହଉରେ ପବିତ୍ର, ରଖୁଛି ଏବେ।"
ଟି'ପୟ ଉପରେ ଫୋନ୍ ରଖିଲେ ଆକାଶ।

"ପୁରୁଣା ସାଙ୍ଗ! ପୁରୁଣା ଗପ! ପୁରୁଣା ସ୍ମୃତି! ମନେ ପଡ଼ିଯାଇଥିବ କେତେ କ'ଣ । ଯାହାହେଉ ବର୍ଷା ସକାଳଟାରେ ପୁରୁଣା ସାଙ୍ଗର ଫୋନ୍ । ଖୁସୀରେ ଭରି ଯାଇଥିବ ମନ।" ସ୍ମିତ ହସି କହିଲେ ଧାରା।

"ସ୍ମୃତି କ'ଣ କେବେ ପୁରୁଣା ହୁଏ ଧାରା? ସ୍ମୃତି ତ ସ୍ମୃତି! ସେଥିରେ ଆଉ ନୂଆ ପୁରୁଣା କ'ଣ?"

ଧୀରେ କହିଲେ ଆକାଶ।

"ହଉ ଛାଡ଼ ଜଳଖିଆ ଖାଇନିଅ। ମୁଁ ଯାଉଛି। ଗାୟତ୍ରୀକୁ କହୁଛି ଆସି ଔଷଧ ଦେଇଯିବ।"

"ଧାରା...!" ପଛରୁ ଧୀରେ ଡାକିଲେ ଆକାଶ।
ଫେରି ଚାହିଁଲେ ଧାରା।
"କ'ଣ? ପାଣି ଦେଇନି କି?"

"ସବୁ ଦେଇଛ । କିଛି ଦରକାର ନାହିଁ ଆଉ । ଯେବେଠୁ ମୋ ଜୀବନ ପରିଧିକୁ ଆସିଲଣି, କିଛିରେ କମ 'କରିନାହଁ ତମେ ମୋର ଧାରା! ତମେ କ'ଣ କେବେ କିଛି ଭୁଲ୍ କରିପାର? ଜମା ନୁହଁ ।"

ନିରବ ରହିଲେ ଧାରା ।
"ବସ ଟିକିଏ ମୋ ପାଖରେ ।"

"ଏଁ ! ବର୍ଷା ଆଉ ତମେ ! ସେଥିରେ ପୁଣି ମୁଁ ବସିବି ତମ ପାଖରେ? ବର୍ଷା ଆଉ ତମ ଭିତରେ ମୁଁ କେବେ ପଶି ପାରିଛି ନା' ପାରିବି? ନିଜେ ହିଁ ତ ଏକଥା କହିଛ ।" ସ୍ମିତ ହସି କହିଲେ ଧାରା ।

"ତମେ ବି ବର୍ଷାକୁ ଭଲପାଅ ଧାରା! ମୁଁ ଜାଣିଛି । ତମେ ଯଦି ବର୍ଷାକୁ ଭଲ ପାଉ ନଥାନ୍ତ, ତା'ହେଲେ ମୋ ଭିତରେ ଏତେ ବର୍ଷ ଧରି ବର୍ଷା ପ୍ରତି ଏମିତି ଭଲପାଇବା କେମିତି ସାଇତା ହେଇ ରହି ପାରିଥାନ୍ତା କୁହ? ତମେ ବହୁତ ଉଦାର ଧାରା । ତମେ ଯଦି ମୋତେ ସମ୍ଭାଳି ନ ଥାନ୍ତ, ସେତିକି ସ୍ନେହରେ ମୋ ହାତକୁ ଜାବୁଡ଼ି ଧରି ନଥାନ୍ତ ତା'ହେଲେ କ'ଣ ଯେ ହେଇଥାନ୍ତା...!"

ସ୍ପଷ୍ଟରୁ ଧୀରେଧୀରେ ଅସ୍ପଷ୍ଟ ହେଇଆସିଲା ଆକାଶଙ୍କ ସ୍ୱର ।
"ହଉ! ତମେ ଆଗେ ଜଳଖିଆ ଖାଇନେଲ । ଔଷଧ ଖାଇବ ।
ଡେରି ହେଇ ଯାଉଛି । ପୂଜା ସରିନି ଆହୁରି ମୋର । ଝୁଣା ଧୁଆଁ ଟିକିଏ ଦେଇଆସେ ।"
"ଭୋକ ସେମିତି ଲାଗୁନି ଆଜି ଧାରା ! ଖାଇବାକୁ ମନ ହେଉନି ଆଦୌ ।"

"ଅଳ୍ପ ଟିକିଏ କ'ଣ ଖାଇଦିଅ । ଔଷଧ ଖାଇବାକୁ ପଡ଼ିବ । ଏମିତିରେ କେତେ ଦିନ ହେଲାଣି ତମେ ବହୁତ କମ ଖାଉଛ । ସବୁବେଳେ ଖାଲି କ'ଣ ଭାବିଲା ଭଳି ଲାଗୁଛ । ମୁଁ ତ କେବେ କିଛି ବାଧ କରି ପଚାରେନି ତମକୁ, ତମେ ଜାଣିଛ ।"

"ତମେ ମୋର କୋଉ କଥା ନ ଜାଣିପାର ଯେ, ବାଧ କରି ପଚାରିବ ମୋତେ ଧାରା?" ଧାରାଙ୍କ ଆଖି ଉପରେ ନଜର ସ୍ଥିର ରଖି କହିଲେ ଆକାଶ ।

ଆକାଶଙ୍କ ମୁହଁକୁ ସ୍ଥିର ନଜରରେ ଚାହିଁ ରହିଲେ ଧାରା ।

"ବୁଝିପାରୁନି ମୁଁ, ସବୁ ଭିତରେ ବି କାହିଁକି ଗୋଟେ ଉଦାସିଆ ଭାବ ଘେରି ରଖୁଛି ମୋତେ । ମନ ଭିତରର ସବୁକିଛି ଧୂଆଁଳିଆ ହେଇଯାଉଛି ଯେମିତି । ଅସ୍ଥିର କରି ପକାଉଛି ମୋତେ ।"

"ହଉ ଛାଡ଼ ସେକଥା । ତମେ ଆଗେ ଜଳଖିଆ ଖାଇ ଔଷଧ ଖାଇଲ । ଦେଖିବା ତା'ପରେ କ'ଣ ହେଉଛି । ପୂଜା ସାରିଦେଇ ଆସେ ମୁଁ ।"

ଘର ଭିତରକୁ ଗଲେ ଧାରା ।
ପ୍ଲେଟ୍‌ରୁ ଚାମୁଚେ ଉପମା ନେଇ ପାଟିରେ ଦେଉଦେଉ ପୁଣି ଥରେ ଅନ୍ୟମନସ୍କ ହେଇଗଲେ ଆକାଶ ।

"ଅଙ୍କଲ୍ ନମସ୍କାର!"
ଚହଲିଗଲା ଭାବନା ଆକାଶଙ୍କର ।
"ଏଁ... । ସରୋଜ? ତୁ?"

"ବସ୍‌ବସ୍। ତୋର ତ ଆଉ ଦେଖା ଦର୍ଶନ ନାହିଁ । ବୋଧହୁଏ, ତିନିଚାରି ବର୍ଷ ତଳେ ତତେ ଦେଖିଥିଲି । କି ସଫ୍ଟଓଏର ଚାକିରି କଲ ଯେ ସବୁ, ଦେଶକୁ ବି ଭୁଲିଗଲ?"

"ନା' ଅଙ୍କଲ୍ ! ଭୁଲିନି ଯେ, କିନ୍ତୁ କ'ଣ କରିବା ? ନ କଲେ ନ ହୁଏ । ଇଚ୍ଛା ଥିଲେ ବି କ'ଣ ଫେରି ଆସି ହେଉଛି? ତେବେ ଏଥର ଭାବିଛି, ଯାହା ବି ହେଉ ଆସନ୍ତାବର୍ଷ ବାଙ୍ଗାଲୋର ଚାଲି ଆସିବି । ଆଉ ମନ ହେଉନି । ଏଥର ୟୁଏସ୍ ଛାଡ଼ି ଆସି ଦେଶରେ ରହିବି ।"

"ଆସିଲୁ କେବେ ୟୁଏସ୍ ରୁ?"
"ଏଇ ସପ୍ତାହେ ହେବ ।"
"ଭଲ ହେଲା ଆସିଲୁ । ଦେଖା ହେଇଗଲା । ଦେଖୁନୁ ସକାଳୁ କେମିତି ଗାଜୁଛି ବର୍ଷା ? କେମିତି ଆସିଛୁ ?"
"ମୁଁ ଗାଡ଼ିରେ ଆସିଛି ।"

"ହଉ, ତୁ ଯା' ଭିତରକୁ । ତୁ ତ ଅଛୁ ଆଜି । ଖରାବେଳେ ଏକାଠି ଖାଇବା, କଥାବାର୍ତ୍ତା ହେବା ।"

"କ'ଣ କରିବି ଅଙ୍କଲ୍।"

ମୋ ବୋଉର ଦୂର ସମ୍ପର୍କୀୟ ଭଉଣୀ ହେବେ । ମୁଁ ଯେବେଠୁ ଆସିଲିଣି ତାଙ୍କରି ପାଖରେ ଯାଇ ବସୁଛି । ଭାରି ଦୁଃଖି ସେ ।"

"ମାଉସୀ ଆଉ କୋଉଠି ବାହାହେଲେ? ବୋଉ ସବୁବେଳେ କୁହେ ରୂପର ଯେମିତି, ଗୁଣର ବି ସେମିତି ମାଉସୀ । ଟିଚରସିପ୍ କରୁଥିଲେ । କିନ୍ତୁ ଯିଏ ଯେତେ କହିଲେ, ବୁଝେଇଲେ ବି କ'ଣ ହେଲା କେଜାଣି ମାଉସୀ ବାହା ହେଲେ ନାହିଁ । ବାବୁଭାଇ ତାଙ୍କର ବଡ଼ ଭଉଣୀଙ୍କ ପୁଅ । ସିଏ ହିଁ ଯତ୍ନ ନେଉଛନ୍ତି ମାଉସୀଙ୍କର ।"

"କ'ଣ କରେ ତୋର ବାବୁଭାଇ?"

"ବାବୁଭାଇ? ଓଃ! ସିଏ ପରା ଡକ୍ଟର ରାଜେଶ ଦାସ ! ଆମେ ବାବୁଭାଇ ଡାକୁ ତ ମୁଁ ସେତେବେଳୁ ବାବୁଭାଇ କହୁଛି ।"

"ଓଃ! ଡକ୍ଟର ରାଜେଶ ଦାସ? ମାଉସୀଙ୍କର କ'ଣ ହେଇଛି?"

"କୋଭିଡ୍ ହେଇଥିଲା, ଭଲ ବି ହେଇଯାଇଥିଲା । କିନ୍ତୁ ତା'ପରେ କ'ଣ ହେଲା କେଜାଣି । ଦେହ ଖରାପ ସେମିତି ଲାଗି ରହିଲା ତାଙ୍କର! ପୋଷ୍ଟ କୋଭିଡ୍ ଇଫେକ୍ଟ କି କ'ଣ, କିଛି ଜଣାପଡ଼ିଲାନି ।"

"ଏବେ କୋଉଠି?"
"ସନ୍‌ରାଇଜ୍ ହହସ୍ପିଟାଲ୍‌ରେ ।"
ଡାଇନିଂ ଟେବୁଲ "ଦୁଇପଟେ ଦୁଇଟି ଚେୟାର ରେ ଦୁଇ ବନ୍ଧୁ ମୋହନ ଆଉ ସରୋଜ ।

"ଏଇ, ଶୁଣୁଛ ! ବାପା କ'ଣ ବାଲ୍‌କୋନୀରେ ନାହାନ୍ତି?" ବ୍ୟସ୍ତ ହେଲାଭଳି କଣ୍ଠସ୍ୱର ଗାୟତ୍ରୀର ।
"ରୁମ୍‌ରେ ଥିବେ । ବର୍ଷା ଜୋର୍‌ରେ ହେଲାଣି । ଭିତରକୁ ଚାଲି ଆସିଥିବେ ଦେଖ !"
"ମୁଁ ତ ସେଇଆ ଭାବିଲି । ମେଡିସିନ୍ ଦେବି ବୋଲି ବାଲ୍ କୋନୀକୁ ଯାଇ ଦେଖିଲା ବେଳକୁ ବାପା ନାହାନ୍ତି ସେଠି ।

ରୁମ୍‌କୁ ଗଲି । ବାଥରୁମ୍ ବି ଦେଖିଲି । କୋଉଠି ବି ନାହାନ୍ତି ବାପା!"

"କ'ଣ କହୁଛ? ବାଲ୍‌କୋନୀରେ ତ ବସିଥିଲେ! ଏଇତ ସରୋଜ ତାଙ୍କ ପାଖରୁ ଆସିଲା?"

"କ'ଣ ହେଲା?"
ପୂଜାଘରୁ ବାହାରି ଆସିଲେ ଧାରା ।
"ବାପାଙ୍କୁ କୋଉଠି ଦେଖିଲିନି ତ ସେଥିପାଇଁ...!" ଧୀରେ କହିଲା ଗାୟତ୍ରୀ ।

"ରୁହ ମୁଁ ଦେଖୁଛି ।" ଖାଉ ଖାଉ ଉଠିଗଲା ମୋହନ ।
ଗାଡ଼ି ଷ୍ଟାର୍ଟ ହେବାର ଶବ୍ଦ...
"ହଠାତ୍ ଗାଡ଼ି କିଏ ଷ୍ଟାର୍ଟ କଲା?"

"ଦେଖିଲୁ ଦେଖିଲୁ ଟିକେ! ତମେ ସବୁ ତ ଏଠି! ବାପା କ'ଣ ଆଉ...! ମୁଁ ବି ଯାଏ ଦେଖେ ।" କହୁକହୁ ଶିଢ଼ି ପାହାଚ ଆଡ଼କୁ ବୁଲି ପଡ଼ିଲେ ଧାରା ।

"ହେଇ ପରା ବାପାଙ୍କର ପୁରୁଣା ଫିଆଟ୍ ଗାଡ଼ିଟା ବାହାରି ଯାଉଛି !

ତା'ହେଲେ କ'ଣ ବାପା...!!" ଆଶ୍ଚର୍ଯ୍ୟ କଣ୍ଠସ୍ୱର ମୋହନର ।

"ହଁ! ବାପା ତ ହେଇଥିବେ । ନ ହେଲେ ଆଉ କିଏ? କିନ୍ତୁ ବୁଝିପାରୁନି ଏତେ ବର୍ଷାରେ ହଠାତ "ଏମିତି ଗାଡ଼ି ଧରି କୁଆଡ଼େ ବାହାରିଲେ ? ଗାଡ଼ି ଚଲେଇବା ତ କେବେଠୁ ଛାଡ଼ି ସାରିଲେଣି ସେ । ମୁଁ ତ କିଛି ବୁଝିପାରୁନି?" ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଧାରା ।

"ଆଶ୍ଚର୍ଯ୍ୟ କଥା, ଏତେ ବର୍ଷାରେ ବାପା କୁଆଡ଼େ ବାହାରିଲେ ଏମିତି!"

"ବାପା ଯେମିତି ଭାବରେ ଗେଟ୍ ବାହାରକୁ ଗାଡ଼ି ନେଲେ, ଲାଗୁଛି ଯେମିତି ଭାରି ବ୍ୟସ୍ତ ହେଇ କୁଆଡ଼େ ବାହାରିଛନ୍ତି!"
"କ'ଣ ହେଲା ବାପାଙ୍କର? କାହିଁକି ହଠାତ "ବାହାରିଲେ ଏମିତି?"
"ଓଃ! ମୋ ମୁଣ୍ଡ ବୁଲେଇ ପକେଇଲାଣି । ଏ ବର୍ଷାରେ ଗାଡ଼ି ଚଲେଇ...!"

ମୁଣ୍ଡରେ ହାତଦେଇ ବସିପଡ଼ିଲେ ଧାରା ।

x x x

"ଦେଖି ପାରୁଛୁ ସରୋଜ । ହେଇ ପରା ବାପାଙ୍କ ଗାଡ଼ି । ମହାବୀର ଛକ କ୍ରସ୍ କରି ଡାହାଣକୁ ବୁଲିଲେ । ବାପା ଏତେ ଜୋର ରେ ଗାଡ଼ି ଚଲଉଛନ୍ତି କାହିଁକି? ପୁଣି ଏତେ ବର୍ଷାରେ?"

"ଭାରି ବ୍ୟସ୍ତ ଲାଗୁଛି । କୁଆଡ଼େ ଯେ ଯାଉଛନ୍ତି!"
"ଦେଖିଲୁ ମୋହନ, ଅଙ୍କଲ କ'ଣ ସନ୍‌ରାଇଜ୍ ହସ୍ପିଟାଲ୍ ଆଡ଼ର ରାସ୍ତା ଧରିଲେ?"

"ସେଇଆ ତ ଦେଖାଯାଉଛି? କିନ୍ତୁ ବୁଝିପାରୁନି ମୁଁ, ହଠାତ ଏମିତି କାହାକୁ କିଛି ନ ଜଣେଇ ବାପା ହସ ପିଟାଲ "କାହିଁ ଯାଉଛନ୍ତି?"

"ଆରେ ଦେଖ୍, ସନ୍‌ରାଇଜ୍ ହସ୍ପିଟାଲ୍ ଗେଟ୍ ଭିତରେ ପଶିଲା ଅଙ୍କଲ୍‌ଙ୍କ ଗାଡ଼ି ।"
"ହଁ ତ... । ଏତେ ବର୍ଷାରେ, ହଠାତ୍ ବାପାଙ୍କର ହହସ୍ପିଟାଲ୍ ଆସିବା କ'ଣ ଦରକାର ପଡ଼ିଲା!"
"ହଉ ! ଏତେ ବ୍ୟସ୍ତ ହ'ନା' । ଆମେ ବି ପହଞ୍ଚିଯିବା ପଛେପଛେ ।"

ହସ୍ପିଟାଲର ପାର୍କିଂରେ ଗାଡ଼ିରଖି ତରତରରେ ଭିତରେ ପଶିଲେ ଆକାଶ ।

ଗୋଟିଏ ମିନିଟ୍ ରିସେପ୍ସନ୍ ରେ !
ତା'ପରେ ଶିଢ଼ି ପାହାଚ !
"ସାର୍ ଶୁଣନ୍ତୁ...! ଟିକିଏ ରୁହନ୍ତୁ...! ଆପଣ ଏମିତି ବାହାରୁ ଆସି ସେଠିକୁ ଯାଇପାରିବେନି ସାର୍ ।"

ପଛରୁ ବଡ଼ ପାଟିରେ କହୁଥିଲେ ରିସେପ୍ସନିଷ୍ଟ ।
ଗୋଟିଏ ପରେ ଗୋଟିଏ ପାହାଚ ଡେଇଁ ଚାଲିଥିଲେ ସେ ।
ସନ୍‌ରାଇଜ୍ ହସ୍ପିଟାଲ୍ ସେକେଣ୍ଡ୍ ଫ୍ଲୋର୍ !

ନିର୍ଦ୍ଦିଷ୍ଟ ସେହି କ୍ୟାବିନ୍ ସାମ୍ନାରେ ଅଟକିଲା ପାଦ ଆକାଶଙ୍କର !

ଦୁଆର ଠେଲି ଭିତରେ ପାଦ ରଖିଲେ ।
ପ୍ରଶସ୍ତ କକ୍ଷ ! ସୁସଜ୍ଜିତ ! ଆକର୍ଷଣୀୟ ! ଦାମୀ ସୁଦୃଶ୍ୟ ସୋଫା ।
ଟେଲିଭିଜନ୍ ସେଟ୍‌ । ମଝିରେ ସମସ୍ତ ଉପକରଣରେ ସଜ୍ଜିତ ଅତ୍ୟାଧୁନିକ ହସ୍ପିଟାଲ ବେଡ୍ ।

ଆଉ ବେଡ୍‌ରେ...!
ସ୍ଥିର ହୋଇଗଲା ନଜର ଆକାଶଙ୍କର!
"ଆପଣ...? କିଏ ଆପଣ? ଭିତରକୁ କେମିତି ଆସିଲେ?

କିଏ ଛାଡ଼ିଲା ଆପଣଙ୍କୁ ଏମିତି ହଠାତ ? ଡକ୍ଟର ରାଜେଶ ଦାସ ପରମିଶନ୍ ଦେଇଛନ୍ତି ଆପଣଙ୍କୁ?" ଅଟକେଇଲେ ନର୍ସ ।
ଗମ୍ଭୀର ମୁଖଭାବ ଆକାଶଙ୍କର ।
ପାଦ ବଢ଼ାଇଦେଲେ ବେଡ୍ ଆଡ଼କୁ ।
"ସରି ସାର୍ ! ଆପଣ ଏମିତି ଯାଇ ପାରିବେନି ତାଙ୍କ ପାଖକୁ ସାର୍।"

"ଆପଣ କ'ଣ ଜାଣନ୍ତି ପେସେଣ୍ଟ କେତେ ସିରିଅସ୍ ? ହେଲେ ଆପଣ ଏମିତି ଜବରଦସ୍ତି ପଶିଆସି ସିଧା ପେସେଣ୍ଟଙ୍କ ପାଖକୁ ଯାଉଛନ୍ତି ।"

ପ୍ରତିରୋଧ କରି ଚାଲିଲେ ନର୍ସମାନେ ।
କିନ୍ତୁ ନା' ! ନର୍ସମାନଙ୍କର ଆଉ କୌଣସି ବି ପ୍ରତିରୋଧ ଅଟକେଇ ପାରିଲା ନାହିଁ ଆକାଶଙ୍କୁ ।
ଗୁରୁ ଗମ୍ଭୀର ଚେହେରା ସହିତ ଭାରି ପାଦ ତାଙ୍କର ପହଞ୍ଚିଗଲା ଯାଇ ପେସେଣ୍ଟ ପାଖରେ ।

ଜୀର୍ଣ୍ଣ ଶୀର୍ଣ୍ଣ ଶରୀର! ଶୁଷ୍କ ମୁହଁ! ବିଛଣାରେ ମିଶିଯିବା ପରି ଚେହେରା ! ଚାରିକଡ଼ୁ ବିଭିନ୍ନ ମେସିନ୍‌ର ପାଇପ୍ ଆସି ଦେହର ବିଭିନ୍ନ ଜାଗାରେ ଗୁନ୍ଥା !

ଏକଲୟରେ ଚାହିଁ ରହିଲେ ଆକାଶ, ଶେତା ପଡ଼ିଯାଇଥିବା ସେହି ମହିଳାଙ୍କ ମୁହଁକୁ ।

ସବୁକିଛି ଶୁନ୍‌ଶାନ୍, ଚୁପ୍‌ଚାପ୍ !
ଭିତରୁ ବାହାର ଯାକେ ଆକାଶଙ୍କର ସବୁକିଛି ଯେମିତି ନିରବ ହୋଇ ଯାଉଥିଲା ।
କିନ୍ତୁ...!
ନିରବତା ଭାଙ୍ଗିଲେ ଆକାଶ ।

ନିଜର ଥରଥର ହାତ ଉଠାଇ ସ୍ନେହର ସ୍ପର୍ଶ ଦେଲେ ମୁଣ୍ଡରେ ମହିଳାଙ୍କର !

"ବର୍ଷା...!"
"ବର୍ଷା...!"
ଅନୁଚ୍ଚ ଥର ଥର ଡାକ ଆକାଶଙ୍କର !
ଚମକି ଚାହିଁଲେ ନର୍ସମାନେ !
କେଉଁଠୁ ବାହାରୁଛି ଏ ସ୍ୱର ! କେତେ ଗଭୀର!!!
କେତେ ବେଶୀ ସ୍ନେହ ଭରା !!!

"ବର୍ଷା...!"
"ବର୍ଷା...!"
ପୁଣି ସେଇ ଅନୁଚ୍ଚ ଥରଥର କଣ୍ଠସ୍ୱର ଆକାଶଙ୍କର ।

ଆଶ୍ଚର୍ଯ୍ୟ!!
ଉନ୍ମୀଳିତ ହେଲା ମୁଦ୍ରିତ ନୟନ ।

ଆଃ! ପତର କଅଁଳିବ କି ଆଉଥରେ ସମ୍ପୂର୍ଣ୍ଣ ଶୁଖିଯାଇଥିବା ଡାହିଟିରେ !

ସ୍ତବ୍ଧ ନର୍ସମାନେ!
ଧୀରେ ଆଖି ଖୋଲିଲେ ବର୍ଷା ।
ଚାହିଁଲେ ଆକାଶଙ୍କୁ ।

ଅକ୍ସିଜେନ୍ ମାସ୍କ ଭିତରୁ ବର୍ଷାଙ୍କ ମୁହଁରୁ ବାରି ହେଇ ଯାଉଥିଲା ତାଙ୍କ ଭିତରୁ ଉକୁଟି ଆସୁଥିବା ସ୍ମିତହସର ଆଭା । ଲାଗୁଥିଲା ଦୁନିଆର ସବୁତକ ପବିତ୍ରତାଠାରୁ ପବିତ୍ରତମ ସେ ଆଭା !

ସ୍ଥିର ନେତ୍ରରେ ବର୍ଷାଙ୍କୁ ଦେଖି ଚାଲିଥିଲେ ଆକାଶ ।
ଖୋଜି ଚାଲିଥିଲେ ବହୁତ କିଛି ।
"ପଢ଼ିପାରୁଛି ମୁଁ ତମ ମୁହଁର ଏ ଗହୀରିଆ ଭାବକୁ । ବୁଝିପାରୁଛି ମୁଁ ଦୀର୍ଘ ପ୍ରତୀକ୍ଷାକୁ ତମର ।"

ଧୀରେ ଧରିଲେ ବର୍ଷାଙ୍କ ଶୀର୍ଣ୍ଣ ହାତକୁ ଆକାଶ ।

ଅନୁଭବ କଲେ ଈଷତ "ଉଷ୍ଣତାର ଚାପ । ଆଉ ଟିକିଏ ଜୋର୍‌ରେ ଜାବୁଡ଼ି ଧରିଲେ ବର୍ଷାଙ୍କ ଶୀର୍ଣ୍ଣ ହାତକୁ । ଆଖିକୋଣରୁ ଲୁହ ବୁନ୍ଦା ଖସି ଆସିବାକୁ ପ୍ରବଳ ପ୍ରୟାସ । ନିୟନ୍ତ୍ରଣ କଲେ ନିଜକୁ ଆକାଶ ।

ଏକଲୟରେ ଚାହିଁ ରହିଲେ ବର୍ଷାଙ୍କ ମୁହଁକୁ । ଅନୁଭବ କରିଚାଲିଲେ ବର୍ଷାଙ୍କ ହାତର ଉଷ୍ମତାକୁ ।

"ତମେ... ଆସିଛ...!"
ଅତି ଅନୁଚ୍ଚ ଅସ୍ପଷ୍ଟ କଣ୍ଠସ୍ୱର ବର୍ଷାଙ୍କର ।
ସେମିତି ଚାହିଁ ରହିଥିଲେ ବର୍ଷାଙ୍କ ମୁହଁକୁ ଆକାଶ । ସୁନ୍ଦର ସେହି ଧରାବନ୍ଧା ସ୍ମିତ ହସଟିର ଆଭା ବର୍ଷାଙ୍କ ମୁହଁରେ ।
ଆଖିର ଇସାରାରେ ନିରବ ଉତ୍ତର ଥିଲା ବର୍ଷାଙ୍କ ପାଇଁ ।
ଚାହିଁ ରହିଥିଲେ ଆକାଶଙ୍କ ମୁହଁକୁ ବର୍ଷା! ଲୁହ ବୁନ୍ଦା ବୋହି ଆସିଥିଲା ଆଖିକୋଣରୁ ।

ଚାରିଆଡ଼ ଶୂନ୍‌ଶାନ୍, ଚୁପ୍‌ଚାପ୍ !
ସବୁକିଛି ସ୍ଥିର ନିଶ୍ଚଳ !
ଆଉ ତା' ଭିତରେ ହୃଦୟର ହୃଦୟ ସହ କେତେ କଥା!
କିନ୍ତୁ...!

କିନ୍ତୁ କେତେକ୍ଷଣ...!
କେତେକ୍ଷଣ ବା ରହିଲା ସେ ଉଷ୍ମତା !!
କେତେକ୍ଷଣ ବା ରହିଲା ସେ ମଧୁର ସ୍ପର୍ଶ !!
କେତେକ୍ଷଣ ବା ରହିଲା ହୃଦୟର ହୃଦୟ ସହ କଥା !!
ମାତ୍ର କେଇ ମୁହୂର୍ତ୍ତ !
ହୁଗୁଳା ହେଇଗଲା ହାତର ଚାପ !
ମୁଦ୍ରିତ ହେଇଗଲା ଉନ୍ମୀଳିତ ଆଖି !
ଚାହିଁ ରହିଥିଲେ ବର୍ଷାଙ୍କ ମୁହଁକୁ ଆକାଶ !

ଖୋଜି ଚାଲିଥିଲେ କେଇ ମୁହୂର୍ତ୍ତ ପୂର୍ବର ସେହି ସ୍ମିତହସର ଆଭାକୁ ।

ବ୍ୟସ୍ତ ହେଇପଡ଼ିଲେ ନର୍ସମାନେ ।
ଲାଗିପଡ଼ିଲେ କାମରେ ।

ପହଞ୍ଚିଲେ ଡାକ୍ତର ରାଜେଶ । ପଛେପଛେ ମୋହନ ଆଉ ସରୋଜ । ଧୀରେ ଉଠାଇ ଆଣିଲେ ଆକାଶଙ୍କ ହାତ ଭିତରେ ରହିଥିବା ବର୍ଷାଙ୍କ ହାତକୁ ରାଜେଶ । ପରୀକ୍ଷା କଲେ । ଷ୍ଟେଥୋ ରଖିଲେ ଛାତିରେ ।

"ଅକ୍ସିଜେନ୍ କାଢ଼ିଦିଅ ମାମାଙ୍କର ।" ଦୀର୍ଘଶ୍ୱାସ ପକାଇ ନର୍ସଙ୍କୁ ନିର୍ଦ୍ଦେଶ ଦେଲେ ଡାକ୍ତର ରାଜେଶ ।

କଢ଼ା ହେଇଗଲା ଅକ୍ସିଜେନ୍ ମାସ୍କ ବର୍ଷାଙ୍କ ମୁହଁରୁ ।

ଗଭୀର ଦୃଷ୍ଟିରେ ଆଉଥରେ ବର୍ଷାଙ୍କ ମୁହଁକୁ ଚାହିଁଲେ ଆକାଶ ।

ପାଦ ବଢ଼ାଇ ଦେଲେ ଦୁଆର ଆଡ଼କୁ ।
"ତୁ ଏଠି ଥା' ସରୋଜ ! ମୁଁ ବାପାଙ୍କୁ ଛାଡ଼ି ଦେଇ ଆସୁଛି ।"
ବାହାରିଗଲେ କବାଟ ଖୋଲି ।

ବ୍ରେକ୍ ଲଗେଇ ଘର ସାମ୍ନାରେ ଗାଡ଼ି ରଖିଲେ ଆକାଶ ।

ସ୍ଥିର ପଡ଼ିଯାଇଥିଲା କିଛି ସମୟ ତଳର ଦଲକା ଦଲକା ହେଇ ଅଜାଡ଼ି ହୋଇ ପଡୁଥିବା ବର୍ଷା !

ଚଞ୍ଚଳ ପଦପାତରେ ଘରୁ ବାହାରି ଆସିଲେ ଧାରା ।

ଗେଟ୍ ଖୋଲି ଧରି ଛିଡ଼ା ହେଲେ ଗୋଟିଏ କଡ଼କୁ ।

ଗାଡ଼ି ଭିତରେ ପୂରାଇଲେ ଆକାଶ ।

"ଫୋନ 'କରିଥିଲା ମୋହନ । କହୁଥିଲା... ।" କଥା ଆରମ୍ଭ କଲେ ଧାରା ।

"ବର୍ଷା ଚାଲିଗଲା ।" ଗାଡ଼ିର ଚାବି ଧାରାଙ୍କ ହାତକୁ ବଢ଼ଉ ବଢ଼ଉ ଧୀରେ କହିଲେ ଆକାଶ ।

"ଯାହାହେଉ ବର୍ଷାଙ୍କୁ ଦେଇଥିବା କଥା କିନ୍ତୁ ରଖିପାରିଲ ତମେ ।"

ଆକଶଙ୍କ ପଛେପଛେ ଚାଲୁଚାଲୁ ଆହୁରି ଧୀରେ କହିଲେ ଧାରା । ମୁହଁ ବୁଲାଇ ଧାରାଙ୍କୁ ଚାହିଁଲେ ଆକାଶ !!!



*Dr. Itirani Samanta, an eminent writer, journalist, editor, publisher and national award winning film producer occupies a very signficant position in contemporary Odisha. Writing is her first love. In fact, from early childhood, she started cuddling up emotions and scribbled down her feelings on a regular basis. That in later stage culminated into stories, novels, poems, dramas, features, articles of social relevance, women empowerment & gender related issues. She has been continuously writing her editorials in 'The Kadambini', the most popular family magazine in Odisha on women related issues, women empowerment and current social problems since two decade.*



# ଆଉ ଥରେ ବର୍ଷା

ତାପସ ରାଜ

କିଛି ବେରଙ୍ଗ ବିଷାଦ ର ସଂଧ୍ୟା ଥିଲା । ଅଫିସ ପାଖାପାଖି ଖାଲି ହେଇଆସିଲାଣି । ମୋ କ୍ୟାବିନ ର ଆଲୁଅ ଏବେବି ଦିନ ର ଆଭାସ ଦେଇ ଚାଲିଥିଲା । ମୁଁ ଏତେ ଶୀଘ୍ର ଘରକୁ ଯିବାକୁ ଚାହୁଁନଥିଲି । ଖାଲି ଘର ର ବହଳ ଶୂନ୍ୟତା ସାଂଗରେ ସଂଧ୍ୟା କାଟିବା ଅପେକ୍ଷା ଅଫିସରେ ସନ୍ତୁଷ୍ଟିର ବାହାନା ଖୋଜିବା ଶିଖିଯାଇଥିଲି ବୋଧେ ।

ପୁଣି କଫି ଭେଣ୍ଡିଙ୍ଗ ମେସିନ ପାଖରେ ଯାଇକି ଛିଡା ହେଲି । ଏ ପର୍ଯ୍ୟନ୍ତ ପିଇଥିବା ଚଉଦ କପ୍ କଫି ରୁ ଶରୀରର ଯେତିକି କ୍ଷତି ହେବା କଥା, ହେଇଯାଇଥିଲା । ଗୋଟେ କପି ଆଉ କେତେବା କ୍ଷତି କରିବ ? .....ପନ୍ଦରତମ କପ ସାମ୍ନାରେ ଥିଲା । ଧରି ଫେରି ଆସିଲି ନିଜ ଚେୟାରକୁ । ପୁଣି ଲ୍ୟାପଟପ ସାଂଗରେ ସଂଘର୍ଷ ଆରମ୍ଭ । ଫେସବୁକ ରେ ଭୁଲ ଅଭୁଲା କିଛି ସାଙ୍ଗ ଙ୍କୁ ମୋ ଉପସ୍ଥିତିର ଅକାରଣ ହାଜିରୀ ପକେଇ ଦେଲି । ହଜିଯାଇଥିବା ପ୍ରେମର କିଛି ବନ୍ଦ ଦୁଆରରେ କରାଘାତ କରିବାର ବୃଥା ପ୍ରୟାସ ଏଡ଼ାଇ ଆସିଲି । ଟ୍ୱିଟରରେ ଯାଇ ନିରର୍ଥକ ଆଲୋଚନାର କିଛି ମଙ୍ଗ ଜାବୁଡ଼ିବାକୁ ଚେଷ୍ଟା କଲି, ହେଲେ ମନ ବୁଝିଲାନି ।

ସମୟ ଦଶଟା ପାଖାପାଖି । କଫି ନିଜ ଅସ୍ତିତ୍ୱ ମୋ ଉଦରକୁ ଠେଲି ଫେରି ସାରିଥିଲା । କାମ ବି ଆଉ କିଛି ନାହିଁ । ମୋର ଯିବା ବାଟକୁ ଅଧୈର୍ଯ୍ୟ ହୋଇ ଚାହିଁ ଥିବା ୱାଚମ୍ୟାନ ର ଓଭର ଟାଇମ ବି ସରିଗଲା । ଆଉ କିଛି ଚାରା ନାହିଁ । ମନ ନଥିଲେ ବି ସଟଡାଉନ୍ ର କମାଣ୍ଡ ଚିପି, କାନ୍ଧରେ ଲ୍ୟାପଟପ ଝୁଲେଇ ଚେୟାର ରୁ ଉଠିଲି । ଦୁଇ ଘଣ୍ଟା ୱାଚ ମ୍ୟାନକୁ ଅଟକେଇ ରଖିବାର ପାପ ମନରେ ଥିଲା ବୋଧେ, ବାହାରିଲା ବେଳକୁ ପଚାରିଲି ....କୋଉଠି ଛାଡ଼ିଦେବି ? ....ବସ ଷ୍ଟପ ଯାଏଁ ? ...

- ନାଇଁ ସାର ଏଇ ପାଖରେ ରହୁଛି ଚାଲିକି ପଳେଇବି । ଆପଣଙ୍କୁ ତ ବେଶୀ ଦୂର କୁ ଯିବାର ଅଛିନା ? ବର୍ଷା ଜୋର ରେ ହେଲାଣି । ଶୀଘ୍ର ବାହାରିଯାନ୍ତୁ ନହେଲେ ଟ୍ରାଫିକ ରେ ଫସିଯିବେ । .......ଆଜି ତ ଅଧରାତି ହେଇଯିବ ଘରକୁ ପହଁଚିଲା ବେଳକୁ ।

ହୁଁ.....ଘରେ କିଏ ଅପେକ୍ଷା କରୁଛି କି ?... କହିବାକୁ ଏଇଯ୍ୟା ଚାହୁଁ ଥିଲି କିନ୍ତୁ "ଠିକ ଅଛି" କହି ବାହାରିଗଲି । ଅଫିସରେ ଏଇ ଦୁଇମାସ ହେଲା ଜଏନକରିଥିଲେ ବି ଆର ଚାରି କାନ୍ଥ ଭିତରେ ଏତେ ସମୟ କାଟୁଥିଲି, ଯେ ଲାଗୁଥିଲା କେତେ ଯୁଗ ରୁ ବସିଛି ଏଠି । ସକାଳେ ଆଗେ ମୋର କାର ପାର୍କିଙ୍ଗ ରେ ପଶୁଥିଲା ଆଉ ବାହାରୁଥିଲା ସବା ଶେଷରେ ।

ଗୋଟେ ଅଜଣା ସହରରେ ଘର ବୋଲି ସେମିତି କିଛି ନଥିବ, ସାଙ୍ଗ ମାନଙ୍କଠୁ ଦୂରତା ବଢ଼େଇ ନିଅ ଯାଇଥିବ ଆଉ ଗୋଟେ ସୁନ୍ଦର ସଂପର୍କକୁ ସମ୍ପୂର୍ଣ ଭାବରେ ଚୁରମାର ହେଇଯିବାର ଶ୍ରାଦ୍ଧ କର୍ମ ଚାଲିଥିବ ତେବେ ଜୀବନ ଟା ଏମିତି ହିଁ କଟେ ବୋଧେ... ଅର୍ଥହୀନ, ଦିଗହରା, ଲକ୍ଷ୍ୟହୀନ ।

ଆଜିର ଉଦାସ ସଂଧ୍ୟାକୁ ଆହୁରି ଉଦାସୀ କରିବାପାଇଁ କେଜାଣି କୋଉଠୁ ଏତେ ବର୍ଷା ଆସିଯାଇଥିଲା । ୱାଚ ମ୍ୟାନ ଠିକ କହିଥିଲା, ବର୍ଷା ଏମିତି ହେଉଥିଲା ଯେମିତି

ରାଗିଛି କାହା ଉପରେ । ଆଜି ତାକୁ ସେଇ ରାଗରେ ଫାଟି ପଡ଼ିବାର ବାହାନା ମିଳିଯାଇଥିଲା ଯେମିତି ।

ଶହେ ମିଟର ର କାର ପର୍କିଙ୍ଗ କୁ ଯିବା ପାଇଁ ଆଉ କିଛି ବାଟ ନଥିଲା, ପ୍ୟାଣ୍ଟ ଆଣ୍ଠୁଯାଏଁ ଟେକି ଗୋଟେ ହାତରେ ଜୋତା ଧରି, ୱାଟର ପ୍ରୁଫ ଲ୍ୟାପଟପ ବ୍ୟାଗ କୁ ଛତା କରି ବାହାରିପଡ଼ିଲି । କାର ପାଖରେ ପହଁଚିଲା ବେଳକୁ ପୁରା ଓଦା କହିଲେ ଚଳେ । ଫୋନ ଘଣ୍ଟି ବି ଠିକ ସେତିକି ବେଳକୁ ବାଜିବାର ଥିଲା, ନିଶ୍ଚେ ମା କରିଥିବ । ସବୁଦିନ ନିଦ ବଟିକା ଆଉ ବ୍ଲଡ଼ ପ୍ରେସର ଔଷଧ ଖାଇସାରିଲା ପରେ ମା ନିହାତି ଫୋନ କରିବ । ଗାଡି ଭିତରକୁ ଯାଇ ବସିବା ଭିତରେ ଚାରିଟା ମିସକଲ ।

ଯେମିତି ସେମିତି ଗାଡି ଭିତରକୁ ଯାଇ , ନିଜକୁ ଗୋଟେଇ , ସଜାଡି , ସାର୍ଟ ହାତ ଫୋଲଡ଼ ରୁ ପାଣି କାଢ଼ିବାର ଅସଫଳ ଚେଷ୍ଟା ଓ ୨ ମିନିଟ ର ଲମ୍ବା ନିଶ୍ୱାସ ନେଲା ପରେ ମା କୁ ଫୋନ କଲି ।

- ଅଫିସ ରେ ଅଛୁ ନା ଏପର୍ଯ୍ୟନ୍ତ ! .......ନା ହେଲୋ , ନା କେମିତି ଅଛୁ ନପଚାରି ମା କୁ ସିଧା ପଏଣ୍ଟ କୁ ଆସିବାର ବେମାରୀ ଅଛି ।

- ବାସ, ଏଇ ବାହାରୁଚି ।
- ଟିଭି ରେ ଦେଖିଲି ବର୍ଷା ହେଉଛି ବାଂଗାଲୋର ରେ ଏବେ ।
- ହଁ ମା , ଟିଭି ବାଲା ଙ୍କୁ ଆଠୁ ବଡ କିଛି ଖବର ମିଳିନଥିବ ଆଜି, ବଢି ଆସିନି ଏଯାଏଁ ....ମୁଁ ଠିକ ଅଛି ତୁ ଚିନ୍ତା କରନା ।
- ଶିବୁ ,ଦୀପ୍ତି କୁ ଫୋନ କରିଥିଲୁ ? ଶେଷରେ ସେ ପ୍ରଶ୍ନ ପଚାରିଦେଲା ମା , ଯୋଉ ପ୍ରଶ୍ନ ର ମୁଁ ଉତ୍ତର ଦେବାକୁ ଚାହୁଁନଥିଲି ।
- ବର୍ଷା ବେଶୀ ହଉଛି ମା, ଘରେ ପହଞ୍ଚିକି ଫୋନ କରୁଛି ।
- ଏଇଟା ମୋ ପ୍ରଶ୍ନ ର ଉତ୍ତର ନଥିଲା ଶିବୁ । ମା ର ଥକି ଯାଇଥିବା କଣ୍ଠ ମୁଁ ବେଶ ବାରି ପାରୁଥିଲି ।

- କରିନି ମା , ଏ ଯାଏଁ କିଛି ନିଷ୍ପତି ନେଇପାରିନି......କେବେ ଯାଏଁ କଥା କୁ ଟାଳି ଚାଲିଥିବି ? ସେଥିପାଇଁ ସତ କହିଦେଲି ।
- ଥରେ ଚେଷ୍ଟା କରିକି ତ ଦେଖ ।
- କରିବି ମା । କହି ଫୋନ କାଟିଦେଲି ।
ମୋ କଣ୍ଠ ରେ ବାହାରର ଆର୍ଦ୍ରତା ଓହ୍ଲେଇ ଆସିଥିଲା । ...ବୋଧେ ଆଉଥରେ ମା ମୋର ଦୁର୍ବଳ ହେଇଯିବ । ସହି ପାରୁନଥିଲା । ମୁଁ ଜମା ଚାହୁଁନଥିଲି, ତାର ନିଦବଟିକା ଆଜି ବି କାମ ନକରୁ । ଫୋନ ରଖିଲା ପରେ କିଛି ସମୟ ଜାଣିପାରିଲିନି କି ସାମ୍ନା କାଚ ସେପଟେ କୁହୁଡିଆ ବର୍ଷା ଥିଲା କି ମୋ ଆଖିରେ ଧୂଆଁ ର ବାଦଲ ଘନେଇ ଆସିଥିଲା । ଆଗକୁ ଦେଖିବା କଷ୍ଟ ହେଉଥିଲା । ପାଖ କଫି ସପ ରେ ବସିକି ମୋ ଭିତର ଓ ବାହାର ବର୍ଷା କୁ ଥମିଯିବାର ଅପେକ୍ଷା କରିପାରିଥାନ୍ତି । କିଛି ଜଲ୍ଦିରେ ନଥିଲି ପହଂଚିବା ପାଇଁ । କିନ୍ତୁ ଏ ଝଡ଼ିବର୍ଷାର ଋତୁରେ ଏକେଲା କଫି ପିଇବା ମାନେ ନିଜ ଭିତର ଘା ଗୁଡିକୁ ଆହୁରି ରାମ୍ପୁଡ଼ିବା । କିନ୍ତୁ ମତେ ଔଷଧ ଲଗେଇବାର ବାଟ ଖୋଜିବାର ଥିଲା । ମା କହିଥିଲା, ଥରେ ଚେଷ୍ଟା କରିକି ଦେଖ ।

ଏଇ ବର୍ଷା ଯେତେବେଳେ ବି ଆସେ ଅତୀତର କେତେ ସ୍ମୃତି ବି ସାଂଗରେ ନେଇ ଆସେ ।.....ଗାଡି ଷ୍ଟାର୍ଟ ହେଲା । ନଚାହୁଁ ଥିଲେ ବି ମନେପଡ଼ିଲା କି ଶିଲ୍ପା ସାଂଗରେ ମୋର ଦେଖା ଏମିତି ଏକ ବର୍ଷା ରାତି ରେ ହେଇଥିଲା ।

ଆମେ ଗୋଟେ ଅଫିସ ରେ ଥିଲୁ । ସେ ଇଂଟର୍ନ ଭାବେ ଜଏନ କରିଥିଲା ଆଉ ମୁଁ ଥିଲି ସିନିଅର ମ୍ୟାନେଜର । ସେଥିପାଇଁ ଆମ ଭିତରେ କଥାହେବାର ସମ୍ଭାବନା କମ ହିଁ ଥିଲା । ସେଦିନ ସନ୍ଧ୍ୟାରେ ଘରକୁ ବାହାରିଲା ବେଳେ ଏତେ ବର୍ଷା ହେଉଥିଲା ଯେ ଗାଡିରେ ଯିବା ବି ଦୁଃସାଧ ଥିଲା । ....ମୁଁ ପାହାଚ ପାଖରେ ବର୍ଷା ରହିବାର ଅପେକ୍ଷା କରୁଥିଲି.... କେଜାଣି କୁଆଡୁ , ଗୋଟେ ପରେ ଗୋଟେ ନନ୍ ଷ୍ଟପ୍ ଛିଙ୍କ ମାରି ମାରି, ଶିଳ୍ପା ମୋ ପାଖରେ ଆସିକି ଛିଡା ହେଲା । ପବନରେ ତା ହାତର ଛିଟ ଗୋଲାପୀ ଛତାଟା ଓଲଟି ଯାଇଥିଲା । ସେ ତାକୁ ସିଧା କରିବା ପାଇଁ ଚେଷ୍ଟା ଚଲେଇ ଥିଲା । ଜିଦ୍ଦୀଆ ଛତାଟା ଏମିତି ବର୍ଷା ରେ ବିଶ୍ୱାସଘାତ କରିବ, କିଏ ଜାଣିଥିଲା । ଏପଟେ ଶିଳ୍ପାର ଓଦା ଓଢଣୀ ର ପାଣି ଟପ୍ ଟପ୍ ହେଇ ମୋ ଜୋତା ଓଦା କରିଚାଲିଛି ସେଆଡ଼େ ତାର ଜମା ନଜର ନାହିଁ ......ଛିଙ୍କ ଗୁଡା କିନ୍ତୁ ରହିବାର ନାଁ ଗନ୍ଧବି ଧରୁନଥିଲେ ।
- ଆର ୟୁ ଅଲରାଇଟ୍ ? ମୁଁ ହିଁ ପଚାରିଥିଲି ଆଗେ

- ହଁ ହଁ ,ଆଇ ଆମ ଫାଇନ ..ଭାବିନଥିଲି ବର୍ଷା ଏମିତି ହେବ । ବସ ଷ୍ଟପ ଯାଏ ଯିବା ଭିତରେ ଏମିତି ଅବସ୍ଥା ହେଇଗଲା....ସରି ବର୍ଷା ରୁ ....ମତେ ଟିକେ ଆଲର୍ଜି ଅଛି... ଆଉ ତିନି , ଚାରିଟା ଛିଙ୍କ ମାରି ମାରି କହିଲା ।
- କ୍ୟାନ ଆଇ ଡ୍ରପ୍ ୟୁ ସମ୍ ପ୍ଲେସ ? ପ୍ଲାନ୍ କରିନଥିଲି ପଚାରିବାକୁ କିନ୍ତୁ, ପଚାରିଦେଲି ।

ବାସ... ବର୍ଷା ଟିକେ କମିବା ପରେ ଆମେ ସେଇ ଓଲଟା ଛତା ରେ ପ ାର୍କିଙ୍ଗ ଯାଏଁ ପହଂଚିକି ଗାଡ଼ିରେ ବସିଲୁ । ଭାବିଥିଲି ପାଖ ବସ ଷ୍ଟପ ଯାଏ ଛାଡ଼ିଦେବି । ହେଲେ ଏମିତି ବର୍ଷା ଆଉ ଅଂଧାର ରାତି ରେ ତାକୁ ଏକେଲା ଛାଡିବା ମୋ "ବେସିକ୍ ମ୍ୟାନର୍ସ " ବିରୁଦ୍ଧରେ ଯାଇଥାନ୍ତା, ସେଥିପାଇଁ ସହର ର ଶେଷ ତା ଘର ପର୍ଯ୍ୟନ୍ତ ,ତାକୁ

ଛାଡିବାକୁ ବାହାରିପଡ଼ିଲି । ରାସ୍ତା ସାରା ଦିଜଣ ଚୁପ ଥିଲୁ । ବୁଝା ହିଁ ପଡ଼ିଲାନି କି, କଣ କହିବି.....

ଭାରି ଅଣ ଓସାରିଆ ଗଳିରେ ଥିଲା ତାର ଘର । ଗୋଟେ ପତଳା ଗଳି ବାହାରେ କହିଲା, ଏଇଠି ଛାଡ଼ିଦିଅନ୍ତୁ , ଗାଡି ଆଉ ଆଗକୁ ଯିବନି .

- ଆଉ କେତେ ଦୁର ଅଛି । ମୁଁ ଆସିବି ସାଂଗରେ ?
- ନା ନା ମୁଁ ଚାଲିଯିବି । କହି ସେ ପୁଣି ଛତା ଖୋଲିବାରେ ଲାଗିଯାଇଥିଲା ।
- ମତେ ଲାଗୁନି ସେ ଆଉ ହେବ । ମୁଁ ହେଡଲାଇଟ ଅନ ରଖୁଛି , ଦୌଡ଼ି କି ପଳାଅ ।

ସେ ମୋ କଥା ମାନିଲା । ଥ୍ୟାଙ୍କସ, କହି ଦୌଡ଼ି ଚାଲିଗଲା । ହେଡଲାଇଟ ରେ ସେ ଦୌଡ଼ି ଦୌଡ଼ି କେଜାଣି କୋଉ ଗଳି ରେ ଅଦୃଶ୍ୟ ହେଇଗଲା । ......ସେଇଟା ଥିଲା ଶିଳ୍ପା ସହ ମୋର ପ୍ରଥମ ଦେଖା ।

ଆଗାମୀ ଗୋଟେ ସପ୍ତାହ ଯାଏଁ ଅଫିସ ରେ ଆଉ କଥା ହେଇନୁ । ବ ।ସ ଯାହା କେବେ କେବେ ଦେଖୁଥିଲି । କେବେ ପ୍ରିଣ୍ଟର ପାଖରେ । କେବେ କ୍ୟାଫେଟରିଆ ରେ ଚା ପିଇଲା ବେଳେ । ନିଜ ଭିତରେ ହଜି କି ମଜ୍ଜି ରହୁଥିଲା କହିପାରିବିନି ।କାହା ସହ କୌଣସି ସମ୍ପର୍କ ନାହିଁ । ମୋ ଭଳି ତ । ଭିତରେ ବି କାମ କରିବାର ଭୁତ ଥିଲା । କି କେଜାଣି, ଜବ୍ ପର୍ମାନେଣ୍ଟ କରିବା ପାଇଁ ଡେରି ପର୍ଯ୍ୟନ୍ତ କାମ କରୁଥିଲା !

ଜୁଲାଇରେ ଆଉଥରେ ଏମିତି ବାଦଲ ଘେରି ଆସିଲେ । ଆଉଥରେ ଆମେ ଦୁଇଜଣ ପାଖାପାଖି ଛିଡା ହେଇଥିଲୁ । ପାହାଚ ପାଖରେ ଠିଆ ହେଇ ବର୍ଷା ରହିବାର ଅପେକ୍ଷାରେ ।

- ଆରେ ତମ ଛତା ତ ସିଧା ହେଇଗଲା । ମୁଁ ହିଁ ଆରମ୍ଭ କଲି ।
- ହଁ କିନ୍ତୁ ପବନ ଏତେ ଜୋର ରେ ହେଉଛି ଯେ ଡର ଲାଗୁଚି । ସେ ହସିକି କହିଲା ।
- ଛାଡ଼ିଦେବି ଘର ଯାଏଁ । ଟର୍ଚ୍ଚ ନେଇ କି ଆସିଛ ତ ? ଚିଡେଇ କି କହିଲି ।
- ଆପଣଙ୍କ ଗାଡି ର ହେଡଲାଇଟ ଖରାପ ହେଇଚି କି ? ସେ ପ୍ରତ୍ୟୁତ୍ତର ରେ ଚିଡେଇଲା ।

ପୁଣି ସେ ମୋ ଗାଡି ରେ ଥିଲା । କିନ୍ତୁ ଆଜି ସହଜ ମୁଡ଼ ରେ । ଟ୍ରାଫିକ ଆଉ ବର୍ଷା ମିଶିକି ଯେମିତି କଥା ହେବା ପାଇଁ ପ୍ରବର୍ତ୍ତେଇଲେ କି କଣ, ଚଉଦ କିଲୋମିଟର ର ରାସ୍ତା ଦୁଇ ଘଣ୍ଟା ଲାଗିଗଲା । କିନ୍ତୁ ସେ ଦୁଇ ଘଣ୍ଟା ରେ କିନ୍ତୁ ଚଉଦ ବର୍ଷର ବନ୍ଧୁତା ହେଇଯାଇଥିଲା ଯେମିତି । ଘର , ପଢାପଢି , ଭାଇ ଭଉଣୀ , ବାପା, ମା , ସ୍ୱପ୍ନ, ଅଫିସ, ବସ... ସବୁ ବିଷୟ ରେ କଥା ହେଇଯାଇଥିଲୁ ।

ଛାଡିଲା ବେଳକୁ ଲାଗିଲା ଯେମିତି ଏବେ ବି କେତେ କଥା ରହିଗଲା ହେବାପାଇଁ । ଶିଳ୍ପା ଓଲ୍ହେଇ କି ଚାଲି ଯାଇଥିଲା କିନ୍ତୁ ମୋ ପାଖରେ ଛାଡି ଯାଇଥିଲା ଅନେକ କିଛି । ମୁଁ ଘରକୁ ଫେରିଲି ସେଇ ବାଦଲର ପତିଆରା ନେଇ । ବର୍ଷା । ପଛରେ ସ୍ୱପ୍ନର ଓଦା ମାଟି ଛାଡ଼ିଯାଇଥିଲା । ଲାଗିଲା କି ଏ ବର୍ଷା ଏମିତି ଚାଲୁଥାନ୍ତା କି, ଆଉ ଆମେ ରାସ୍ତା କଡରେ ଗାଡି ଭିତରେ ଦି ଜଣଙ୍କ ହାତ ଧରି ଏମିତି ଦେଖୁଥାନ୍ତୁ ଏଇ ବର୍ଷା କୁ । କିଛି ସମୟ ବସିଲା ପରେ ଦୁଇ ଜଣ ନିଜ ନିଜ କୁ ହଠାତ ଆଶ୍ଚର୍ଯ୍ୟରେ ଅନେଇ ପୁଣି ହଜିଯାନ୍ତୁ ସେ ବର୍ଷାରେ । ଏ ସବୁ ଭିତରେ ବୋଧେ କିଛି ପ୍ରେମ ର ବର୍ଷା ଛିଟା ଗାଡି ର କାଚ ଦେଇ ପଡିଯାଇଥିଲା ଭିତରକୁ ।

ତାପରେ ସେଇୟା ହେଲା ଯାହା ମୁଁ ଚାହୁଁଥିଲି । କେଜାଣି କେବେଠୁଁ ମୁଁ ସହରର ଶେଷରେ ଥିବା ସେ ଗଳି ଯାଏଁ ସବୁଦିନ ତାକୁ ଛାଡିବା ଆରମ୍ଭ କରିଦେଇଥିଲି । ରାସ୍ତାରେ କିଛି ଲମ୍ବା ମୋଡ଼ ବି ଥିଲା, କିଛି ଗୁପ୍ ଚୁପ୍ ଠେଲା ଯାଏଁ ଯାଉଥିଲା , କିଛି ଚୁଡ଼ି ଦୋକାନ ଯାଏଁ । କେବେ ଗୋଟେ ମନ୍ଦିର ପଡ଼ିଯାଏ ବାଟରେ ତ କେବେ ଏକାଠି ଖାଇବା ପାଇଁ ଛୋଟ ରହଣି ।

କିନ୍ତୁ କହନ୍ତି ନା ସୁନ୍ଦର ଶାଶ୍ୱତ ଦିନ ସବୁ ଡେଣା ନେଇ ଆସନ୍ତି । ଭାରି ଜଲ୍ଦି ଥାଏ ତାଙ୍କୁ ଉଡି ଯିବା ପାଇଁ । କେବେ ବର୍ଷେ ବିତି ଗଲା ଜଣ । ପଡିଲାନି । ମୋ ଜୀବନର ଲକ୍ଷ ଥିଲା କି ଚାକିରୀ କରିବ । ଆଉ ଶିଳ୍ପା ପାଇଁ ସେ ସବୁ ସୁଖ ଗୋଟେଇବା , ଯାହା ତାକୁ କେବେବି ମିଳିନଥିଲା । ମା ବି ମୋ ସାଂଗରେ ଶିଳ୍ପାକୁ ତା ଜୀବନ ରେ ରଂଗଭଳି ଭରିଦେବା ପାଇଁ ରଙ୍ଗୀନ ସ୍ୱପ୍ନ ଯୋଡ଼ିବାରେ ଲାଗିଯାଇଥିଲା । କିନ୍ତୁ ଶିଳ୍ପା ର ଅସରନ୍ତି କାମନାର ଦୁନିଆ ରେ ମୋର କି ମା ର ସ୍ୱପ୍ନ ପାଇଁ ଜାଗା ନଥିଲା, ଶିଳ୍ପା ଆଗରେ ଏକ ଲମ୍ବା ରାସ୍ତା ଥିଲା ଆଉ ମୁଁ ଥିଲି ସେ ରାସ୍ତା ରେ ଭୁଲ ରେ ଭେଟ ହେଇଯାଇଥିବା ଗୋଟେ ପଥିକ । ତାର ଲକ୍ଷ , ସ୍ୱପ୍ନ ଅଲଗା ଥିଲା । ସେଥିପାଇଁ ଦିନେ ମୋତେ ଛାଡି ସେ ମୁମ୍ବାଇ ଚାଲିଗଲା ।। ଶିଳ୍ପା ବିନା ବର୍ଷ ଗଡିଚାଲିଲା ଆଉ ବର୍ଷା ହାରିଚାଲିଲା । ବଡ କଷ୍ଟ ରେ ବୁଝିଲି କି ପ୍ରେମ ରେ ଏମିତି ବୁଡି ଯାଇଛି କି ଆଉ ଫେରିବା କଷ୍ଟକର । ମା ମତେ ଭାଙ୍ଗିବା , ହାରିବା ର ଦୁର୍ବଳ ପୋଲ ରେ ଦେଖି ବିବ୍ରତ ହେଇପଡୁଥିଲା । ଦିନେ ଜିଦ୍ଦୀ କରି ମୋତେ ବାଂଗାଲୋର ପଠେଇଦେଲା ।

ନୂଆ ଜୀବନର ଅବାସ୍ତବ ଆରମ୍ଭ ପାଇଁ ଚାକିରୀ କଲି , ଘର ନେଲି । ମା ଜିଦ ନକରିଥିଲେ ମୁଁ ଦୀପ୍ତି ସାଂଗରେ ବି

ଭେଟିନଥାନ୍ତି ।

ଦୀପ୍ତି.... ଆମ ପଡୋଶୀ ସାହୁ ବାବୁଙ୍କ ଝିଅ । ଏଇଠି ବାଙ୍ଗାଲୋରରେ ଚାକିରୀ କରେ । ଆଗରୁ କୋଉ କଲେଜ ରେ ପଢଉଥିଲା ।..... ଆସିଲା ବେଳେ ମା ମୋ ହାତରେ ମାଉସୀ ଙ୍କ ଗୋଟେ ପାର୍ସଲ ପଠେଇଥିଲେ ଦୀପ୍ତି ପାଇଁ । ଜାଣିଥିଲି କି ଏ ଷଡଯନ୍ତ୍ର କାହିଁକି, କିନ୍ତୁ ଚୁପ ରହିଲି । ଜରୁରୀ ନୁହେଁ କି ଯାହା ମା ଓ ମାଉସୀଙ୍କ ମନରେ ଚାଲିଛି ସେଇଟା ଦୀପ୍ତି ମନରେ ବି ଚାଲିଥିବ । .....ଆମେ ସବୁ ଅଫେରା ମୁହୂର୍ତ୍ତ ର ବୋଝ ମୁଣ୍ଡେଇ ଚାଲୁ । ହେଇପାରେ ଦୀପ୍ତି ମନ ରେ ବି କିଛି ବୋଝ ଥିବ । ....ଦୀପ୍ତିବି ବେଶୀ ସମୟ ନେଲାନି ସବୁ ସତ କହିଦେବା ପାଇଁ । ମୋ ଅନୁମାନ ଭୁଲ ନଥିଲା । ତା ଉପରେ ବି ଅନେକ ସ୍ମୃତିର ଚାପ ଥିଲା ।.....ଦେଖିଲେ ତ । ଆଖିରେ ଭାଙ୍ଗି ଯାଇଥିବା ବିଶ୍ୱାସର କିଛି ଖଣ୍ଡ ଏବେବି ଦିଶେ । ....ସତ କହିବି... ସେଥିରେ ମୋତେ ମୋ ଛାଇ ଦିଶେ ।

.....କିଛି ଜଲ୍ଦି ନଥିଲା । ସାପ ଦଁସିଥିଲେ ପାଳ ଦଉଡ଼ି ବି ଡରାଏ । ତଥାପି ବେଳେ ବେଳେ ଭେଟୁଥିଲୁ । କିଛି ଫର୍ମାଲିଟିଜ ଥିଲା କିଛି ମା ର ଜିଦ । ଆଉ ବେଳେ ବେଳେ ଏମିତି ବର୍ଷାର ଡର ବି କାରଣ ହେଇଯାଏ । ଆଜି ରିଂଗ ରୋଡ଼ ର ଟ୍ରାଫିକ ମଝିରେ ପୁଣି ଗୋଟେ ଚିହ୍ନ । ଚିହ୍ନ । ଡର ରାସ୍ତା ରୋକି ଦେଇଥିଲା ।

ମୁଁ ରାସ୍ତା କଡରେ ଗାଡି ପାର୍କ କରିଦେଇ ଅନେକ ସମୟ ଫୋନ କୁ ଅନେଇଲି ।.....ମା ଶୋଇପଡିଥିବ ।.....ଏମିତି କେହି ସାଙ୍ଗ ନଥିଲେ ଯାହା ସାଂଗରେ କଥା ହେଇ ପାରିଥାନ୍ତି । ମନେ ନାହିଁ କାହିଁକି , ମୁଁ କଣ ଭାବି ଦୀପ୍ତି ନମ୍ବର ଲଗେଇଦେଲି ।

....ଆକାଶବାଣୀ ହେଇଥିଲା କି ଭିତରୁ କିଏ କହୁଥିଲା.....ଆଉ ନୁହେଁ , ଜୀବନ କୁ ଆଉ ଏମିତି ଉଦାସ ସଂଧ୍ୟା ହାତ ଟେକି ଦେନା, ଏମିତି କିଛି ରାସ୍ତା ନାହିଁ ଯାହା ବଦଳେଇ ହେବନି । ବର୍ଷା ହେଇ ଚାଲିଯାଏ, ଋତୁ ବଦଳେ, ଖରା ବି କେବେ ମିଠା ଲାଗେ କେବେ କାଟେ । ତାହେଲେ ଏଇ ସ୍ମୃତି ର ଋତୁ କାହିଁକି ବଦଳେଇପାରିବୁନି ?

ଅନେକ ସମୟ ରିଂଗ ହେଲା ପରେ ଦୀପ୍ତି ଫୋନ ଉଠେଇଲା ।-

- ଶୋଇ ପଡ଼ିଲଣି କି ? ...ମତେ ବି , ମା ଭଳି ସିଧା ପଏଣ୍ଟ କୁ ଆସିବାର ବେମାରୀ ଅଛି ।
- ହଁ ....ଅଧା ରାତି ରେ ଆଉ କିଏ କଣ କରେ ? ଦୀପ୍ତି କଣ୍ଠ ରେ ନିଦ ଭାଙ୍ଗିଯିବାର ଓଜନ ଥିଲା ।
- ହେଇପାରେ କି କିଏ ଅଜଣା ସହର ରେ ବୁଲୁଥିବ । ଆଉ ତାକୁ ଭାରି ଭୋକ ଲାଗୁଥିବ । ହେଇପାରେ ତାକୁ ଘରର ଚା ଆଉ ପକୁଡି ମନେପଡୁଥିବ । ତମକୁ ଆମ ଆଗ ଗଳି ର ଭଗବାନ ସାହୁ ଦୋକାନ ଭଳି ପକୁଡି କରି ଆସେ ?
- ......ଆସେନି । ଦୀପ୍ତି ହସିକି କହିଲା । ଏବେ କଣ କରିବ ?
- ......କିଛି କଥା ନାହିଁ । ତମ କଲୋନୀ ଅ ।ଗର ଅଗ୍ରୱାଲ ସ୍ୱିଟ୍ସ କେତେ ରାତି ଯାଏଁ ଖୋଲା ଥାଏ ? କିଛି ମିଳିବ ସେଠି । ତାର ଜିଲ ।ପି ବଢିଆ ଲାଗେ ।
- ସେଟା ବି ମିଳିବନି.... କିନ୍ତୁ ଖିରି ମିଳିବ । ଆଉ ଡିନର ବି । ଚା ବି କରିଦେବି ଆଉ ପକୁଡି ବି ଚେଷ୍ଟା କରିବି ବ ।ସ ତମେ ବେସନ ଗୋଳେଇ ଦେବ ।

.....ଦୀପ୍ତି ଫୋନ ରଖିଦେଇଥିଲା ଆଉ ମୋ ମନ ବର୍ଷା ପର ବାଦଲ ଭଳି ହାଲ୍କା ହେଇଯାଇଥିଲା । ଠିକ ପନ୍ଦର ମିନିଟରେ ମୁଁ ତାର କବାଟ ଆଗରେ ଥିଲି । ସେ କବାଟ ଖୋଲି କିଛି ସମୟ ମତେ ଚାହିଁଲା ଆଉ ଓଦା ଓଦା ଆଖିରେ ମତେ ଦେଖି ଗୋଟେ ପଟ କୁ ଏମିତି ଛିଡା ହେଇଗଲା ଯେମିତି ଆଗତ ର ନୂଆ ଜୀବନର ରାସ୍ତା କୁ ରୋକିବା ପାଇଁ ଚାହୁଁନି । ଅଜାଣତ ରେ କିଛି ଶବ୍ଦ ମୁହଁରୁ ବାହାରିଯାଇ ମାର୍ବଲ ର ଥଣ୍ଡା ଦେହରେ ବିଞ୍ଚି ହେଇଗଲା, ଆଉ କିଛି ମୁହୂର୍ତ୍ତ ଜୀବନ ସାରା ପାଇଁ ସଜୀବ ହେଇ ରହିଗଲା ଏମିତି ଅନେକ ମୁହୂର୍ତ୍ତକୁ କୋଳ ରେ ସାଉଣ୍ଟିବା ପାଇଁ ।



*Mr Tapas Raj is a Technocrat, writer, social worker based in Bangalore. One of the founders of Odia Sahitya Samaj in the IT city , he is passionate about Odia language , culture and literature .*



# ସମର୍ପଣ

ସୁନନ୍ଦା ମିଶ୍ର ପଣ୍ଡା

ପୃଥିବୀ ପୃଷ୍ଠରେ ଯିଏ ଜନ୍ମ ନିଏ, ତା'ର ମୃତ୍ୟୁ ସୁନିଶ୍ଚିତ । ମଣିଷ ଏକମାତ୍ର ପ୍ରାଣୀ । ଏହି ଜଗତରେ କେଉଁଟା ଭଲ, କେଉଁଟା ମନ୍ଦ ସେ ବୁଝିପାରେ । ତଥାପି ରାଗ, ଦ୍ୱେଷ, ଈର୍ଷା, ଲୋଭ ଆଦି ସାଂସାରିକ ମାୟା ମୋହରେ ମଜ୍ଜି ହୋଇ ରହିଥାଏ ।

ସେଦିନ ରାତିରେ ମୁଁ ମୃତ୍ୟୁକୁ ଭେଟିଥିଲି । କାନାଡ଼ାର ନିଶବ୍ଦ ହାଡ଼ଭଙ୍ଗା ଶୀତ ରାତି । ଧୀରେ ଧୀରେ ମୃତ୍ୟୁ ମୋ ପାଖକୁ ଆସିଲା, ପାଖରେ ସ୍ୱାମୀ ଶୋଇଥିଲେ ବି ତାଙ୍କୁ ଆଢୁଆଳ କରି ତା'ର ଶକ୍ତ ପାପୁଲିରେ ମୋ ହାତଟିକୁ ଜୋରରେ ଜାବୁଡ଼ି ଧରିଲା, କିନ୍ତୁ ମୋ ସାଥିରେ " ମୋ ପ୍ରାଣର ନାଥ - ଶ୍ରୀ ଜଗନ୍ନାଥ" ସାଙ୍ଗ ରେ ଅଛନ୍ତି । ମୋ ପାଟିରୁ ଜୋରରେ ବାହାରି ପଡ଼ିଲା - "ନିରାଶ୍ରୟ ମାଂ ଜଗଦୀଶ ରକ୍ଷ ।" ମୁଁ ଭାରତ ଯାଇ ପୁରୀରେ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରେ ଦର୍ଶନ କରିବି ବୋଲି କେବେଠୁ ମନ କରିଥାଏ । ଭାରତ ଯିବାର ଟିକେଟ୍ ମଧ କରି ସାରିଥାଏ । ତା' ପୂର୍ବରୁ କେମିତି ଏହି କ୍ଷଣ ଭଙ୍ଗୁର ଦେହଟା ଛାଡ଼ି ଦେବି? ବୋଧେ ମହାବାହୁଙ୍କର ଇଚ୍ଛା ଅଲଗା ଥିଲା । ସିଏ ମୋତେ ଛାଡ଼ିଲେନି । ମୃତ୍ୟୁ ଫେରିଗଲା । କେହି ବିଶ୍ୱାସ କରିବେନି ବୋଲି ମୋ ହାତରେ ତା'ର ପାପୁଲିର ଚିହ୍ନ ଛାଡ଼ିଦେଇ ଗଲା, "ଆସିଥିଲି ପୁଣି ଆସିବି ।"

ତା' ପରଦିନ ସକାଳୁ ଶୀଘ୍ର ଉଠି ପଡ଼ିଲି । ସମସ୍ତଙ୍କୁ ଡାକି କହିଲି, ମୁଁ ମୃତ୍ୟୁକୁ କାଲି ରାତିରେ ଦେଖିଛି, ଅନୁଭବ କରିଛି । ମୋ ଝିଅ ଓ ସ୍ୱାମୀ ଅବାକ୍ ହୋଇ ମୋ ମୁହଁକୁ ଚାହିଁଲେ ଓ ବ୍ୟସ୍ତରେ ପଚାରିଲେ - କେମିତି? କେତେବେଳେ? ମୁଁ କହିବାକୁ ଆରମ୍ଭ କଲି - ପ୍ରାୟ ସବୁଦିନ ମୁଁ ଶୋଇଲାପରେ, କେବେ ସ୍ୱପ୍ନ ଦେଖେନି କି ଅଧାରାତିରେ ଉଠେ ନାହିଁ । ଥରେ ଶୋଇଲେ, ସକାଳୁ ଉଠେ । କାଲି କିନ୍ତୁ ଅଧରାତିରେ ଉଠିପଡ଼ିଲି ।

ଅଧା ନିଦରେ ଆଖି ମଳିମଳି ବାଥରୁମ ଭିତରକୁ ପଶିଗଲି । ଦେହରେ ଜ୍ୱର କି କାଶ କିଛି ନଥିଲା । ହଠାତ୍ ଦେହଟା ଖଇଫୁଟିଲା ଭଳି ଗରମ ହୋଇଗଲା ଓ କାଶ ଏତେ ଜୋରରେ ହେଲା ଯେ ନିଃଶ୍ୱାସ ପ୍ରଶ୍ୱାସ ଠିକ ସେ ନେଇ ପାରିଲିନି । ପ୍ରଶ୍ୱାସ ବାୟୁ ତଳକୁ ଆଉ ସ୍ୱାଭାବିକ ଢଙ୍ଗରେ ଯାଉ ନଥାଏ । ବିକଳରେ ଛଟପଟ ହୋଇ ବାଥରୁମ ବାହାରି ଆସିଲି । ମାତ୍ର ଏତେ ଜୋରରେ ମୁଣ୍ଡ ବୁଲାଇଦେଲା, ଆଖିକୁ କିଛି ଦେଖା ଗଲାନି । ପାଖରେ ଥିବା ବେସିନଟାକୁ ଧରି ଠିଆହୋଇ ପଡ଼ିଲି । ତଥାପି



ନିଶ୍ୱାସଟା ତଳକୁ ଯାଉନଥାଏ । ତଣ୍ଟିରୁ କଥା ବି ବାହାରୁ ନଥାଏ । ଅଳ୍ପ ଦୂରରେ ଖଟରେ ସ୍ୱାମୀ ଶୋଇଛନ୍ତି, ମାତ୍ର ମୁଁ ତାଙ୍କୁ ଡାକି ପାରୁ ନଥାଏ । ମୃତ୍ୟୁକୁ ମୋ ଭିତରେ ଅନୁଭବ କରିପାରୁଥିଲି ମାତ୍ର ପ୍ରକାଶ କରିପାରୁ ନଥାଏ, ଲାଗୁଥାଏ ଯେମିତି ଅଳ୍ପଦୂରରେ କିଏ ଠିଆ ହୋଇ ମୋତେ ତା' ଆଡ଼କୁ ଡାକୁଚି । କି ବିଚିତ୍ର ସେହି ସମୟ... ଅବର୍ଣ୍ଣନୀୟ... ।

ହଠାତ୍ ଝରକା ବାଟଦେଇ ଦଲକାଏ ପବନ ଘର ଭିତରକୁ ପଳାଇ ଆସିଲା । ମୋ ନିଶ୍ୱାସ ପ୍ରଶ୍ୱାସ ଟିକେ ସ୍ୱାଭାବିକ ହେଲା । ଦେହରୁ ଜ୍ୱରଟା ବି ଚାଲିଗଲା । ମୁଣ୍ଡ ବୁଲାଟା ବି ଠିକ୍ ଲାଗିଲା, ନିଜେ ଠିକ୍ ରେ ଠିଆ ହେଲି ଓ ଧିରେ ଧିରେ ଖଟ ପାଖକୁ ଗଲି । ମୋତେ ଟିକେ ସ୍ୱାଭାବିକ ହେବା ପାଇଁ ଏକ ମିନିଟରୁ ବି କମ୍ ଲାଗିଥିଲା । ଯଦି ପୂର୍ବ ଅବସ୍ଥାରେ ଆଉ ଟିକେ ସମୟ ରହିଥାନ୍ତି, ତା'ହେଲେ ମୁଁ ଆଜି ଏସବୁ ଲେଖିପାରି ନଥାନ୍ତି ।

ମୋତେ ଆଜି କେହି ବିଶ୍ୱାସ କରୁ ବା ନକରୁ, ମୁଁ ମୃତ୍ୟୁକୁ ଅନୁଭବ କରିଛି । ତା'ପରଦିନ ଠାରୁ ମୋ ଦେହ ପୁରା ଠିକ୍ ଥିଲା । ମାତ୍ର କଣ୍ଠନଳୀରେ କିଛି ଅଟକି ଗଲାପରି ଲାଗୁଥିଲା । ମଝିରେ ମଝିରେ କାଶଟା ହେଉଥିଲା । ସବୁ କାମ ପୁଣି ସ୍ୱାଭାବିକ ଭାବରେ କରିବା ଆରମ୍ଭ କଲି । ମୋର କଲେଜକୁ ଗଲି, ଘର କାମ, ଠାକୁର ପୂଜା, ଭାଗବତ ପଢ଼ା ଆଦି କରିବାରେ କିଛି ଅସୁବିଧା ହେଉନଥାଏ, ମାତ୍ର ମୋତେ ଲାଗୁଥାଏ ମୋ ଦେହ ଭିତରେ କିଛି ବଡ଼ ଧରଣର ଭଙ୍ଗାଗଢ଼ା ଚାଲିଛି । ଦେହଟା ବଡ଼ ଦୁର୍ବଳ ଲାଗୁଥାଏ । ଖାଇବାର ଇଚ୍ଛା ପୁରାପୁରି ମରିଯାଇଥାଏ ।

ମୁଁ ମୋର ଡାକ୍ତରଙ୍କ ପାଖକୁ ଗଲି । ମୋର ବ୍ଲଡ଼ ପ୍ରେସର ପୁରା ନର୍ମାଲ୍ ଥିଲା । ଦେହଟା ଏମିତି ଅସୁସ୍ଥ କାହିଁକି ହେଲା ଚିହ୍ନଟ ହୋଇପାରୁ ନଥାଏ । ମୋତେ ଲାଗୁଥାଏ, ମୃତ୍ୟୁ ଯେମିତି ଲୁଚିଛପି ମୋତେ ନେବା ପାଇଁ, ମୋ ଦେହ ଭିତରେ ପଶିଯାଇଛି । ମୁଁ ଦୁଇହାତ ଯୋଡ଼ି ମନେ ମନେ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥାଏ । "ହେ ଅନ୍ତର୍ଯ୍ୟାମୀ, ତୁମେ ମୋର ଅନ୍ତରର ସବୁକଥା ଜାଣ । ମୁଁ ନିକଟରେ କାନାଡ଼ାରୁ ଭାରତକୁ ଯିବି । ପୁରୀରେ ଗରୁଡ଼ ସ୍ତମ୍ଭ ପଛପଟୁ ତୁମକୁ ରତ୍ନବେଦୀରେ ଦର୍ଶନ କରିବାର ଇଚ୍ଛା ଅଛି, ମୋତେ ସେ ପର୍ଯ୍ୟନ୍ତ ତୁମ ପାଦତଳେ ମୋତେ ଶରଣ ଦିଅ ।"

ସତରେ ଶ୍ରୀଜଗନ୍ନାଥଙ୍କ ଲୀଳା ଅଲୌକିକ । ମହାପ୍ରଭୁଙ୍କର ଅପାର କରୁଣା । କାର୍ତ୍ତିକ ମାସ ଚାଲିଥାଏ । ସେଦିନ ପ୍ରବଳ ଭିଡ଼ । ମୁଁ ଆଶା କରିପାରୁ ନଥିଲି କେମିତି 'ମହାବାହୁ'ଙ୍କ ଦର୍ଶନ ପାଇବି । ଆଗକୁ ଯାଇ ତାଙ୍କର ଛଡ଼ା ତୁଳସୀ ଟିକେ ପାଇପାରିବି । ସତରେ ମନ ଦୁଃଖରେ ଏତେ ଲୋକଙ୍କ ଧସ୍ତାଧସ୍ତିରେ ଆଗକୁ ଯିବା ସମ୍ଭବ ହୋଇପାରୁ ନଥାଏ । ବହୁ ସମୟ ଅପେକ୍ଷା କଲି, ଆଖିରେ ଲୁହ ଭରିଯାଇଥାଏ । ମନେ ମନେ ଭାବିଲି, ଯିଏ ମୋତେ ମୃତ୍ୟୁ ମୁହଁରୁ ଏଠାକୁ ଆଣିଛନ୍ତି, ସିଏ ମୋ ଆଡ଼କୁ ଚାହିଁ ହସୁଛନ୍ତି । ସତ୍ୟ ମାତ୍ର ଅନ୍ୟ ଆଡ଼କୁ ଚାହିଁଛନ୍ତି ।

ତା'ହେଲେ ମୋ' କଳାଠାକୁର ମୋତେ ବିଶ୍ୱାସ କରୁନାହାନ୍ତି । ଯାହାଙ୍କ ପାଇଁ ଏତେ ଦୂରରୁ ପାଗଳ ଭଳି ଦଉଡ଼ି ଆସିଲି - ସିଏ ମୋତେ କେମିତି ବିଶ୍ୱାସ କରିବେ? ମୁଁ କ'ଣ କରିପାରିବି? ଏହି ମୁହୂର୍ତ୍ତ ଠାରୁ ମୋର ପ୍ରିୟତମଙ୍କ ପାଖରେ ମୋର ଏହି ଅସୁସ୍ଥ ଶରୀର, ମନ ଓ ସବୁକିଛି ସମର୍ପଣ କଲି । ଏହି ଅସୁସ୍ଥ ଶରୀରରେ କି ସେବା କରିପାରିବି ମୁଁ ନିଜେ ବି ଜାଣିନି । ଏହିଭଳି ଭାବୁଭାବୁ ଆଖିରୁ ଅଜାଣତରେ ଧାରଧାର ଲୁହ ବୋହିଗଲା ।

ହଠାତ୍ ଲାଗିଲା କେହି ଜଣେ ମୋ ହାତ ଭିତରେ ଟିକେ ତୁଳସୀ ଓ ଠାକୁରଙ୍କର ଆଳତୀ ଧୂପର ବାସ୍ନା ଦେଇ ଚାଲିଗଲେ ।

ମୁଁ ଆଗକୁ ଚାହିଁଲି । ଆଗରେ ପ୍ରବଳ ଭିଡ଼ । ମହାପ୍ରଭୁ ଆଦୌ ଦିଶୁ ନଥିଲେ, ଭାବିଲି, ଯିଏ ମୋର ସବୁ ଇଚ୍ଛା ପୂର୍ଣ୍ଣ କରୁଛନ୍ତି । ବିପଦ ଆପଦରେ ମୋ ସାଙ୍ଗରେ ଅଛନ୍ତି । ସିଏ ଯେତେବେଳେ ମୋ ଆଡ଼କୁ ହାତ ବଢ଼ାଉଛନ୍ତି, "ମୁଁ ତାଙ୍କୁ ନଧରି ସାରା ସଂସାରକୁ ସାଉଁଟି ଚାଲିଛି । ନିଜକୁ ଚିହ୍ନନି ଅନ୍ୟମାନଙ୍କୁ ଭଲ ପାଉଛି । ମୋ ମହାପ୍ରଭୁଙ୍କ ପାଇଁ ମନେ ମନେ ନିଜକୁ ବହୁତ ଗାଳିଦେଲି । କେତେବଡ଼ ପାପୀଟା ମୁହିଁ, ମୋ' ଭଳି ଅଧମ ଆଉ କେହି ନାହିଁ, ସାଷ୍ଟାଙ୍ଗ ପ୍ରଣିପାତ କରିସାରି ମହାପ୍ରଭୁଙ୍କୁ ଚାହିଁଲି ଓ କହିଲି - "ଆଜିଠାରୁ ମୁଁ କେବଳ ତୁମର । ମୋର ବାକି ଜୀବନ ତୁମକୁ ସମର୍ପଣ କଲି, ଯେମିତି ଚାହିଁବ ସେମିତି କରିବି ।" ମୋତେ ଲାଗିଲା ଗହଳି ଭିତରୁ ବି ସିଏ ମୋତେ ଚାହିଁ ହସୁଥିଲେ ।

ସେଇଦିନ ପ୍ରଭୁଙ୍କ ପାଦତଳେ ମୁଣ୍ଡିଆ ମାରି ମୋର ବାକଶକ୍ତିକୁ ତାଙ୍କୁ ଦେଇଦେଲି । ନିଜକୁ ତାଙ୍କର ପାଦପଦ୍ମରେ ସମର୍ପଣ କରି କହିଲି - "ହେ ପ୍ରଭୁ! ତୁମେ ଚାହିଁଲେ କଥା କହିବି ନହେଲେ ନାହିଁ । ତା' ପରଠାରୁ ନୀରବ ହୋଇ କେବଳ ମନେ ମନେ ପ୍ରଭୁଙ୍କ ନାମ ଗାନ କରୁଥିଲି । କିନ୍ତୁ ଆଖି ଆଗରେ ତାଙ୍କର ଚକା ଡୋଳା ଦିଶିଯାଉଥିଲା ।

ଅଳ୍ପଦିନ ଭିତରେ ପୁଣି କାନାଡ଼ାକୁ ଫେରିଗଲି । ସେଠାରେ ପହଞ୍ଚି ଟିକେ ଅସୁସ୍ଥତା ଅନୁଭବ କଲି । ସେଦିନ ଡାକ୍ତରଙ୍କ ପାଖକୁ ଗଲି । ବ୍ଲଡ୍ ପ୍ରେସର, ରକ୍ତ ଆଦି ପରୀକ୍ଷା ହେଲା । ସବୁ ନର୍ମାଲ୍ ଥିଲା । ଇ.ସି.ଜି. ହେଲା, ହାର୍ଟରେ ଗୋଟିଏ ହୋଲ୍ (କଣା) ଅଛି ବୋଲି ରିପୋର୍ଟରୁ ବାହାରିଲା । ମୋର ଅପରେସନ୍ ପାଇଁ ଡାକ୍ତର ତାରିଖ ସ୍ଥିର କରିସାରିଥାନ୍ତି । ହଠାତ୍ ରାତିରେ ଶୋଇଥିବା ସମୟରେ ସତରେ ମୃତ୍ୟୁ ହେଲା ।



ମୃତ୍ୟୁ ପୂର୍ବ ରାତିରେ ମୁଁ ଶୋଇବା ପୂର୍ବରୁ କାନ୍ଦି କାନ୍ଦି କହିଥିଲି - "ହେ ମହାପ୍ରଭୁ! ସବୁଆଡୁ ହୃଦୟ ଫେରାଇ ଆଣି ତୁମ ପାଖରେ ସମର୍ପଣ କରିବା ବେଳେ ସେଇଟାରେ ହିଁ କଣା ଥିଲା । ତଥାପି ତୁମେ ମୋର ସେହି କଣା, କ୍ଷତ ହୃଦୟକୁ ତୁମ ପାଦ ତଳକୁ ସାଉଁଟି ନେଲ । ଆଜି ପର୍ଯ୍ୟନ୍ତ ଏତେ ଡାକ୍ତର ସାଧାରଣ ବ୍ଲଡ୍ ପ୍ରେସର କହି ଧରିପାରୁ ନଥିଲେ । ଯେଉଁଦିନ ମୋ ନିଜକୁ ତୁମ ପାଖରେ ସମର୍ପଣ କରିଦେଲି, ତା' ପରଠାରୁ ରୋଗ ଧରା ପଡ଼ିଗଲା ଓ ସବୁ ବାଟ ଫିଟିଗଲା ।

"ଯସ୍ୟ ସ୍ମରଣ ମାତ୍ରେଣ , ଜନ୍ମ ସଂସାର ବନ୍ଧନାତ୍ ।

ବିମୁଚ୍ୟତେ ନମସ୍ତସ୍ମୈ, ବିଷ୍ଣବେ ପ୍ରଭ ବିଷ୍ଣବେ । ନମସ୍ତସ୍ମୈ ନମସ୍ତସ୍ମୈ ନମସ୍ତସ୍ମୈ ନମୋନମଃ । - ମହାଭାରତ



*Dr. Sunanda MIshra Panda is a social entrepreneur, community leader, an educationist and a litterateur. She is the CEO of Vidya Publishing Inc., a federally incorporated company based in Toronto, Canada. The corporation is focused at promoting translation and research based publications, and creative authors. She is a poet and also writes short stories for children. As one of the founders for "Odia Sahitya Tungi", she has been organizing various discourse and webinars since April 2020.*

# ଅନୁତପ୍ତ ସନ୍ତାନ

ଡ଼ ଜୟଶ୍ରୀ ନନ୍ଦ

ଶିଖିଗଲା ପରେ ପକ୍ଷୀଠାରୁ ( ତାଙ୍କଠାରୁ)
ଆକାଶରେ ଉଡିବା କୌଶଳ ,
ମୀନଠାରୁ କୋଳସ୍ପର୍ଶ ସମୁଦ୍ରର
ଫୁଲଠାରୁ ଚିତ୍ର କଳା ସୌନ୍ଦର୍ଯ୍ୟର
ଝରଣାରୁ ରାଗ ରାଗିଣୀ ସଙ୍ଗିତ ସୁରର
ସ୍ୱ ଦର୍ପ ପାଲଟି ଗଲୁ ଆମେ।

ଯୁଦ୍ଧଭିଳାଷୀ ସମ୍ରାଟ ହୋଇଗଲୁ
ସେମାନଙ୍କ ବିରୁଦ୍ଧରେ ,
ଆଜି ପକ୍ଷୀ ନାହିଁ ,ଫୁଲ ନାହିଁ
ଝରଣା ବି ଶୁଷ୍କ ,
ଶାସନ କରିବାକୁ ନାହାନ୍ତି ସେମାନେ
ଆଜି ଆମେ ଅନୁତପ୍ତ।

ହୃଦୟରେ ଶତ ପ୍ରେମ ତାଙ୍କ ପାଇଁ
ଅନେକ ବିଶ୍ୱାସ ତାଙ୍କ ଆଶିର୍ବାଦ ପାଇଁ
ହେଲେ ସେ ତ ଅପହଞ୍ଚ , ଅନେକ ଦୂରରେ
ଆତ୍ମା ନିରନ୍ତର ଝୁରେ ତାଙ୍କୁ , ଶିର ଖୋଜେ
ତାଙ୍କ ହାତ ସ୍ପର୍ଶ ,
ଅନୁତପ୍ତ ଆମେ
ହୃଦୟର କୋଣ ଅନୁକୋଣେ ।



*Jayashree Nanda , a passionate Odia writer staying in London .*



# କବିସମ୍ରାଟ ଉପେନ୍ଦ୍ରଭଞ୍ଜ

ଏ ସୂର୍ଯ୍ୟନାରାୟଣ ପାତ୍ର

ମୋର ଜନ୍ମସ୍ଥାନ ଓଡିଶା ପ୍ରଦେଶର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଭଞ୍ଜନଗର ସବଡ଼ିଭିଜନ ଘୁମୁସର ତହସିଲର ନିକଟବର୍ତ୍ତୀ କୁଲାଡ଼ ଠାରୁ ଅଳ୍ପଦୂର ତୁଳସୀପଲ୍ଲୀ ଗ୍ରାମରେ ଅବସ୍ଥିତ | ଏଠି ଭଞ୍ଜ ରାଜାଙ୍କ ଇଷ୍ଟଦେବୀ ମା ବ୍ରାଘ୍ୟ ଦେବୀଙ୍କ ମନ୍ଦିର ଅଛି | ଏହି ଠିକଣାଟି ଶୁଣିଲା ପରେ ଯେ କୌଣସି ଜ୍ଞାନୀ ଗୁଣି ବ୍ୟକ୍ତି ଭାବିବେ ସହରର ନାମ କାହିଁକି ଭଞ୍ଜନଗର ରଖାଗଲା | ଶୁଣାଯାଏ ଯେ ସହରଟି ବିଶିଷ୍ଟ କବି ଉପେନ୍ଦ୍ରଭଞ୍ଜଙ୍କ ନାମରେ ନାମିତ | ତାହାଙ୍କ କବିତ୍ୱର ବିକାଶ ଓ ଇତିହାସର ଆଲୋକପାତ ନିହାତି ଆବଶ୍ୟକ |

ଭଞ୍ଜ ରାଜବଂଶର ୫୫ ତମ ରାଜା ଥିଲେ ଧନଞ୍ଜୟ ଭଞ୍ଜ ଓ ସେ ଦୀର୍ଘ ୬୫ ବର୍ଷ ଧରି ରାଜତ୍ୱ କରିଥିଲେ | ତାଙ୍କର ଚତୁର୍ଥ ପୁତ୍ର ନୀଳକଣ୍ଠ ଭଞ୍ଜଙ୍କର ଜ୍ୟଷ୍ଠ ପୁତ୍ର ଥିଲେ କବି ଉପେନ୍ଦ୍ର ଭଞ୍ଜ | ଶବ୍ଦର ଯାଦୁକରୀ ଶିଳ୍ପରେ ଉପେନ୍ଦ୍ରଙ୍କ ଅଂଗଶଯ୍ୟା ଯେମିତି ମନୋହର ସେହିପରି ଦିଗନ୍ତଦର୍ଶୀ କଳ୍ପନା ଓ ଅର୍ଥବୈଚିତ୍ର ଘେନି ତାଙ୍କ କବିତାର ଆମ୍ରିକ ପ୍ରକରଣ ମଧ ହୃଦୟସ୍ପର୍ଶୀ | ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାଳ ପ୍ରୟୋଗରେ କବିସମ୍ରାଟଙ୍କ ସିଦ୍ଧି ଅନତିକ୍ରମ୍ୟ | ଓଡ଼ିଶାର ସାମାଜିକ ଜୀବନ, ସଂସ୍କୃତି, ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥ, ପୂଜାପର୍ବ, ନୃତ୍ୟସଙ୍ଗୀତ, ସାଧାରଣ ଜନତାଙ୍କ ଜୀବନଚିତ୍ର, ବନବାସୀ ସମ୍ପ୍ରଦାୟର ଜୀବନ ଜୀବିକା ସେ ସମୟରେ ଓଡ଼ିଶାର ବାଣିଜ୍ୟ, କୃଷିକାର୍ଯ୍ୟ, ରମଣୀୟ ପ୍ରକୃତି, ନଦୀ ଓ ତୀର୍ଥସ୍ଥାନ ପ୍ରଭୃତି ବିଷୟେ ଉପେନ୍ଦ୍ର ଭଞ୍ଜ ନିଜ କାବ୍ୟ କବିତାରେ ବର୍ଣ୍ଣନା କରି ଜନଜୀବନରେ ବେଶ ଆଦୃତ ହୋଇ ପାରିଛନ୍ତି |

ଉପେନ୍ଦ୍ର ଭଞ୍ଜଙ୍କର ପିତାମହ ଧନଞ୍ଜୟ ଭଞ୍ଜ ଏକାଧାରରେ ଜଣେ କବି, ଲେଖକ, ପଣ୍ଡିତ, ସଙ୍ଗୀତ ବିଶାରଦ, ଶାସ୍ତ୍ରଦର୍ଶୀ, କଳାପ୍ରେମୀ ଓ ନୃତ୍ୟ ରସିକ ଥିଲେ | ତାଙ୍କ

ରାଜସଭାରେ କେତେକ ବଛା ବଛା ପଣ୍ଡିତଙ୍କ ଉପରେ ଉପେନ୍ଦ୍ର ଭଞ୍ଜଙ୍କର ଶିକ୍ଷା ଭାର ନ୍ୟସ୍ତ କରିଥିଲେ | ନିଜର ଅକ୍ଲାନ୍ତ ଉଦ୍ୟମ ଓ ସେମାନଙ୍କର ସହାୟତା ଫଳରେ ଉପେନ୍ଦ୍ର ଅଳ୍ପକାଳ ମଧ୍ୟରେ ସଂସ୍କୃତ କାବ୍ୟ, ନାଟକ, ଶାସ୍ତ୍ରପୁରାଣ, ବେଦାନ୍ତ, ସାଂଖ୍ୟ ଓ ନ୍ୟାୟାଦି ଷଡ଼ଦର୍ଶନ, ଜ୍ୟୋତିଷ, ସଙ୍ଗୀତ, ଧନୁର୍ବେଦ, ଆୟୁର୍ବେଦ, ଇତିହାସ, କାମସୂତ୍ର, ସ୍ମୃତି, ଅଶ୍ୱଚିକିତ୍ସା ଶାସ୍ତ୍ର, ଭୂଗୋଳ ଓ ବିଜ୍ଞାନ ଆଦି ବିଭିନ୍ନ ବିଦ୍ୟାରେ ପାରଙ୍ଗମତା ଅର୍ଜନ କରିଥିଲେ | ସଂସ୍କୃତ ସାହିତ୍ୟରେ କାଳିଦାସ, ଭବଭୂତି, ମାଘ, ବଣଭଟ୍ଟ, ଶ୍ରୀ ହର୍ଷ ଆଦି ମହା କବି ମାନଙ୍କର ବିରଚିତ ରଚନାବଳୀ ସେ ଉତ୍ତମରୂପେ ଅଧ୍ୟୟନ କରିଥିଲେ |

ଏହା ବ୍ୟତୀତ ଉପେନ୍ଦ୍ର ସାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ଜଗମୋହନ ରାମାୟଣ, ଜଗନ୍ନାଥ ଦାସଙ୍କ ଭାଗବତ, ଶିଶୁଶଙ୍କର ଦାସଙ୍କ ଉଷାଭିଳାଷ ଆଦି ବିଭିନ୍ନ ଓଡ଼ିଆ ଗ୍ରନ୍ଥମାନ ଅଧ୍ୟୟନ କରିଥିଲେ | ଓଡ଼ିଆ ଭାଷା ବ୍ୟତୀତ ତେଲୁଗୁ, ହିନ୍ଦୀ, ଓ ବଙ୍ଗଳା ଭାଷାରେ ତାଙ୍କର ଗଭୀର ପ୍ରବେଶ ଥିଲା | ତେଣୁ ସେ 'ବ' ଆଦ୍ୟ ନିୟମରେ "ବୈଦେହୀଶ ବିଳାସ ", 'ସ' ଆଦ୍ୟ ନିୟମରେ " ସୁଭଦ୍ରା ପରିଣୟ " , 'କ' ଆଦ୍ୟ ଓ ପ୍ରାନ୍ତ ନିୟମରେ " କଳା କୌତୁକ ", ଅବନା ଅକ୍ଷରରେ "ଅବନା ରସ ତରଙ୍ଗ" , ଆଳଙ୍କାରିକ କାବ୍ୟ " କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ" ଓ ଲାବଣ୍ୟବତୀ | ଚିତ୍ର ମାଧ୍ୟମରେ " ଚିତ୍ରକାବ୍ୟ ବନ୍ଧୋଦୟ " ରଚନା କରିଛନ୍ତି | ଏହା ଚତୁର୍ଥ ଗ୍ରନ୍ଥର ୫୪ ଠାରୁ ୫୮ ପର୍ବରେ ନିମ୍ନଲିଖିତ ଅଙ୍କ କୁହୁକ ଉଲ୍ଲେଖ କରିଛନ୍ତି |

ଜଣେ ଜିଜ୍ଞାସୁ ବ୍ୟକ୍ତି ଜଣେ ଗଣିତ ବିଶାରଦଙ୍କୁ ପ୍ରଶ୍ନକଲେ ମନୁଷ୍ୟ ମାନଙ୍କର ସର୍ବାଧିକ ଆୟୁଷ କେତେ ?? ଏହି କଥାକୁ ଉପେନ୍ଦ୍ର ଭଞ୍ଜ କାବ୍ୟରେ ଲେଖିଛନ୍ତି | ଗଣଙ୍କ ଜଣକୁ ଏକ ଅଧିକୃତ ଫୁସ ପୁଛିଲା ପ୍ରଶ୍ନ ଉତ୍ତର ଉଚ୍ଚାରିଏ ଭାଗ | କହ ମନବଙ୍କ ଆୟୁଷ ସଂଖ୍ୟା କେତେ ??

"ସେ ବୋଇଲା ଇଷ୍ଟ ଅଙ୍କ ସାପ ମହାଗତେ |
ସୂର୍ଯ୍ୟରେ ଗୁଣି, ଲୋଚନ ତହୁଁ ଫେଡ଼ିଦିଅ |
ଶରକୁ ଆଣି ତାହାର ସଙ୍ଗେ ମିଶାଅ |
ବେଦରେ ହରି ଯେ ଶେଷ ସତତ୍ରି ଗୁଣ |
ଆମ୍ଭ ଶାସ୍ତ୍ର ମତେ କରୁ ଏତିକି ପ୍ରମାଣ |
ସେ ଜାଣି ଅଷ୍ଟ ଉତ୍ତର ଶତ ସମ୍ବତ୍ସର |
କୋଷ କାର୍ତିକ ଧନ୍ୟାର୍ଥେ ବୋଲେଏ ଉତ୍ତର |

ମନେକର -
ଇଷ୍ଟ ଅଙ୍କ ( ଯେ କୌଣସି ଅଙ୍କ ) =୪
ସୂର୍ଯ୍ୟ (୧୨) ରେ ଗୁଣି (୧୩*୪)= ୪୮
ଲୋଚନ (୨) ଫେଡ଼ (୪୮-୨)=୪୬
ଶର (୫) କୁ ମିଶାଅ (୪୬+୫)=୫୧
ବେଦ (୪) ରେ ହରି (୫୧/୪), ଭାଗଶେଶ ୩.
ସତତ୍ରି ଚଣ (୩୬) ରେ ଗୁଣ = ୩*୩୬=୧୦୮ ବର୍ଷ |

ଏଥିରୁ ପ୍ରତିପନ୍ନ ହୁଏ ଯେ ସେ ଜଣେ ଗଣିତ ବିଶାରଦ ଥିଲେ |

ଏହାଛଡା ସେ ଅମରକୋଷ, ମେଦିନୀ କୋଷ, କାବ୍ୟାନୁ ଶାସକ ଆଦି ବହୁ କୋଶ ଗ୍ରନ୍ଥ ମଧ ଅଧ୍ୟୟନ କରିଥିଲେ | କାବ୍ୟ ପ୍ରକାଶ, ଧ୍ୱନ୍ୟାଲୋକ, ସାହିତ୍ୟ ଦର୍ପଣ ଓ ରସ ଗଙ୍ଗାଧର ଆଦି ନାନା ଅଳଙ୍କାର ସମ୍ବନ୍ଧିୟ ଗ୍ରନ୍ଥ ମଧ ଅଧ୍ୟୟନ କରିଥିଲେ | କବିଙ୍କ ନିଜ ଲେଖାରୁ ତାଙ୍କ ଅଧ୍ୟୟନର ପରିସର ସମ୍ବନ୍ଧରେ ସମ୍ୟକ ସୂଚନା ମିଳିଥାଏ |

"କାବ୍ୟ ନାଟକ ଅଳଙ୍କାର ଜାତ କୋବିଦେ କେବଳ ବୋଲନ୍ତି ତ ||

କୋଷା ଭିଧାନ ସାକ୍ଷାତ ଜନ କବିତ୍ୱ ଛନ୍ଦ ଜଳକେ ସମାନ ||
କଥିତ କୀର୍ତି ଗୀତେ ଏ ମତି , କାଳିଦାସ ବାଣୀ ପରାୟେ ସ୍ଫୁର୍ତ୍ତି ||
କଳା ପିଙ୍ଗଳ ଶାସ୍ତ୍ରେ ଅନର୍ଗଳ କେତେ ପ୍ରବନ୍ଧେ ପୁରାଇ ଭୂଲେ ||
(ରସ ପଞ୍ଚକ)
ଶବ୍ଦ ଶାସ୍ତ୍ର ଉପରେ ଉପେନ୍ଦ୍ରଙ୍କର ଆଧିପତ୍ୟ ଥିଲା ଅସାଧାରଣ |

" ତରଣୀ କୁଳର ସାର, ଆଶ୍ରୟରୁ ନିରନ୍ତର ,
କହେ ଉପ ଇନ୍ଦ୍ର ଭଞ୍ଜ ମୁଁ ଲଭିଛି ଶବଦ ସମୁଦ୍ର ପାର ||
( କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ )

ଉପେନ୍ଦ୍ର ଭଞ୍ଜ ନିଜର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ଐଶରିକ ଶକ୍ତି ଉପରେ ଅଗାଧ ଭକ୍ତି ଥିଲା | ସେ ନିଜର ଲକ୍ଷ ସାଧନା ପାଇଁ ବଂଶର ଇଷ୍ଟ ଦେବୀଙ୍କର ଶରଣାପନ୍ନ ହୋଇଥିଲେ | ମା ବାଗଦେବୀ ତାଙ୍କୁ ଆଦେଶ କଲେ ଯେ ନୟାଗଡ଼ର ଓଡଗାଁ ଠାରେ ପୂଜା ପାଉଥିବା ଶ୍ରୀ ରଘୁନାଥ ଜୀଉ ଙ୍କ ପବିତ୍ର ପୀଠକୁ ଯାଇ ସେବାରେ ରାମ ତାରକ ମନ୍ତ୍ର ସାଧନାରେ ସିଦ୍ଧିଲାଭ କଲେ ତାଙ୍କର ଚିର ପୋଷିତ ଲକ୍ଷ ପୂରଣ ହେବ | ତେଣୁ ସେ ସେଠାକୁ ଯାଇ ରଘୁନାଥ ଜୀଉ ଙ୍କର ଶରଣାପନ୍ନ ହେଲେ | ଏହି ସମୟରେ ରଘୁନାଥ ନାମକ ଜଣେ ସନ୍ୟାସୀ ଉପେନ୍ଦ୍ରଙ୍କ ବୀହ ବରା ଯ୍‌କାନ୍ତିକ ଭକ୍ତି ଓ ଅଟଳ ସଂକଳ୍ପ ରେ ସନ୍ତୁଷ୍ଟ ହୋଇ ତାହାଙ୍କୁ ରାମତାରକ ମନ୍ତ୍ରର ମାହାତ୍ମ୍ୟ, ଉପଯୋଗୀତା, ଓ ସାଧନ ମାର୍ଗ ବିଷୟରେ ଉପଦେଶ ଦେଇଥିଲେ ବୋଲି କୁହାଯାଏ | କଥିତ ଅଛି ଯେ ସ୍ୱୟଂ ରଘୁନାଥ ଜୀ ଛଦ୍ମ ସନ୍ୟାସୀ ବେଶରେ ତାଙ୍କ ସମ୍ମୁଖରେ ଆବିର୍ଭୁତ ହୋଇ ତାହାକୁ ରାମତାରକା ମନ୍ତ୍ରର ସାଧନ ମାର୍ଗ ପ୍ରଦର୍ଶନ

କରିଥିଲେ | ସେହି ସ୍ଥାନ ଜନଗହଳି ପୂର୍ଣ ଥିବାରୁ ଉପେନ୍ଦ୍ର ଭଞ୍ଜଙ୍କ ସାଧନାରେ ବାଧା ସୃଷ୍ଟି ହେବାରୁ ସେ ବୁଦ୍ଧଖୋଲ (ବୁଗୁଡ଼ା) ପର୍ବତ କୁ ଯାଇ ପର୍ବତର ଉର୍ଦ୍ଧ ଦେଶ ସ୍ଥିତ ଏକ ନିର୍ଜନ ଗୁମ୍ଫାରେ ସାଧନା ରତ ହେଲେ | ଏହିପରେ ସେ ସାଧନା ରେ ସିଦ୍ଧିଲାଭ କରିଥିବାରୁ ସେହି ଗୁମ୍ଫା ଲୋକରେ ଅଦ୍ୟା ବଧି "ସିଦ୍ଧ ଗୁମ୍ଫା" ନାମରେ ପରିଚିତ | ଉପେନ୍ଦ୍ର ଭଞ୍ଜ ରାମତାରକ ମନ୍ତ୍ରରେ ସିଦ୍ଧିଲାଭ କରି ଅଦ୍ଭୁତ କବିତ୍ୱ ଶକ୍ତିର ଅଧିକାରୀ ହୋଇଥିବା ବିଷୟ ସ୍ୱ ରଚିତ ଗ୍ରନ୍ଥ ସମୂହର ବିଭିନ୍ନ ସ୍ଥାନରେ ଉଲ୍ଲେଖ କରି ଅଛନ୍ତି |

" ତାରକ ମନ୍ତ୍ର ପାରସାଦେ ମୋହର କବିପଣ ଉଦେ "
" ବଳାଇ ଚିତ୍ତ ଅନବରତ ଭାଗ୍ୟ ଗ୍ରହଣ ତାରକ ମନ୍ତ୍ର,
ସୀତା ଶ୍ରୀ ରାମ ରଚିତ ଗୀତ କୃତେ ଲାଳସା ଯେ "
(ବୈଦେହୀଶ ବିଳାସ)

ଦେବୀକୃପା ଲାଭ

କିମ୍ବଦନ୍ତୀ ଅଛି ଯେ ଉପେନ୍ଦ୍ର ଭଞ୍ଜ ରାମତରକା ମନ୍ତ୍ର ସାଧନାରେ ସିଦ୍ଧିଲାଭ କରି ରାତ୍ର ର ବିଳମ୍ବିତ ପ୍ରହରରେ ଅଶ୍ୱାରୋହକ ପୂର୍ବକ କୁଲାଡ଼ ଗଡକୁ ପ୍ରତ୍ୟାବର୍ତନ କରୁଥିବା ବେଳେ ପଥ ମଧରେ ଏକ ଅଭୁତପୂର୍ବ ଘଟଣା ଘଟିଲା | ସେ ଦେଖିଲେ ଯେ ପଥ ପାର୍ଶ୍ୱସ୍ଥ ସ୍ମଶାନରେ ଗୋଟିଏ ଶବ ଉପରେ ବସି ଜଣେ ତାନ୍ତ୍ରିକ ସାଧନା କରୁଛନ୍ତି | ତତ୍ପରେ ଦେବୀ ସାଧକର ସମ୍ମୁଖରେ ଆବିର୍ଭୁତ ହୋଇ ତାହାକୁ ବର ପ୍ରାର୍ଥନା କରିବାକୁ ଆହ୍ୱାନ କଲେ | ଦେବୀ ଙ୍କର ଭୟଙ୍କର ରୂପ ଦର୍ଶନରେ ସାଧକ ମୂର୍ଚ୍ଛିତ ହୋଇ ପଡିଲେ | ଉପେନ୍ଦ୍ର ତତକ୍ଷଣାତ ଅଶ୍ୱ ପୃଷ୍ଠରୁ ଅବତରଣ କରି ଅପୂର୍ବ ସାହସର ସହିତ ଦେବୀଙ୍କର ସମ୍ମୁଖରେ ଦଣ୍ଡାୟମାନ ହୋଇ ତାହାଙ୍କୁ କବିତ୍ୱ ଶକ୍ତି ପ୍ରଦାନ କରିବା ପାଇଁ ପ୍ରାର୍ଥନା କଲେ | ଦେବୀ ତଥାସ୍ତୁ ବୋଲି କହି ସେଠାରୁ ଅନ୍ତର୍ହିତ ହୋଇଗଲେ | ଏ ବିଷୟ ଉପେନ୍ଦ୍ର ଭଞ୍ଜ ପ୍ରସଙ୍ଗ କ୍ରମେ ଉଲ୍ଲେଖ କରିଛନ୍ତି |

ରାମ ଦୁର୍ଗା ଇଷ୍ଟ ଦେବୀ ଉପେନ୍ଦ୍ର ବୀରବର ଦୁଃଖ ସୁଖ ଭାବି |

ଉପରୋକ୍ତ ଘଟଣାକ୍ରମେ ଅବିଶ୍ୱାସ ଯୋଗ୍ୟ ନୁହେଁ | କାରଣ ଶ୍ରୀ ଶ୍ରୀ ଶ୍ରୀ ନିଗମାନନ୍ଦ ପରମହଂସ ଦେବ ସ୍ୱ ରଚିତ ଗ୍ରନ୍ଥ 'ତାନ୍ତ୍ରିକ ଗୁରୁ' ପୁସ୍ତକରେ ଶବ ଉପରେ ବସି ସାଧନା କରିବାର ସମସ୍ତ ମନ୍ତ୍ର ଓ ପ୍ରଣାଳୀ ପ୍ରାଞ୍ଜଳ ଭାବେ ଦର୍ଶାଇ ଛନ୍ତି | ସାଧକ ସଠିକ ପଥରେ 'ଶବ ସାଧନା' କଲେ ଦେବୀ ଙ୍କର ଆବିର୍ଭାବ ଓ ବର ପ୍ରଦାନ କଥା ବ୍ୟକ୍ତ କରିଛନ୍ତି | ବାମକ୍ଷେପା ଙ୍କୁ ଗୁରୁ କରି ଠାକୁର ନିଗମାନନ୍ଦ ଗୋଟିଏ ରାତ୍ରରେ ଶବ ସାଧନା କରି ମାଙ୍କ (ଜଗତ ଜନନୀ) ଙ୍କର ଦର୍ଶନ ଲାଭ କରିପାରିଥିଲେ |

ମୋର ବାଲ୍ୟଶିକ୍ଷା ସ୍ଥାନୀୟ 'ଉପେନ୍ଦ୍ରଭଞ୍ଜ ଉଚ୍ଚବିଦ୍ୟାଳୟ' ରେ ୧୯୫୨ ରୁ ୧୯୫୯ ପର୍ଯ୍ୟନ୍ତ (ଷଷ୍ଠ - ଏକାଦଶ) ଶ୍ରେଣୀ ହୋଇଥିଲା | ଏହି ସମୟରେ ଆମ୍ଭର ଓଡ଼ିଆ କବିତା ପୁସ୍ତକରେ ଭଞ୍ଜଙ୍କର ପଦ୍ୟାବଳୀରେ ଅଳଙ୍କାର ପୂର୍ଣ୍ଣ ଲେଖାମାନ ପ୍ରକାଶ ପାଇଥିଲା |(ଯାହା ଭାଗବତ ଉନ୍ମାଦନା ସୃଷ୍ଟି କରି ପାରୁଥିଲା) ସେ ବୈଦେହୀଶ ବିଳାସ କାବ୍ୟର ରାମଚନ୍ଦ୍ରଙ୍କୁ ବିଷ୍ଣୁ ଙ୍କ ଅବତାର ଭାବି ଗ୍ରହଣ କରାଯାଇଛି

ବଧିର ନୁହଁଇ ବୀର ବୋଇଲା ତହୁଁ ଧୀବର |
ଶୁଣିଲିଣି ପଥରେ ପଥର ଅବଳା |
ବାଲି ପଡି ତୋ ଚରଣୁ ଆଶଙ୍କା ଉପୁଜେ ଏଣୁ |
ନଉକା ନାୟିକା ହେଲେ ବୁଡିବ ଭେଳା |
ବୃତ୍ତି ଏ ମୋ ପୋଷେ କୁଟୁମ୍ବ,
ବସାଇ ନ ଦେବି ପାଦ ନ ଧୋଇ ନାବ ||

ଏଠାରେ ରାମଚନ୍ଦ୍ରଙ୍କ ପାଦ ପ୍ରକ୍ଷ୍ୟାଳନ ଉଦ୍ଦେଶ୍ୟକୁ ଇଙ୍ଗିତ କରି ସେହି ସର୍ବ ଶକ୍ତିମାନ ଧୀବର ମନରେ ବିଶ୍ୱାସ ଜନ୍ମାଇଛନ୍ତି |

ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟରେ ପଦର ଏକ ବର୍ଣ୍ଣର ପୁନରାବୃତ୍ତି ଘଟି ଅନୁପ୍ରାସ ହୋଇପାରିଛି | ଯେପରିକି 'ଲାବଣ୍ୟବତୀ' କାବ୍ୟ ରେ ଦର୍ଶାଯାଇଛି |

" ଦେଖରେ ନଳିନୀ ନଳିନୀ ନଳିନିରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ||

ଏଠାରେ ନଳିନୀ - ସଖି / ପୁଷ୍କରିଣୀ / ପଦ୍ମଫୁଲ.
ଭ୍ରମରେ - ଭ୍ରମରମାନେ / ଭ୍ରାନ୍ତିରେ ଭ୍ରମରେ / ଜଳଭଉଁରୀ.

ଏ ସବୁ ପାଠ୍ୟ ଅଧ୍ୟୟନ କରୁଥିଲେ ସୁଦ୍ଧା ଆମ୍ଭ ପରି କୋମଳମତି ବାଳକ ମାନେ କବିଙ୍କର ଉତ୍କର୍ଷତା, ହୃଦବୋଧ ହୋଇ ପାରୁନଥିଲା |

ପରବର୍ତ୍ତୀ ସମୟରେ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ମହାବିଦ୍ୟାଳୟରେ ଅଧ୍ୟୟନ କଲି | ତଥାପି ନାମ କରଣର ତାତ୍ପର୍ଯ୍ୟ ଅନୁଭବ କରି ପାରିନଥିଲି |

ପରବର୍ତ୍ତୀ ସମୟରେ "ମାଧମିକ ଶିକ୍ଷା ପ୍ରଶିକ୍ଷଣ ବିଦ୍ୟାଳୟରେ" ଶିକ୍ଷାଦାନ କଲାବେଳେ ଖବର କାଗଜରେ ଶ୍ରୀ ମାଗୁଣି ଦାସ , ଅବସର ପ୍ରାପ୍ତ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଙ୍କ 'ଅଙ୍କ କୁହୁକ' ପ୍ରକାଶିତ ହେଲା | ଏହା ଗଣିତ ବିଷୟ ସହିତ ସମ୍ପୃକ୍ତ ଥିବାରୁ ଭଞ୍ଜଙ୍କ କବିତ୍ୱ ପ୍ରତି ମୋର ବିଶେଷ ଶ୍ରଦ୍ଧା ଓ ପ୍ରେମ ଜାଗ୍ରତ ହେଲା | ଏଥି ପୂର୍ବରୁ ମୋର ସହପାଠୀ କବି

ପ୍ରଶାନ୍ତ ମହାନ୍ତି, ଶିକ୍ଷକ, ଶ୍ରୀବଚ୍ଛ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର ଓ ମୋର କନିଷ୍ଠ ଭାଇ ଶ୍ରୀ ରବୀନ୍ଦ୍ର ଜେନା, ସାହିତ୍ୟ କୋଠି, ତୁଳସୀ ପଲ୍ଲୀ ଙ୍କର ଲେଖାମାନ ନିଶାକର ପାଢ଼ୀ ଙ୍କ ସମ୍ପାଦନାରେ "ବହିତ୍ର" ପୁସ୍ତକରେ ପ୍ରକାଶ ପାଇଥିଲା | ତାହା ପାଠକରି ଭଞ୍ଜଙ୍କ ବିଷୟରେ କିଛି ଜାଣିଲି |

ବର୍ତ୍ତମାନ ପ୍ରାର୍ଥନା ଚ୍ୟାନେଲ ରେ ପ୍ରସାରିତ କାର୍ଯ୍ୟକ୍ରମ "ଜ୍ଞାନଗୁରୁ" କାର୍ଯ୍ୟକ୍ରମର ମହାଗୁରୁ ଡାକ୍ତର ଶାନ୍ତନୁ କୁମାର ରଥ, ସେହି ସମୟରେ ବେତାର କେନ୍ଦ୍ରର ନିର୍ଦ୍ଦେଶକ ଥିଲେ | ତାଙ୍କ ସଭାପତିତ୍ୱରେ ସେ ଏକ ଦିଗନ୍ତ ଭାଷଣ ଦେଇ ଜନସମାଗମକୁ ଉଦବୁଦ୍ଧ କରିଥାନ୍ତି ଓ ତାଙ୍କର ବକ୍ତବ୍ୟରେ ସେ କୁଳଦେବୀ ବାଗଦେବୀ ପୀଠକୁ ଏକ ପରିଦର୍ଶନ ପୀଠ ରୂପେ ରୂପାନ୍ତରିତ କରିବା | ପାହାଡର ନିମ୍ନ ଭାଗରେ ପୂଜା ପାଉଥିବା ତଳ ବାଗଦେବୀ ଙ୍କ ଠାରୁ ଉପରେ ପୂଜା ପାଉଥିବା ମାଙ୍କ ପୀଠକୁ ଏକ ମୋଟର ଯାନ ଯିବା ଆସିବା ପାଇଁ ରାସ୍ତା ନିର୍ମାଣ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ |

ତତ୍କାଳୀନ ସମୟରେ ନିର୍ଦ୍ଦେଶିକ ଶ୍ରୀଯୁକ୍ତ ରଜତ କର, ରାଜ୍ୟ ଶିକ୍ଷକ ଶିକ୍ଷା ଓ ଗବେଷଣା ପରିଷଦର ଭୁବନେଶ୍ୱରରୁ ଭଞ୍ଜ ଜୟନ୍ତୀ ପାଳନ ସକାଶେ ପ୍ରଶିକ୍ଷଣ ବିଦ୍ୟାଳୟ ପଦାର୍ପଣ କଲେ |

ଆଜ ଦେଖିଲି ରେ ନବୀନ ବୟସୀ ବାଳା |
ପାଇଥାନ୍ତି ଯେବେ ଚନ୍ଦ୍ରବଦନୀ କି କରିଥାନ୍ତି ଗଳା ମାଳ ||
ପଦ୍ୟଟି ଛାତ୍ର ମାନଙ୍କ ଦ୍ୱାରା ଗାନ କରାଇ ସନ୍ତୋଷ ହେଲେ |

ଭଞ୍ଜଙ୍କ ପ୍ରତିଭା ବିକାଶିତ ହେବାରେ ପ୍ରଖର ଚେଷ୍ଟା ଚାଲିଛି ପୁରାତନ ପ୍ରଫେସର ଗୌରୀ କୁମାର ବ୍ରହ୍ମା ଗଞ୍ଜାମର ସୁନାମଧନ୍ୟ ସାହିତ୍ୟିକ ସ୍ୱର୍ଗୀୟ ତାରିଣୀ ଚରଣ ରଥ, ଅଧାପକ ଦୁର୍ଗାମାଧବ ନନ୍ଦ, କବି ସୂର୍ଯ୍ୟମଣି ଚ୍ୟାଉ ପଟ୍ଟନାୟକ ଇତ୍ୟାଦି ଭଞ୍ଜଙ୍କର ପ୍ରତିଭା ଉନ୍ମୋଚନ କରିବାରେ ସିଦ୍ଧହସ୍ତ ||

ମୋର ଶିକ୍ଷକ ବନ୍ଧୁମାନଙ୍କ ମଧରେ ଡାକ୍ତର ସୁରେଶ ପଣ୍ଡା, ସ୍ଥାନୀୟ କ୍ଷେତ୍ରମଣି ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଭଞ୍ଜଙ୍କ ଉପରେ ଗବେଷଣା କରି ଡାକ୍ତର ଉପାଧି ଲାଭ କରିଛନ୍ତି | ସେ ଦୂରଦର୍ଶନ କାର୍ଯ୍ୟକ୍ରମ ରେ ଆଲୋଚନାରେ ଅଂଶ ଗ୍ରହଣ କରୁଛନ୍ତି | ଭଞ୍ଜ ସାହିତ୍ୟର ବିକାଶ ନିମନ୍ତେ ବାର୍ଷିକ ପତ୍ରିକା ବୈଜୟନ୍ତୀ ପ୍ରକାଶ କରୁଛନ୍ତି | ସେହିପରି ଶ୍ରୀ କାମରାଜୁ ସାହାଣୀ, (ବୁଗୁଡ଼ା) ଭଞ୍ଜ ଙ୍କର ବିଶିଷ୍ଟ ସଙ୍ଗୀତ ଓ ଗ୍ରନ୍ଥ ମାନଙ୍କର ବିଶେଷ ଆଲୋଚନା ଭଞ୍ଜ ପ୍ରେମୀ ବ୍ୟକ୍ତି ଙ୍କ ଠାରୁ ସଂଗ୍ରହ କରି ପ୍ରକାଶ କରୁଛନ୍ତି |

ଭଞ୍ଜଙ୍କର ଅଧବସାୟ ଓ ଆଧାତ୍ମିକ ବିଶ୍ୱାସ ଦ୍ୱାରା ସମସ୍ତେ ବିକଶିତ ହୋଇ ଐଶ୍ୱରିକ ଶକ୍ତି ଚେତନା ସ୍ୱ ହୃଦୟେ ଜାଗ୍ରତ କରି ସେହି ମହାନ କବିଙ୍କୁ ଭକ୍ତି ଓ ସ୍ନେହ କୃତଜ୍ଞତା ଜ୍ଞାପନ କରିବା | କାଳର ପ୍ରଭାବରେ ଯୁଗ ବଦଳିଛି, ସାହିତ୍ୟର ଧାରା ବି ପରିବର୍ତ୍ତିତ ହୋଇଛି କିନ୍ତୁ ସମସ୍ତ ଦୃଷ୍ଟିକୋଣରୁ ଉପେନ୍ଦ୍ର ଭଞ୍ଜଙ୍କ ସମସ୍ତ ସୃଷ୍ଟି, ପାଠକୀୟ ଶ୍ରଦ୍ଧା ଯୁଗେ ଯୁଗେ ଲାଭ କରି ଆସୁଥିବ ଏହା ନିଃସନ୍ଦେହ |||



ଏ ସୂର୍ଯ୍ୟନାରାୟଣ ପାତ୍ର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ । ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ପବିତ୍ର ଜନ୍ମସ୍ଥାନ ଘୁମୁସର ନୁଆଗାଁ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରାଜଗାଦି କୁଲାଡ଼ ନିକଟବର୍ତ୍ତୀ ଗ୍ରାମରେ ମୋର ଜନ୍ମ । ଶିକ୍ଷକତା ମୋ ଜୀବିକା, ବୃକ୍ଷ ରୋପଣ ମୋର ଉତ୍ସାହ ଓ ସମାଜସେବା ମୋର ଧର୍ମ । ଭଗବତ ଚିନ୍ତା ଓ ଗୀତା ଅଧ୍ୟୟନ ମୋର ଉତ୍ସୁକତା ଏବଂ ଅବସର ସମୟରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ଦ୍ୱାରା ଲିଖିତ ପୁସ୍ତକ ଅଧ୍ୟୟନ କରେ । ଅବଦୁଲ କାଲାମ ଭଳି ମହାପୁରୁଷଙ୍କ ଦ୍ୱାରା ମୁଁ ଅନୁପ୍ରାଣିତ ।



# ଏକ ସ୍ମରଣୀୟ ମୁହୂର୍ତ୍ତ

ଖାରବେଳ ମହାନ୍ତି

ହାପ୍ ପ୍ୟାଣ୍ଟ ଏବଂ ହାପ୍ ସାର୍ଟ ପିନ୍ଧି କାନ୍ଧରେ ବହି ବ୍ୟାଗକୁ ଧରି ଗାଁ ପାଖ ସ୍କୁଲରେ ପାଠ ପଢି ସାରି କଲେଜ ଜୀବନକୁ ଆଦରେଇବାକୁ ସହରକୁ ଆସି ଏବଂ ପଢା ଶେଷ କରି ଚାକିରୀ ଜୀବନ ଆରମ୍ଭ କରି ଏବଂ ତା ଭିତରେ ଚାକିରୀ ଜୀବନ ଶେଷ କରି କେତେବେଳେ ଯେ ଜୀବନର ଶେଷ ଯବନିକା ପଡିବା ଉପରେ ବସିଲାଣି ତାକୁ ଭାବିଲେ ଜୀବନଟା ଯେ କଅଣ ବୁଝି ହୁଏନା | ପ୍ରତ୍ୟେକ ଲୋକ ତାର ଚାକିରୀରୁ ଅବସର ନେବା ପରେ ଭାବେ କେମିତି କଟିବ ଅବସର ଜୀବନ | ଅବସର ପରେ କିଛି ଦିନ ଭୀଷଣ ଖରାପ ଲାଗେ, ଚାକିରୀ କଲାବେଳେ ସହକର୍ମୀ, ଉପରିସ୍ଥ କର୍ମଚାରୀ ତଥା ଜନସାଧାରଣ ଲୋକଙ୍କ ସାଙ୍ଗରେ ଆଲୋଚନା ପର୍ଯ୍ୟାଲୋଚନା ଭିତରେ ସମୟଟା କଟିଯାଏ | ଠିକ ଅବସର ଗ୍ରହଣ କରିବାର ପରଦିନ ସେସବୁର ପୂର୍ଣ୍ଣଚ୍ଛେଦ ପଡ଼ିଯାଏ | ଏହି ପରିପେକ୍ଷୀରେ ଇଂରାଜ ଲେଖକ CHARLS LAMP ଙ୍କର ବହିର 'THE SUPERNUATED MAN' ପ୍ରସଙ୍ଗଟି ମନକୁ ଆସେ, କ୍ଷଣକ ପାଇଁ ହୃଦୟ ଭିତରଟା କେମିତି ଏକ କରୁଣା ବ୍ୟଥାରେ ଭରିଯାଏ | ମନ ଭିତରେ ଗୁଞ୍ଜିରୀ ଉଠେ ଗୋଟିଏ ଚଳଚିତ୍ରର ଗୀତ | ହେ ସମୟ ତୁ ଚୋରେଇ ନେଲୁ ମୋ ପିଲା ବେଳ ତାର ହିସାବ କିତାବ ନାହିଁ ଇତ୍ୟାଦି ଇତ୍ୟାଦି ......|

ଦୀର୍ଘ ବର୍ଷର ବ୍ୟବଧାନ ପରେ ହଠାତ୍ ମୋର ବାଲ୍ୟ ବନ୍ଧୁ ଶ୍ରୀଯୁକ୍ତ ବାସୁଦେବ ଶତପଥୀ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଏବଂ ଆମ ଗାଁରେ ଏକା ସାଙ୍ଗରେ ପଢୁଥିବା ବାଲ୍ୟ ବନ୍ଧୁ ଅଜୀକୁର ରେହମାନ, ଅନନ୍ତ ସ୍ୱାଇଁ ଏବଂ ଭିକାରି ମଲ୍ଲିକ ପ୍ରମୁଖ ଦୂରଭାଷ ଯୋଗେ ମୋତେ କହିଲେ ଆମେ ୧୯୭୧ ମସିହାରେ ମେଟ୍ରିକ ପାସ କରିଥିବା ସାଙ୍ଗମାନେ ଆମ ଗାଁ ପାଖରେ ଥିବା ଲଙ୍ଗୁଳି ପାହାଡ଼ରେ ଏକତ୍ରିତ ହୋଇ ଟିକେ ଅତୀତକୁ ରୋମାନ୍ଥନ କରିବା ଏବଂ ବ୍ୟକ୍ତିଗତ ଜୀବନରେ କିଏ କିପରି ଅଛି ସେ ବିଷୟରେ ଆଲୋଚନା କରିବା ତାହା ସହିତ ପୁରୁଣା ବନ୍ଧୁମେଳଣ କରିବା | ଅବଶ୍ୟ ଏହା ପୂର୍ବରୁ ଏହି ପୁରାତନ ବନ୍ଧୁମାନେ ନାନା ଘାତ ପ୍ରତିଘାତ ଭିତରେ ଆରମ୍ଭ କରିଥିଲେ ଏହି ବନ୍ଧୁମିଳନ ୨୦୦୪ ମସିହାରୁ | ତା ଭିତରୁ ଏ ଲେଖକ କେତୋଟି ବନ୍ଧୁମିଳନରେ ଯୋଗ ଦେଇଛି ଏବଂ ଅନେକଟା ମଧ ଯୋଗଦେଇ ପାରିନଥିଲା ବିଭିନ୍ନ କାରଣରୁ | ସେ ଯାହା ହେଉ ସେହି ବନ୍ଧୁମାନେ ଯୋଗାଯୋଗ କରିଥିଲେ ୨୦୧୯ ଜାନୁଆରୀ ମାସର ୨୯ ତାରିଖ ରବିବାର ଦିନ ପୁରାତନ ବନ୍ଧୁମିଳନ କରାଇବାକୁ | ଏ ଖବରଟି କିଛିଦିନ ଆଗରୁ ପାଇ ମନଟା ବେଶ ଉତ୍ଫୁଲ୍ଲ ହେଲା ଏବଂ ଯିବା ପାଇଁ ମନସ୍ଥ କରିନେଇଥିଲି | ଭୁବନେଶ୍ୱରରେ ଥିବା ଅନ୍ୟସହପାଠୀଙ୍କ ମଧ୍ୟରୁ କେବଳ ବିଚିତ୍ରାନନ୍ଦ ଜେନା ଯେକି ଅବସର ପ୍ରାପ୍ତ ଚିଫ ଇଂଜିନିୟର ଆର ଆଣ୍ଡ ବି ର ସେହି କେବଳ ଯିବାକୁ ସକ୍ଷମ ହୋଇଥିଲା | ଅନ୍ୟମାନେ ଯାଇପାରି ନଥିଲେ ବିଭିନ୍ନ ବ୍ୟକ୍ତିଗତ କାରଣରୁ |

ଭଡା ଗାଡ଼ିଟିଏ କରି ପହଞ୍ଚିଲି ସେହି ଲଙ୍ଗୁଳି ପାହାଡ଼ ନିକଟରେ ଯେଉଁ ପାହାଡ଼ ଭିତରେ ଲୁଚି ରହିଛି ବୁଦ୍ଧଦେବଙ୍କର ଅନେକ କୀର୍ତ୍ତିରାଜି କେତେକ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଲୋକ ଲୋଚନକୁ ଆସିପାରିଛି ଏବଂ

ଅନେକ ଏପର୍ଯ୍ୟନ୍ତ ଆସିପାରି ନାହିଁ । ସେ ସବୁକୁ ଦେଖି ମନ ଭିତରେ ଭୀଷଣ ଆନନ୍ଦ ଲାଗିଲା ଏବଂ ଅହଂକାର ମଧ ଆସିଲା କାହିଁକିନା ମୁଁ ସେ ମାଟିରେ ଜନ୍ମ ନେଇଛି । ଆଗକୁ ସେଠାକୁ ଯିବାର ସୌଭାଗ୍ୟ ମୋର ହୋଇ ନ ଥିଲା । ଏପରି ଏକ ଜାଗା ଆମ ଗାଁ ପାଖରେ ଅଛିବୋଲି ମୁଁ ଶୁଣିଥିଲି କିନ୍ତୁ ଦେଖିଲି ମୋ ପୁରାତନ ବନ୍ଧୁମାନଙ୍କ ଯୋଗୁଁ ।

ନିର୍ଦ୍ଧିଷ୍ଟ ସ୍ଥାନରେ ପହଞ୍ଚିବାକୁ ଟିକେ କଷ୍ଟ ହେଲା କାରଣ ରାସ୍ତାଥିଲା ଅଜଣା । ଭଡା ଗାଡ଼ିଟିରେ ବସି ଦେଖୁଥିଲି ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ପ୍ରକୃତିର ଅପାସରା ସୌନ୍ଦର୍ଯ୍ୟ । ରାସ୍ତାର ଦୁଇ ପାର୍ଶ୍ୱରେ ଥିବା କାଜୁ ବଗିଚା, ଜାଗାଏ ଜାଗାଏ ବଡ଼ ବଡ଼ ଜଙ୍ଗଲ ଗଛ ଏବଂ ଫାଙ୍କା ଜାଗାମାନଙ୍କର ଲୋକମାନଙ୍କର ଚାଷ ଜମି । ଲୋକ ମାନେ ସଦ୍ୟ ରବିଫସଲ କରି ଦାଣ୍ଡରେ ପକାଇଛନ୍ତି ମୁଗ, କୋଳଥ, ବିରିର ଫସଲକୁ ଅମଳ ଉଦ୍ଦେଶ୍ୟରେ । ଗାଡି ଭିତରୁ ମଝିରେ ମଝିରେ ପଚାରିବାକୁ ପଡୁଥାଏ ମୋର ନିର୍ଦ୍ଧିଷ୍ଟ ଜାଗାକୁ ଯିବାର ରାସ୍ତାକୁ । ଅତ୍ୟନ୍ତ ସରଳ ଏବଂ ନିଷ୍କପଟ ଭାବରେ ଆମକୁ ବତାଇ ଦେଉଥିଲେ ଗ୍ରାମର ଅଜଣା ଲୋକମାନେ । ସେମାନଙ୍କୁ ଦେଖିଲେ ମନେ ହୁଏ ସତେ ସେମାନେ କେତେ ଶାନ୍ତ ସରଳ ଏବଂ ତା ଭିତରେ ତାଙ୍କର ଅତ୍ମୀୟତା ବାରି ହୋଇ ପଡୁଥାଏ ।

ଏ ସହରୀ ଜୀବନ ଭିତରେ ଭୁଲି ଯାଇଥିବା ପଲ୍ଲୀ ଜୀବନ ଉଙ୍କି ମାରୁଥିଲା ମାନସ ପଟରେ । ଆଃ କି ସୁନ୍ଦର ଥିଲା ସେହି ସ୍କୁଲ ଜୀବନ । ହେଡମାଷ୍ଟରଙ୍କର ବେତ ମାଡ଼ ହେଉ କିମ୍ବା ବିଜୁ ସାରଙ୍କର ଗଣିତ ନ କରିବା ଭୟ ହେଉ ତାହା ଥିଲା କେବଳ ସାମୟିକ । ସେ ସବୁ ସ୍ମୃତିକୁ ମନେକଲେ ଆଖିପତା ଗୁଡିକ କିପରି ନରମ ହୋଇଯାଏ । ଏ ପରିଣତ ବୟସରେ ଭାବେ ସତରେ ଘର ସଂସାର ଭିତରେ ଯେତିକି ଆନନ୍ଦ ମନ ମଧରେ ଆସେ, ତା ଠାରୁ କାହିଁ କେତେ ଅଧିକା ଆନନ୍ଦ ସେହି ବାଲ୍ୟକାଳରେ ଥିଲା । ଗାଡି ଭିତରେ ବସି ଭାବୁ ଭାବୁ କେତେବେଳେ ଯେ ପହଞ୍ଚି ଗଲି ଲକ୍ଷ ସ୍ଥଳରେ ତାହା ଜାଣି ପାରିନାହିଁ । ଗାଡ଼ିରୁ ଓହ୍ଲାଇବାର ଉପକ୍ରମ କରୁ କରୁ ସାଙ୍ଗମାନେ ଦଉଡ଼ି ଆସିଲେ ମୋତେ ସଙ୍ଖୋଳି ନେବାକୁ । ଅନେକ ସାଙ୍ଗ ମୋରି ଭଳିଆ ବୟସର ତାଡନାରେ ଚାଲି ପାରୁ ନାହାନ୍ତି । ତଥାପି ପୁରୁଣା ସାଙ୍ଗ ମାନଙ୍କୁ ଦେଖିବା ଏବଂ ତାଙ୍କ ସାଙ୍ଗରେ ମିଶିବା ପାଇଁ ଯେଉଁ ଆଗ୍ରହ ତାହା ଅନୁଭବ ଛଡା ଆଉ କେହି ଭାବି ପାରିବେ ନାହିଁ । ଗାଡ଼ିରୁ ଓହ୍ଲାଇ ବନ୍ଧୁ ମାନଙ୍କ ସାଙ୍ଗରେ ଆସି ବସିଲୁ ସମସ୍ତେ ଗୋଟିଏ ପ୍ରାଥମିକ ସ୍କୁଲର ବାରଣ୍ଡାରେ । ସ୍କୁଲର ପରିବେଶଟି ବେଶ୍ ଭଲ, ଚାରିଆଡେ କରାଟ ଫୁଲର ଗଛ, ତାଜା ମନ୍ଦାର, କରବିର ଫୁଲ ଗଛ ସେହି ପରିସର ଭିତରେ ଥାଏ ।

ସମସ୍ତେ ନିଜ ନିଜ ବିଷୟରେ କଥାବାର୍ତ୍ତା ହେଉ ଥାଉ ଏବଂ ତାରି ଭିତରେ ସ୍କୁଲରେ କିପରି ପାଠ ନ କରି KNEEL DOWN ଏବଂ ବେଞ୍ଚ ଉପରେ ଛିଡା ହେବାକୁ ପଡୁଥିଲା ତାହାକୁ ମନେ କରି ସମସ୍ତେ ହସିଉଠୁ ଥିଲେ । ସ୍କୁଲର ଶେଷ ପିରିଅଡ଼ର ଘଣ୍ଟି ବାଜିବା ମାତ୍ରେ କିପରି ମୁଁ ଅନନ୍ତ ଏବଂ ତା ଭଉଣୀ ସ୍କୁଲ ପାଖରେ ଥିବା ତେନ୍ତୁଳି ଗଛରୁ ଟେକା ମାରି ତେନ୍ତୁଳି ଖାଇବା କଥା ।

ଏହା ଭିତରେ କେତେ କଣ ବଦଳି ଗଲାଣି, ନାଲି ମାଟି ଧୂସରିଆ ଜଗନ୍ନାଥ ରାସ୍ତାର ଚେହେରା କେବେଠାରୁ ବଦଳି ଗଲାଣି । ଅନବରତ ଯାନ ବାହାନର ଆତଯାତ ଭିତରେ ଜାରାକା ଛକ ପାଖକୁ ଲାଗିଥିବା ଦେଉଳି ପାହାଡ଼ ଖୋଜି ବୁଲୁଛି ତାର ଅସ୍ତିତ୍ୱକୁ । ବନ୍ଧୁ ମିଳନର ଶେଷ ପର୍ବରେ ଆମେ ମାନେ ବାହାରି ଆସିବୁ ପୁନର୍ବାର ସେହି ନିତିଦିନିଆ ଜୀବନ ଭିତରକୁ । ଅବଶ୍ୟ ଦୁଇ ତିନି ଦିନ ମିଳନ ପର୍ବର କଥା ଗୁଡିକ ଉଙ୍କି ମାରିବ ମାନସ ପଟରେ, ତା ପରେ ଲିଭିଯିବ ଆସ୍ତେ ଆସ୍ତେ ମନ ଭିତରେ । ପୁନର୍ବାର ଅପେକ୍ଷା ଆଉ ଗୋଟିଏ ବର୍ଷକୁ । ଜିଇ ଥିଲେ ଦେଖା, ନହେଲେ ଜୀବନ ଚାଲିଗଲେ ବନ୍ଧୁ ମିଳନ ଭିତରେ ଶୋକ ସଭାଟିଏ । ଏଇତ ଜୀବନ । ଯା ଭିତରେ ଅନନ୍ତକୁଶ ଗାଁରେ ଛାଡି ପଳାଇ ଆସିଲି ମୋର ଭୁବନେଶ୍ୱରରେ ଥିବା ବାସ ଭବନକୁ । ମନଟା କିପରି ଉଦାସ ଉଦାସ ଲାଗୁଥିଲା । ଘରେ ପହଞ୍ଚିବାର ପରେ ପରେ ଘରଣୀ ଚା କପ୍ ଟିଏ ହାତରେ ଧରେଇ ଦେଇ ପଚାରିଲେ କିପରି ଥିଲା ତୁମର ବନ୍ଧୁ ମିଳନ । କହିଲି ବନ୍ଧୁ ମିଳନ ବହୁତ ଭଲ ଥିଲା ବଞ୍ଚି ଥିଲେ ପୁଣି ବର୍ଷେ ।



ଖାରବେଳ ମହାନ୍ତି, ଆର୍ଯ୍ୟପଲ୍ଲୀ, ଫେଜ୩
ଘର ନଂ ୨୭, ଭୁବନେଶ୍ୱର,



# ଝର୍ଣ୍ଣର ନଦୀତୀରେ

ଲକ୍ଷ୍ମୀପ୍ରିୟା ଓଝା

ବସର ଝର୍କାରୁ ଦିଶୁଥିଲା ପାହାଡ଼ଟି | ଅଳ୍ପ ଅଳ୍ପ ଗଛ | ଅଙ୍କାବଙ୍କା ସର୍ପିଳ ରାସ୍ତା | ଥାକ ଥାକ ଜମିରେ ଲହଡି ମାରୁଛି ସବୁଜ ଧାନର କ୍ଷେତ | ରଙ୍ଗ ବେରଙ୍ଗୀ କାନ୍ଥର ଏକ ମହଲା  ଦି ମହଲା ଘରମାନ | ଘର ସାମ୍ନାରେ ବାଉଁଶ କି ତାର ଘେରା ଅଗଣା | ଅଗଣା ଭିତରେ ଜାତି ଜାତି ଫୁଲର କୁଣ୍ଡ | ଗେଟ ପାଖରେ ଲଟେଇଥିବା କାଗଜ କି ମଧୁମାଳତୀର ଲଟା | ପାହାଡ଼ ତଳିର ଗାଁ | କୋଉ ଏକ ଶିଳ୍ପୀର ହାତ ଅଙ୍କା ଚିତ୍ର ପରି ମନୋରମ ଭାରି |

ଇଚ୍ଛା ହେଉଥିଲା ନସରୁ କି ଏ ଯାତ୍ରା | ଏମିତି ଚଳନ୍ତି ବସ ଭିତରେ ବସି ଦେଖୁଥାଏ ମୋ ଗାଁ କୁ | ଉପଭୋଗ କରୁଥାଏ ତା ଶୋଭାକୁ | ସହରୀ ଜୀବନର ସହଜତା ଭିତରେ ମନ ସବୁବେଳେ କାହିଁ ଖୋଜେ ସେଇ ଗାଁରେ ବିତିଥିବା କଷ୍ଟକର ଦିନ ଗୁଡିକୁ ? ଆଖି ବାରମ୍ବାର ଚାହୁଁଥାଏ ଦେଖିବାକୁ ଜଙ୍ଗଲରୁ କାଠ ଗୋଟେଇ, ମୁଣ୍ଡେଇ ରାସ୍ତାର କଡେ କଡେ ଚାଲୁଥିବା ସେଇ ଲଳନାମାନଙ୍କୁ ? ଧୂଆଁ ଉଠୁଥିବା ଚୁଲି, ଜଙ୍କ ଲଗା ଟିଣ ଛପର ଘର, ଭଙ୍ଗା ଝରକା, ଖାଲି ପାଦରେ ଡେଇଁ ଡ଼େଇଁ ସ୍କୁଲ ଯିବା ବେଳର ଆବୁଡ଼ା ଖାବୁଡ଼ା ପଥୁରିଆ ରାସ୍ତାକୁ କାହିଁ ଖୋଜେ ମନ ? ଏବେ ତ ମୋ ଗାଁ ସହାରାଭିମୁଖୀ | ଅନେକ ଆଖି ଦୃଶିଆ ଭଳିକି ଭଳି ଇଂଲିଶ ମିଡିୟମ ସ୍କୁଲ, କଲେଜ, ମଲ, ହସ୍ପିଟାଲ, ସିନେମା ହଲ, ବିଦେଶୀ ମଦ ଦୋକାନ, ରିଲାଏନ୍ସ ଟାୱାର, ପାଇପରେ ପାଣି, ବିଜୁଳି ଆଲୁଅରେ ଝଲମଲ ମୋ ଗାଁ | ଅଯଥାରେ ଆଉ ସହରକୁ ଦୌଡ଼ିବାର ଆବଶ୍ୟକତା ନାହିଁ | ଆବଶ୍ୟକତା ମୁତାବକ ସବୁ ମିଳିଯାଉଛି ଏଠି | ତଥାପି ମନ ଖୋଜେ ସେଇ ଘଞ୍ଚ ଝାଉଁବଣ | ଏବେ ଶୁଖିଯାଇଥିବା ଝରଣାର

ସେବର କଳକଳ ବୋହିଯାଉଥିବା ଶୁଦ୍ଧ ଜଳ। ଅନ୍ଧାର ରାତିର ମିଞ୍ଜି ମିଞ୍ଜି ଜଳୁଥିବା ଘରମାନଙ୍କର ଡିବିରୀ ଆଲୁଅ ଆଉ ଆଶ୍ଚର୍ଯ୍ୟ ହେଇ ମୁଣ୍ଡ ଟେକି ଲୋଭିଲା ଆଖିରେ ସେଇ ପାହାଡ଼ ଶିଖର ଚର୍ଚ୍ଚରେ ଜଳୁଥିବା ବିଜୁଳି ଆଲୁଅକୁ ଅନେଇବା ପରୀ ରାଇଜର କାହାଣୀ ଏବେ।

ହଁ ମୋ ପିଲା ବେଳୁ ଦେଖି ଆସୁଛି ଏଇ ଚର୍ଚ୍ଚକୁ। ମୋ ପାଇଁ ପୁରୁଣା କିନ୍ତୁ ଜେଜେଙ୍କ ପାଇଁ ଏବର ଘଟଣା। ଜେଜେ କହୁଥିଲେ ଇଂରେଜମାନେ ତିଆରି କରିଥିଲେ ଏଇ ଚର୍ଚ୍ଚ ଆମ ଏଇ ସୁନ୍ଦରୀ ପାହାଡ଼ର ସବା ଉପରେ। କେବଳ ଆମ ଗାଁ ନୁହେଁ ଆଖପାଖ ଦଶଖଣ୍ଡ ଗାଁକୁ ଶୁଭେ ତାର ଘଣ୍ଟା ଶବ୍ଦ। ଦେଖାଯାଏ ବି ଅଧିକାଂଶ ଗାଁ କୁ। ଆମ ବେଳେ ଏକମାତ୍ର ପାହାଚ ରାସ୍ତା ଲମ୍ବି ଯାଇଥିଲା ପାହାଡ଼ ତଳୁ ଚର୍ଚ୍ଚ ଯାଏଁ। ବାକି ତ ସବୁ ଥିଲା ପାହାଡି ଆବୁଡ଼ା ଖାବୁଡ଼ା ରାସ୍ତା। ଏବେ ଏଇ ରାସ୍ତାମାନ ମାଟିରୁ ମସୃଣ ସିମେଣ୍ଟ ରାସ୍ତାରେ ପରିଣତ ହେଲାଣି। ସେଇ ଅନୁସାରେ ଚର୍ଚ୍ଚ ରାସ୍ତା ବି ଆହୁରି ଚୌଡା ହେଇ ଟାଇଲ ପଡି ସୁନ୍ଦର ଦିଶିଲାଣି। ଦି ପଟେ ଷ୍ଟିଲର ବ୍ୟାରିକେଟ ଦୂରରୁ ଚକ ଚକ କରେ। ସବୁ ସୁନ୍ଦର ଏବେ ଗାଁର।

ହଁ ଜେଜେ କହୁଥିଲେ ଆମ ଗାଁ ଠାକୁରାଣୀ ମା କୃତମା ଚଣ୍ଡୀ କିନ୍ତୁ ବହୁ ପ୍ରାଚୀନ। କେହି ଜାଣନ୍ତିନି କେବେଠୁ କିଏ ଆଣି ଏଠି ସ୍ଥାପନ କଲା। ସେ ସ୍ୱୟଂଭୂ। ଆଦି ଦୁର୍ଗା। ଖାଲି ଆମ ଗାଁ ନୁହେଁ ଆଖପାଖ ଗାଁକୁ ବି ସେ ରାତ୍ରି ବିଜେ କରନ୍ତି। ଲୋକଙ୍କ ଅଜାଣତରେ ଲୋକଙ୍କର ଭଲମନ୍ଦ ଜାଣି ଦୁଃଖ ଦୂର କରନ୍ତି। ପାପୀଙ୍କୁ ଦଣ୍ଡ ଦିଅନ୍ତି। ଡାକିଲେ ଓ କରନ୍ତି। ସଙ୍କଟ ମୋଚନୀ, ବିପଦ ହାରିଣୀ ଆଦ୍ୟା ଶକ୍ତି ସେ। ଖାଲି ସେପଟେ ଯିବା ଆସିବା ବେଳେ ନୁହେଁ ଘରେ ବସି ବସି ବି ବୁଢା ବୁଢ଼ୀ, ସ୍ତ୍ରୀ ଲୋକମାନେ କଥା କଥା କେ ମୁଣ୍ଡିଆ ମାରନ୍ତି। ମୁଁ ସ୍କୁଲ ଗଲା ଆଇଲା ବେଳେ ମୁଣ୍ଡିଆଟିଏ ଲେଖାଏଁ ପକାଏ ଅଭ୍ୟାସ ବଶତଃ। ଅବଶ୍ୟ ଭକ୍ତି କମ ଭୟରେ ବେଶୀ। ଯୋଉ ଭୟ ବଡ଼ମାନେ ମୋ ଭିତରେ ପୁରେଇ ଦେଇଛନ୍ତି। ମୁଁ ଛୋଟ ବେଳେ କଣ ଏବେବି ବୁଝି ପାରେନି ଠାକୁରାଣୀଙ୍କୁ। ସିନ୍ଦୁର ବୋଳା ପଥର ଉପରେ ଖୋଦେଇ ଏକ ଆକୃତି। ନରିଆ ନାନା ପାଠ ପଢି ଚାକିରୀ କଲା ପରେ ରୂପାର ଚକ୍ଷୁ ଦେଇଛି ଦେବୀଙ୍କୁ। ନୋଥଟିଏ ଦେଇଛି ହରି ସାହୁ ତା କାଳୀ ଝିଅ ଭଲ ଘରେ ବାହା ହେଇଗଲାରୁ। କଳା ଶାଢ଼ୀ ଦିଅନ୍ତି ଲୋକମାନେ ବିବାହ, ବ୍ରତ କି ମାନସିକ ଥିଲେ। ମନ୍ଦାର ଫୁଲରେ ସଜ ହେଇଥାନ୍ତି ଦେବୀ ସଦାବେଳେ। ମାଙ୍କଡ଼ା ପଥରର ମନ୍ଦିରଟା କିନ୍ତୁ ଖୁବ ଛୋଟ। କେହି ପଶି ପାରନ୍ତି ନାହିଁ ତା ଭିତରେ। ନନା ଖାଲି ଗୁରୁଣ୍ଡିକି ଯାଇ ଗାଧେଇ ଦେଇ ସଜେଇ ଦିଅନ୍ତି ଠାକୁରାଣୀଙ୍କୁ। ବାକି ସବୁ ପୂଜା ପାଠ, ଧୂପ, ଦୀପ, ଭୋଗ ସବୁ ବାହାର ବେଢାରେ ଠାକୁରାଣୀଙ୍କ ସାମ୍ନାରେ। ସେଇ ବେଢାରେ ଗାଁର ଯେତେକ ନ୍ୟାୟ, ନିଶାପ, ମିଟିଙ୍ଗ। ଚାରିଟା ବେଳେ ତାସ, ସନ୍ଧ୍ୟାରେ ଭଜନ କୀର୍ତ୍ତନ ଆଉ ରାତିରେ ଗଞ୍ଜେଇ ମାଡ଼ ହୁଏ ଏଇ ବେଢାରେ। ବର୍ଷକ ବାରମାସ ଯନ୍ତାଳ, ଅଷ୍ଟପ୍ରହରୀ, ରାମଚରିତ ମାନସ ଆଦି କିଛିନା କିଛି ବଡ଼ ଧରଣର ପୂଜାପାଠ ହେଉଥାଏ ଏଇଠି ତମ୍ବୁ ବନ୍ଧା ହେଇ। ଭାତ, ଡାଲମା, ଖଟା, କ୍ଷୀରି ଖାଇବାପାଇଁ ସେଦିନ ଗାଁ ସାରା ଲୋକ ସେଠି।



ରାସ୍ତା ତ ତିଆରି ହେଇଥାଏ ସରିବାପାଇଁ। ବସ ତ ଦୌଡୁଥାଏ ଗନ୍ତବ୍ୟ ପଥରେ ପହଞ୍ଚିବା ପାଇଁ। ଅଗତ୍ୟା ବସ ରହିଲା। ମୁଁ ତଳକୁ ଓହ୍ଲେଇଲି। ମଦନା ଠିଆ ହେଇଥିଲା ଅଟୋ ଧରି। ମୋ ଠୁ ଭଲ ପଢୁଥିଲା ସେ। ସହରରେ ଯାଇ ପଢ଼ିପାରିବାର କ୍ଷମତା ନଥିଲା ବୋଲି ରହିଗଲା ଗାଁରେ। ଅଟୋ ଚଲାଉଛି। ବସ ଡିକିରୁ ଦି ଟା ଯାକ ଟ୍ରଲି ଆଣି ରଖିଲା ଅଟୋରେ। ଅଟୋ ଚାରିହାତ ଗଡିଛି କି ନାହିଁ ରାସ୍ତା ଯାମ। ଦୁର୍ଗା ମେଲଣ ପରି ଲୋକାରଣ୍ୟ। ଦି ଦି ଟା ପିସିଆର ଭ୍ୟାନ। ପ୍ରତ୍ନତତ୍ତ୍ୱ ବିଭାଗରେ ଗାଡି ଆଉ କିଛି କାର। ଅନେକ ଅଫିସର, ପୋଲିସ। ଆଉ ଆଖପାଖର ଗାଁ ଲୋକ ଠୁଳ କିଛି ଦୂରରେ। ଏଇ ମନ୍ଦିର ପାଖରୁ ଦି ହାତ ଗଡିଗଲେ ଆମ ଘର। ମଦନା ଅଟୋ ମୋଡ଼ିଲା ସାହି ରାସ୍ତା ଆଡେ। ମୁଁ କିଛି ପଚାରିବା ପୂର୍ବରୁ ସେ କହିବା ଆରମ୍ଭ କରିଦେଲା, " କାହିଁ କୋଉ ଯୁଗରୁ ମା ଆମର ସେ। ଡାକିଲେ ଓ କରନ୍ତି। କେତେ ବଡ଼ ବଡ଼ ବିପଦରୁ ଗାଁ କୁ ସେ ଉଦ୍ଧର ନ କରିଛନ୍ତି। ଶଳା ଧରମା କହୁଛି କଣ ନା

ସେ ଦୂର୍ଗା ନୁହଁନ୍ତି ମହାବୀର ଜୈନ | ତୁ ତ ଗାଁ ରେ ରହୁନୁ ତୁ କେମିତି ଜାଣିବୁ ? " ମୋର ମନେ ପଡିଗଲା ବୋଉ ଥରେ ଫୋନରେ କହୁଥିଲା ରିମିର ଦିହ ମଙ୍ଗୁଳା ଆମ ଗାଁ ଠାକୁରାଣୀଙ୍କ ପାଖରେ ନହେଇ ସେପଟ ଗାଁ ବୁଢ଼ୀ ଜାଗୁଳେଇ ପାଖରେ ହେଇଥିଲା ବୋଲି | ଗାଁରେ ଠାକୁରାଣୀଙ୍କୁ ନେଇ ଗଣ୍ଡଗୋଳ, ଗାଁ ଦି ଫାଳ ଆଦି ଆଦି | ମୁଁ କାର୍ଯ୍ୟ ବ୍ୟସ୍ତତା ଯୋଗୁ ସେଆଡକୁ ଧ୍ୟାନ ଦେଇନଥିଲି | ଏମିତିରେ ବି ବୋଉ ଗପିଲାବେଳେ ତାର ଅଧା କଥା ମୁଁ ଶୁଣେନି | ସେ ତ ନନଷ୍ଟପ ରେଡ଼ିଓ |

ମୁଁ ପଚାରିଲି, " ଧରମା ଏମିତି କାହିଁ କହିଲା ?" ମଦନା କହିଲା, " ଏଇ ଗତ ବର୍ଷ କରୋନା ସମୟରେ ଦଳେ ଲୋକ କୁଆଡୁ ଚାଲି ଚାଲି ଆସି ଆମ ସ୍କୁଲ ପିଣ୍ଡାରେ ରହିଲେ | ପୋଲିସ ତାଙ୍କୁ ଆଗକୁ ଯିବାକୁ ଦେଲାନି | ଏଇଠି ରହିଲେ ହପ୍ତା ଦଶଦିନ | ସେମାନେ ଖାଲି ପାଦରେ ଚାଲୁଥିଲେ, ମୁହଁରେ କପଡା ବାନ୍ଧୁଥିଲେ, ବେଳ ବୁଡିବା ପୂର୍ବରୁ ଖାଇ ଦେଉଥିଲେ | ଲାଇଟ ନ ଜଳେଇ ଅନ୍ଧାରରେ ଶୋଉଥିଲେ | ଏଇ ଧରମା, ପୁରିଆ, ଟିକିନା ସେମାନଙ୍କ କଥା ବୁଝୁଥିଲେ | ସେମାନଙ୍କ କଥାବାର୍ତ୍ତାରେ ତ ଏମାନେ ଭୋଳ ଆଉ | ସେମାନେ ଗଲାବେଳେ କୁଆଡେ କହିଦେଇ ଗଲେ ଏ ଦୁର୍ଗା ନୁହଁନ୍ତି ତାଙ୍କ ମହାବୀର ଜୈନଙ୍କ ମୂର୍ତ୍ତି | ତାକୁ ନେଇ ଗାଁ ଦି ଫାଳ | ଅବଶ୍ୟ ପୁରିଆର ବିମ୍ବା, ଚଗଲା ଉପରେ ରାଗ ଥିଲା | ବାସ ମୌକା ମିଳିଗଲା | ବାଡିଆପିଟା, ମୁଣ୍ଡ ଫଟାଫଟି ହେଇ ଏବେ ପା ଧରମା, ପୁରିଆ, ଟିକିନା, ବିମ୍ବା, ଚଗଲା, ହରିଆ ସବୁ ଜେଲରେ | ତିନି ତିନି ଥର ସରକାରୀ ଲୋକ ଆସି କଣ ପରୀକ୍ଷା ନିରୀକ୍ଷା କରି ଯାଉଛନ୍ତି | ମାଙ୍କ ପାଖକୁ କାହାକୁ ଯିବାକୁ ଦେଉ ନାହାଁନ୍ତି | ଘେରାବନ୍ଦୀ କରି ରଖିଛନ୍ତି | ଦି ଦି ଟା ପୋଲିସ ପହରା ଦେଉଛନ୍ତି ସବୁବେଳେ | କେତେବାଟ ଯାଉଛନ୍ତି ଯାଆନ୍ତୁ ଶଳା | ଆମେ କଣ ଛାଡିଦେବୁ |"

ମୁଁ କହିଲି, " ଆରେ ଭଗବାନ ତ ମନରେ | ହୃଦୟ ଭିତରେ | ଘରେ ଫଟୋ ରଖି ପୂଜାକଲେ କଣ ହେବନି ? କାଇଁ ମାରପିଟ ଆଡକୁ ଯାଉଛ | ଶାନ୍ତିରେ ସମାଧାନ କର |" ଅଟୋକୁ ଅଟକେଇ ଦେଇ ବୁଲିପଡ଼ି ମୋତେ ଅନେଇ ମଦନା କହିଲା, " ଆମର ମା ସିଏ | ସବୁ ସୁଖ ଦୁଃଖରେ ସାହା ଭରଷା |" ଟିକେ ରହି ପୁଣି ଆଉ ଟିକେ ଉତ୍ତ୍ୟକ୍ତ ହେଇ କହିଲା, " ଆମେ ଯାହାକୁ ମା ବୋଲି ମାନି ଆସିଥିବୁ | ତା ଅଭୟ ଆଶିଷ ତଳେ ବଢିଥିବୁ | କାଲିକୁ କିଏ ଆସି କହିବ ସେ ତୋର ମା ନୁହେଁ ମୋର | ମୋତେ ଦେଇ ଦେ | ତୁ ଦେଇଦେବୁ ? ହବ ନାଇଁ ହବ ନାଇଁ | ଜମା ହବ ନାଇଁ |" ମୁଁ ତା ପିଠିରେ ହାତ ରଖିଲି | ସେ ଗାଡି ଷ୍ଟାର୍ଟ କରି ମୋତେ ଆଣି ଘରେ ଛାଡିଲା |

ସେଥର ବୋଉ ମୋତେ ଗୋଡ଼େ ଗୋଡ଼େ ଜଗିଲା | ଜମା ଗାଁ କୁ ଯିବାକୁ ଦେଲାନି | କାହା ସହ ମିଶିବାକୁ ଦେଲାନି | ଧରମା ବୋଉ ଖୁଡି, ପୁରିଆ ବୋଉ ଖୁଡି ମୋତେ ଦେଖିଦେଲେ ଆଗ ଭଳି ଖୁସି ନହେଇ ବାଟ ଭାଙ୍ଗି ଚାଲିଯାଉଥିଲେ | ଟିକି, ଲୁନା, କୋଯ଼ଲ ମୋତେ ଦେଖି ଦୌଡ଼ି ପଳାଉଥିଲେ | ମୋତେ ଏ ଅସ୍ୱସ୍ତିକର ପରିବେଶ ଭଲ ଲାଗୁନଥିଲା ଜମା | ମୁଁ ଦୁଇ ଦିନ ରହି ଫେରି ଆସିଲି ଗାଁରୁ | ଆଉ ଆଜି ଛ ମାସ ପରେ ଅଫିସ ଯିବାକୁ ବାହାରିଲା ବେଳେ ମଦନାର ଫୋନ, " ଦେଖ ଦେଖ ଟିଭିବାଲା କଣ କହୁଛନ୍ତି |" ମୁଁ ବ୍ରେଡ ଖଣ୍ଡେ ପାଟିରେ ଚାପିଧରି ଟିଭି ଅନ କଲି | ଉଦଘୋଷିକାଙ୍କ କଣ୍ଠରୁ ଭାସିଆସୁଥିଲା, " ଦୀର୍ଘ ବର୍ଷେ ପରେ ଏକ ବଡ଼ ସମସ୍ୟାର ସମାଧାନ ହେଲା | କନଫ୍ୟୁଜନ ଦୂର ହେଲା | ପ୍ରତ୍ନତତ୍ତ୍ୱବିତ ଡକ୍ଟର ମିହିର ଠାକୁରଙ୍କ ମତରେ ବନମାଳୀ ପୁର ଗ୍ରାମରେ ପୂଜା ପାଉଥିବା ଦେବୀ ନା ଦୂର୍ଗା, ନା ମହାବୀର ଜୈନ | ପାଖ ଗାଁ ସରଦେଇ ପୁର ଭଗ୍ନ ବିଷ୍ଣୁ ମନ୍ଦିର ଦେହରୁ ଖସିପଡିଥିବା ଖଣ୍ଡେ ପଥର | ଯେଉଁଥିରେ ଗୋଟେ ନର୍ତ୍ତକୀର ଚିତ୍ର ଖୋଦିତ | ଅବଶ୍ୟ ତାହା ଖଣ୍ଡିତ ଏବଂ ଅସ୍ପଷ୍ଟ | ସେଥିପାଇଁ ଏତେ ସବୁ ସମସ୍ୟା .....|



*Laxmipriya Ojha is a gifted Odia writer staying at Ahmedabad, Gujrat. She regularly published Odia stories and articles in various magazines and newspapers.*

# ଲାଜକୁଳି

ବିଷ୍ଣୁ କଲ୍ୟାଣ ମଙ୍ଗରାଜ

ଲାଜକୁଳି
ଲାଜକୁଳି ଲତା ମୋର
ଲାଜକୁଳି ଲତା,
ଛୁଇଁଦେଲେ ତୋତେ ଟିକେ
ମୁଦିଦେଉ ପତା।

ତୋ ନରମ ଚାହାଣିରେ
ଟାଣିନେଉ ପରା !!
ପାଇବାକୁ ଚାହେଁ ଯିଏ
ନ ଦେଉ ତ ଧରା।

ଏତେ ଲାଜ କିଆଁ ତତେ
କହିବୁ କି ଖୋଲି,
ଲାଜେଇ ଲାଜେଇ ଟିକେ
କଥା ହେବୁ ବୋଲି !!
ଜାଣି ତୋର ମନକଥା
ଦୂରେ ହେଲି ଠିଆ,
ଧୀରେ ଧୀରେ ଆଖି ଖୋଲି
ସାଜିଲୁ ମୋ ପ୍ରିୟା।

ଇସାରାରେ କହିଲୁ ତୁ
ଛୁଇଁବନି ମୋତେ,
ଦୂରେ ଥାଇ ହସି ହସି
ଚୁମୁ ଥିଲୁ ମୋତେ।





ବିଷ୍ଣୁ କଲ୍ୟାଣ ମଙ୍ଗରାଜ

# ବୁଝିବାର ଅନୁବାଦ ବୁଝେଇବା

ଓଁ ଅଭିଜ୍ଞାନ ସାହୁ

ପିଲାଦିନେ ମାଆ କହୁଥିଲା ତୁ ଛୁଆଟା ବଡ଼ ହେଲେ ବୁଝିବୁ । ସ୍କୁଲରେ ସାର୍ କହୁଥିଲେ ପାଠ ବୁଝିବା ପାଇଁ ତୋ ମସ୍ତିଷ୍କ ବିକଶିତ ହୋଇନି । ବାହା ପରେ ପତ୍ନୀ କହିଲେ ତୁମକୁ ବୁଝେଇବା ଯାହା କାଲା ଆଗରେ ମୃଳା ଚୋବେଇବା ସେଇୟା । ପ୍ରେମିକା କହିଲେ ତୁମେ କିଛି ବୁଝି ପାରିବନି । ଥଣ୍ଡା ମୁଣ୍ଡରେ ଭାବିବ । ହୁଏତ କିଛି ବୁଝିଯିବ । ଶେଷରେ ମୁଁ ହାତ ଯୋଡି ପ୍ରଭୁଙ୍କୁ ପଚାରିଲି ପ୍ରଭୁ ମୋର ବୁଝିବା ବୟସ ତାହାହେଲେ କେବେ ହେବ । ପ୍ରଭୁ କିଞ୍ଚିତ୍ ହସି କହିଲେ ତୁମେମାନେ ତୁମ ଏଣ୍ଡାମେଣ୍ଟ ଆଇନରେ ନିୟମ କରିଛ ଠାକୁର ହେଲେ ଆଜନ୍ମ ନାବାଳକ । ତୁମେ ମାନେ ଜାଣିବା ଉଚିତ ଯେ ଜଣେ ବାଳୁତ ନାବାଳକ ଯଦି ସଂସାର ଗଢ଼ିଛି ସେଥିରେ ଯାବତୀୟ ମାଙ୍ଗଡାମୀ ରହିବ ନା ନାହିଁ । ତେଣୁ କିଛି ଅସୁବିଧା ହେଲେ ତୁମେ ମାନେ ଏ ନାବାଳକକୁ କାହିଁକି ଗାଳି ଦେଉଛ ସେଇଟା ଆଜି ଯାଏଁ ମୁଁ ବୁଝି ପାରିଲି ନାହିଁ । ଜଣେ ନାବାଳକ ଆଉ ଜଣେ ନାବାଳକକୁ କଣ ବୁଝେଇବ । ମୃତ୍ୟୁ ପରେ ନର୍କ ଦ୍ୱାରରେ ଚିତ୍ରଗୁପ୍ତ କହିଲେ ତୁମକୁ ଗରମ ତେଲ କଢେଇରେ ପକେଇବାକୁ ଲେଖା ଅଛି । ମୁଁ ପଚାରିଲି ଆଜ୍ଞା ଏ ଅଧମକୁ ଏତେ ବଡ଼ ଶାସ୍ତି କଣ ପାଇଁ । ଚିତ୍ରଗୁପ୍ତ ମୋ ମୁହଁକୁ ଅନେଇ କହିଲେ ତୁମେ ମାନେ ସବୁ ଅଜ୍ଞାନୀ । ଏ ଯମ ଦଣ୍ଡ ଶାସ୍ତ୍ର ବଡ଼ ଗହନ କଥା । ନଚିକେତା ବୁଝିପାରିନଥିଲା ତୁମେ ସେସବୁ କଣ ବୁଝି ପାରିବ ? ଯାଅ ଭିତରକୁ ଯାଅ ।

ଏ ବୁଝିବା ଓ ବୁଝେଇବା ଦୁଇଟା ଅଲଗା କଥା । ମଣିଷର କ୍ରମବିକାଶ ସହ ବୁଝିବା କଥା ଓତଃପ୍ରୋତ ଭାବେ ଜଡିତ । ମଣିଷ ଯେତେବେଳେ ବୁଝିଲା ନିଆଁ ର ଆବଶ୍ୟକତା, ହତିଆର ର ଆବଶ୍ୟକତା ସେତେବେଳେ ତାର ଉତ୍ତରଣ ଆରମ୍ଭ ହେଲା । ଯେତେବେଳେ ମଣିଷ ବହୁତ ବୁଝିଗଲା ସେତେବେଳେ ସେ ଚାହିଁଲା ଅନ୍ୟକୁ ବୁଝେଇବାକୁ । ଏଇ ବୁଝେଇବା ଝୁଙ୍କ ଏତେ ମାତ୍ରାରେ ବଢିଗଲା ଯେ ମଣିଷ ଯେତିକି ବୁଝିଲା ତା ଠାରୁ ଢେର ଅଧିକ ବୁଝେଇଲା । ଜୀବଦ୍ଦଶା ଭିତରେ ନିଜେ ବୁଝିବା ପାଇଁ ଯେତିକି ସମୟ ଖର୍ଚ୍ଚ କଲା ତା ଠାରୁ ଅଧିକ ସମୟ ଅନ୍ୟକୁ ବୁଝେଇବାରେ ସାରିଲା । ନିଜେ ବୁଝିଗଲେ ଯେତିକି ଆତ୍ମସନ୍ତୋଷ ପାଇଲା ନାହିଁ ତା ଠାରୁ ଅଧିକ ଦୁଃଖୀ ହେଲା ଯେତେବେଳେ ସେ ଅନ୍ୟକୁ ବୁଝେଇବାରେ ବିଫଳ ହେଲା । ସେ ଯେ ଅଧିକ ଜାଣିଛି ଓ କାହାକୁ ବି ବୁଝେଇପାରିବ ସେ ଅହଂକାର ତା ଭିତରେ



ଜାତ ହେଲା । ନିଜର ସମସ୍ତ ସାମର୍ଥ୍ୟ ଖଟେଇ ବିଭିନ୍ନ ପ୍ରକାର ଉଦାହରଣ ଦେଇ ସେ ବୁଝେଇବାକୁ ଚେଷ୍ଟା କଲା । ଯେତିକି ଜାଣିଥିଲା ସ୍ଥଳବିଶେଷ ରେ ତାଠୁ ଅଧିକ ବୁଝେଇବାକୁ ଲାଗିଲା । ଶେଷରେ ଯଦି କେହି ତାକୁ ବୁଝି ନପାରିଲେ ସେଇଟା ତାର ଅହଂକାରକୁ ବାଧିଲା । ଏହା ତାକୁ ଖୁବ୍ କଲା । ସେ ବିବ୍ରତ ହେଲା। ନୂଆ ନୂଆ ଉପାୟ ପାଞ୍ଚିଲା । ସେ ନିଜେ ବୁଝିବା ଅପେକ୍ଷା ଅନ୍ୟକୁ ବୁଝେଇବାକୁ ଅଧିକ ଗୁରୁତ୍ୱ ଦେବାକୁ ଯାଇ ନିଜକୁ ସଙ୍କୁଚିତ କଲା।

ସହଜ ହେବା ପାଇଁ ସମଭାବ ରଖୁଥିବା ଲୋକଙ୍କୁ ନେଇ ନିଜର ଗୋଟେ ଗୋଷ୍ଠୀ ଗଢିଲା । ସେଇ ଗୋଷ୍ଠୀ ଅନ୍ୟ ଠାରୁ ଭିନ୍ନ ଓ ସ୍ୱତନ୍ତ୍ର ଏହା ସହଜ ଭାବେ ବୁଝେଇଦେଲା । ନିଜକୁ ତାରି ଭିତରେ ସଙ୍କୁଚିତ କରି ସୁରକ୍ଷା ପାଇଁ ଏକ ସୀମା ତିଆରି କଲା । ସେଇ ସୀମା ଭିତରେ ରହିବାକୁ ହେଲେ ଅନ୍ୟମାନଙ୍କୁ ତାକୁ ନିସର୍ତ୍ତ ବୁଝିବାକୁ ପଡ଼ିବ । ସେ ଯାହା ବୁଝେଇଲା ସେଇଟା ଅନ୍ୟମାନଙ୍କ ପାଇଁ ହେଲା ସତ୍ୟ ଓ ଆପ୍ତ ବାକ୍ୟ । ଯିଏ ନ ବୁଝିଲା ସେ ଗୋଠରୁ ତଡା ଖାଇଲା । ଏହି ବୁଝେଇବା ନିଶା ଏତେ ମାତ୍ରା ରେ ତାକୁ ଘାରିଲା ଯେ ନିଜେ ନିଜକୁ ଈଶ୍ୱରଙ୍କ ହସ୍ତମୁଦିରଥ ପ୍ରତିନିଧି ଭାବେ ଦାବି କଲା ।

ମଜା କଥା ହେଲା ସେ ଅନ୍ୟକୁ ଈଶ୍ୱରଙ୍କ ବିଷୟରେ ବୁଝେଇବାରେ ଯେତିକି ସମୟ ଦିଏ ତା'ର କଣିଚାଏ ବି ଈଶ୍ୱର ପ୍ରାପ୍ତି ପାଇଁ ଦିଏନି ।

ସେମିତି ଗୋଠରୁ ଅଲଗା ହୋଇ ନିଜର ଆଉ ଗୋଟେ ଗୋଠ ତିଆରିଥିବା ଲୋକଟି ପୂର୍ବରୁ ଯେତିକି ବୁଝିଥିଲା ତାହାଯେ ଅସତ୍ୟ ଓ ସେ ଏବେ ଯାହା ବୁଝଉଛି ସେଇଟା

ହିଁ ସତ୍ୟ- ଏକଥା ପ୍ରମାଣିତ କରିବାକୁ ଯାଇ ପଥରରେ ସିନ୍ଦୂର ବୋଳି ତାକୁ ପ୍ରତ୍ୟକ୍ଷ ଈଶ୍ୱର ବୋଲି କହିଲା । କାଳକ୍ରମେ ଏହି ବୁଝେଇବା ପାଣ୍ଡେମିକ ତା ଭିତରେ ଏତେ ମାତ୍ରାରେ ବଢିଗଲା ଯେ ସେ ନିଜକୁ ପଥର ଜାଗାରେ ବସେଇ ସ୍ୱୟଂ ସାକ୍ଷାତ ଈଶ୍ୱର ବୋଲି ଦାବିକଲା । ଏସବୁ ଦେଖି ଈଶ୍ୱର ଚିନ୍ତାରେ । ବାଳୁତ ବୁଦ୍ଧିରେ ପିଲାଖେଳ ଭାବି ଯାହାକୁ ସୃଷ୍ଟି କରିଥିଲେ ସେ ଏବେ ଭସ୍ମାସୁର ହୋଇ ଖୋଦ ତାଙ୍କ ଗାଦି ଦଖଲ କରିବା ପାଇଁ ଆସିଲାଣି । ଭକ୍ତ ଏବେ ଈଶ୍ୱରଙ୍କ ମୁଖା ପିନ୍ଧୁଛି । ଈଶ୍ୱରଙ୍କ ଠାରୁ ନିରାପଦ ଦୂରତ୍ୱ ରକ୍ଷା କରୁଛି । ମିଥ୍ୟାଚାର କରିସାରି ବାଇବେଲର ପିଲେଟ୍ ପରି ବାରମ୍ବାର ହାତ ଧୋଉଛି । ଶଠତା ପାଣ୍ଡେମିକ୍ ର ସ୍ରଷ୍ଟା ପାଣ୍ଡେମିକ୍ ର ସମସ୍ତ ପ୍ରତିଷେଧକ ନିୟମକୁ ଓଲଟାଭାବେ ମାନୁଥିବାର ଦେଖାଯାଉଛି ।

ଏମିତି ବି ହୁଏ ଜଣେ କିଛି ବୁଝେନା କି ବୁଝେଇ ପାରେନା କିନ୍ତୁ କେହି ଭାବବିହ୍ୱଳ ହୋଇ ବୁଝାଉଥିବାର ଦେଖି ନିଜେ ଭାବବିହ୍ୱଳ ହୋଇଯାଏ । ଥରେ ଜଣେ ମାଉସୀ ପ୍ରବଚନ ଶୁଣୁଥିବା ବେଳେ ତାଙ୍କ ଆଖିରେ ଅଶ୍ରୁ ଦେଖି ପଚାରିଲି- "ମାଉସୀ କାନ୍ଦୁଛନ୍ତି କାହିଁକି ?" ମାଉସୀ କହିଲେ "ଗୁରୁଜୀ ଈଶ୍ୱରଙ୍କ ମହିମା କଥା ଏତେ ସୁନ୍ଦର ଭାବେ ବୁଝାଉଛନ୍ତି ଯେ ଆଖିରୁ ଲୁହ ଝରିପଡୁଛି।" ମୁଁ କୌତୁହଳ ହୋଇ ପଚାରିଲି "ଆପଣ ତାହାହେଲେ କଣ ଈଶ୍ୱରଙ୍କ ମହିମା ବୁଝିଲେ ?" କାନିରେ ଆଖି ପୋଛୁ ପୋଛୁ ଉତ୍ତର ଦେଲେ "ଈଶ୍ୱରଙ୍କ ମହିମା କଣ ଏତେ ସହଜ ଯେ ଆମେ ବୁଝିପାରିବୁ।" ମୁଁ ଆଶ୍ଚର୍ଯ୍ୟ ହେଲି । ପୁଣି ପଚାରିଲି- "ଯଦି ଗୁରୁଜୀ ବୁଝାଉଥିବା କଥା ଆପଣ ବୁଝି ପାରୁନାହାନ୍ତି କିମ୍ବା ତାହା ଆପଣଙ୍କ ବୁଝିବା ସାମର୍ଥ୍ୟ ବାହାରେ ତେବେ ଆପଣ କାନ୍ଦୁଛନ୍ତି କାହିଁକି ?" ମୋତେ ଏକ ତୀକ୍ଷ୍ଣ ନଜରରେ ଚାହିଁ ସେ କହିଲେ "ତୁ କଣ ମୋ ସାଙ୍ଗରେ ପରିହାସ କରୁଛୁ । ଗୁରୁଜୀ ଏମିତି କହୁଛନ୍ତି ଯେ ସେ ଭାବ ମୋ ହୃଦୟକୁ ଛୁଉଁଛି ।" ତେଣୁ ବୁଝେଇବା ପାଇଁ ବେଳେବେଳେ ଗଭୀର ଜ୍ଞାନ ଅପେକ୍ଷା ବାଗ୍ମୀତା ବା ବାକ୍ ଚାତୁର୍ଯ୍ୟର ଅଭ୍ୟାସ ବେଶି ଜରୁରୀ । ଯଦି ଆପଣଙ୍କ କଥନ ଶୈଳୀରେ ବୁଝିବା ପରିବେଶ ଟିଏ ସୃଷ୍ଟି କରିପାରିଲେ ତେବେ ଆପଣ କିଛିବି ସହଜରେ ବୁଝେଇଦେଇ ପାରିବେ । ଆଉ ଯଦି ବୁଝେଇବା କଳା ଜାଣି ନାହାଁନ୍ତି ତେବେ ଅନ୍ତତଃ ଅବୋଧ ହେବାକୁ ଚେଷ୍ଟା କରନ୍ତୁ । ନଚେତ ସତ୍ୟ କହୁଥିଲେ ବି ହୁଏତ ଆପଣଙ୍କୁ ସକ୍ରେଟିସଙ୍କ ଭଳି ବିଷ ପାନ କରିବାକୁ ପଡିପାରେ କିମ୍ବା ଆପଣ ଗଲିଲିଓଙ୍କ ଭଳି ପାଗଳ ଆଖ୍ୟା ପାଇବା ଆଶ୍ଚର୍ଯ୍ୟ ନୁହେଁ ।

ଏମିତି କିଛି ଶିକ୍ଷକ ଅଛନ୍ତି ସେମାନେ ବହି ପାଠ ଯେତିକି ବୁଝିଥାନ୍ତି ତାଙ୍କ ଛାତ୍ର ସେତିକି ବୁଝୁ ବୋଲି ଚାହାନ୍ତି । ଧରନ୍ତୁ ଶିକ୍ଷକ କହିଛନ୍ତି ପାଞ୍ଚ ମିଶାଣ ପାଞ୍ଚ ହେଲା ଦଶ । ଯଦି ଦୈବାତ୍ କେହି ଛାତ୍ର ତିନି ମିଶାଣ ଦୁଇ ମିଶାଣ ପାଞ୍ଚ କୁ ଦଶ ଲେଖେ ତେବେ ଶିକ୍ଷକ ତାକୁ ଶହେ ଜାଗାରେ ଅନେଶ୍ୱତ ଦେବାର ନଜିର ଅଛି। କାରଣ ଏହା ଶିକ୍ଷକଙ୍କ ନିଜ ଅହଂର ପରିପନ୍ଥୀ । ପିଲାଟିକୁ ଆଗଚଲା, ବେଶି ପାଣ୍ଡିତ୍ୟ ଦେଖାଉଛି ବୋଲି ଭାବନ୍ତି । ସେ ଯାହା ବୁଝେଇଛନ୍ତି ସେଇଟା ହିଁ ବହି ଲିଖିତ ଧାରା ଓ ତାକୁ ମାନିବାକୁ ଛାତ୍ର ବାଧ ବୋଲି ଭାବନ୍ତି । ଯଦିଓ ଉତ୍ତର ଠିକ କିନ୍ତୁ ଏହା ଶିକ୍ଷକ ବୁଝେଇଥିବା ପଦ୍ଧତି ଠାରୁ ଭିନ୍ନ । ସେଥିପାଇଁ ଏକ ନମ୍ବର କଟାହେଲା । କାରଣ ହେଲା ଶିକ୍ଷକଙ୍କ ପାଖରେ ବହି ବାହାରକୁ ଯାଇ ବୁଝିବା ପାଇଁ ଆଗ୍ରହ ନାହିଁ କି ବୁଝେଇବାପାଇଁ ସମୟ ନାହିଁ । ଗଛରୁ ସେଓ କାହିଁକି ତଳେ ପଡ଼ିଲା ବୁଝିବା ପାଇଁ ନିଉଟନଙ୍କୁ ବର୍ଷ ବର୍ଷ ଲାଗିଗଲା । ମାତ୍ର ତାଙ୍କ ତତ୍ତ୍ୱକୁ ଜଣେ ବିଜ୍ଞାନ ଶିକ୍ଷକ ଏମିତି ବୁଝାଉଥିବେ ଯେମିତି ନିୟୁଟନ ତାଙ୍କ ଠାରୁ ମାଧ୍ୟାକର୍ଷଣ ଶକ୍ତି ବିଷୟରେ ବୁଝିଥିଲେ । ଯିଏ ତତ୍ତ୍ୱକୁ ବୁଝିଲା ସେ ବୈଜ୍ଞାନିକ ହେଲା । ଯିଏ ସମୁଦାୟ ଚାକିରୀକାଳ କେବଳ ତତ୍ତ୍ୱକୁ ବୁଝେଇଲା ସେ ବିଜ୍ଞାନ ଶିକ୍ଷକ ହୋଇ ଅବସର ନେଲା । ତେଣୁ ତତ୍ତ୍ୱକୁ ବୁଝିବା ଓ ବୁଝେଇବା ଦୁଇଟି ଅଲଗା କଥା । ତତ୍ତ୍ୱର ଗହୀରକୁ ନଯାଇ କେବଳ ସମ୍ୟକ ଧାରଣା ଥିଲେ ଜଣେ ଅନ୍ୟ ଜଣଙ୍କୁ ଅନାୟାସରେ ବୁଝେଇଦେଇପାରିବ ।

ସମୟ ଚକ୍ରରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ମୋର ପରିଚୟ ହୁଏ । ସେ ସମସ୍ତଙ୍କୁ ନିଜର ଛାତ୍ର ବୋଲି ଭାବନ୍ତି । କୌଣସି ବି ପ୍ରସଙ୍ଗରେ ସେ ଅନର୍ଗଳ ଲେକ୍ ଚର ଦେଇପାରନ୍ତି । ତେଣିକି ପ୍ରସଙ୍ଗ ସାମାଜିକ,ଅର୍ଥନୈତିକ, ନୃତତ୍ତ୍ୱ, କଳା କି ରାଜନୀତି ହେଇଥାଉ । ସବୁ ବିଷୟରେ ଯେ ତାଙ୍କର ଅଗାଧ ପାଣ୍ଡିତ୍ୟ ଅଛି ତାକୁ ବୁଝେଇବାରେ ସେ କେବେ କାର୍ପଣ୍ୟ କରନ୍ତି ନାହିଁ । ଗୋଟିଏ ଗୋଟିଏ ପ୍ରସଙ୍ଗକୁ ବୁଝେଇବା ପାଇଁ ଅନ୍ତତଃ ଅଧଘଣ୍ଟା ସମୟ ନେଲା ପରେ ପଚାରନ୍ତି କଣ ବୁଝିଲ ? ମୋର ନିରୀହ ମୁହଁରେ ମୁଣ୍ଡ ହଲେଇ ନା କରିବା ଦେଖି ମୁହଁକୁ ଆମ୍ବିଳା କରି ପୁଣି ବୁଝେଇବାକୁ ଆରମ୍ଭ କରନ୍ତି । ମୁଁ ସେଥିରୁ ଯେ କିଛି ବୁଝି ନଥାଏ ଏମିତି ନୁହେଁ । ବୁଝିଲି କହିଲେ ଅନ୍ୟ ଏକ ପ୍ରସଙ୍ଗ ଉପରେ ଆଉ ଗୋଟେ ପିରିୟଡ଼ ଆରମ୍ଭ ହୋଇଯିବା ଆଶଙ୍କା କରେ । ଯେତେବେଳ ଯାଏଁ ଏକାଦିକ୍ରମେ ଦୁଇ ତିନିଟି କ୍ଲାସ ନ ନେଇଛନ୍ତି ସେ ଚୁପ୍ ହୁଅନ୍ତି ନାହିଁ ।

ଆମେ ସମସ୍ତେ ଜାଣୁ କିଛି ବୁଝେଇଲା ବେଳେ 'କେଉଁଠି ଗୋଟେ ପଢ଼ିଥିଲି' କହି ଆମେ ଏପରି ଏକ ପୁସ୍ତକ କଥା କହୁ ଯାହା କେବେ ଲେଖା ଯାଇନି କି ପଢ଼ାଯାଇନି କିମ୍ବା ଛପା ଯାଇନି । ସେମିତି 'କେହି ଜଣେ କହୁଥିଲେ' କହି ଆମେ ଏପରି ଜଣେ ବ୍ୟକ୍ତିଙ୍କୁ ଇଙ୍ଗିତ କରୁ ଯିଏ କେବେ ଜନ୍ମ ଗ୍ରହଣ କରିନାହାଁନ୍ତି କିମ୍ବା ଆଖପାଖ ଖଣ୍ଡ ମଣ୍ଡଳରେ କେବେ ଦୃଶ୍ୟମାନ ହୁଅନ୍ତି ନାହିଁ । 'ଆମକୁ ସାର୍

କହୁଥିଲେ' କହି ଆମେ ଏମିତି ଶିକ୍ଷକ ଙ୍କ ନାଁ ନେଉ ଯିଏ ଗତ କେତେ ଦଶନ୍ଧି ପୂର୍ବେ ମର୍ତ୍ତ୍ୟଲୋକ ତ୍ୟାଗକରି ସ୍ୱର୍ଗପୁରୀରେ ସ୍ଥାୟୀ ବସବାସ କଲେଣି । ମୋଟ ଉପରେ କହିବାକୁ ଗଲେ ବୁଝୁଥିବା ଲୋକ କ୍ୱଚିତ ଏସବୁ ଉଦାହରଣ ର ତାତ୍ତ୍ୱିକ ପ୍ରମାଣ ଜାଣିବାକୁ ଚାହେଁ କାରଣ ସେ ନିଜେ ଜାଣେ, ବୁଝାଉଥିବା ଲୋକର ଜାଗାରେ ନିଜେ ରହିଲେ ସେ ମଧ ଏହିପରି ଅନେକ ଉଦାହରଣର ସାହାଯ୍ୟ ନେବ ଯାହାର କିଛି ଆଧାର ନାହିଁ । ଏ ସବୁ ଭିତ୍ତିହୀନ କଥା କୌଣସି ମିଥ୍ୟା କଥାକୁ ସତ୍ୟ ବୋଲି ପ୍ରତୀତ କରିବା ଉଦ୍ଦେସ୍ୟ କେବଳ ବୋଲି ଉଭୟ ବୁଝାଉଥିବା ଓ ବୁଝୁଥିବା ଲୋକ ଜାଣନ୍ତି ।

ଏମିତି ଦେଖାଯାଏ ଜଣେ ଯାହା ବୁଝିଥାନ୍ତି ଅନ୍ୟ କୁ ବୁଝେଇଲା ବେଳେ ଠିକ ବିପରୀତ କଥା ବୁଝାନ୍ତି । ଏଇ ଯେମିତି ଗୋଟେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତା ଯଦିଓ ଜାଣିଥାନ୍ତି ନୂତନ ଆଇନ ଟି ଭବିଷ୍ୟତ ପାଇଁ ଭଲ ଅପେକ୍ଷା ଅଧିକ କ୍ଷତିକାରକ ତଥାପି ନୂତନ ଆଇନର ସୁଦୁରପ୍ରସାରୀ ଉପକାରିତା ଯେ କେତେ ବ୍ୟାପକ ତାହା ଅତି ସାବଲୀଳ ଢଙ୍ଗରେ ଲୋକମାନଙ୍କୁ ବୁଝେଇ ଦିଅନ୍ତି । ଆମେ ଯାହା ବୁଝିଥାଉ ବୁଝେଇଲା ବେଳେ ଯେ ତାହା କହିବୁ କିମ୍ବା ବୁଝାଉଥିବା ଲୋକ ଯାହା କହୁଛି ତାହା ସେ ନିଜେ ବୁଝି ହୃଦଙ୍ଗମ କରିଛି ଭାବିବା ଭୁଲ । ଅର୍ଥାତ, ଆମେ କିଛି ବୁଝେଇ ବସିଲା ସମୟରେ ବେଳେବେଳେ ଆମର ମୂଳ ଭାବନାର ସେ ବକ୍ତବ୍ୟରେ ପ୍ରତିଫଳନ ହେବା ପରିବର୍ତ୍ତେ ଭାବନାର ପ୍ରତିସରଣ ହୋଇଯାଏ । ଯାହା ଆପଣ ବୁଝାଉଛନ୍ତି କିମ୍ବା ବୁଝେଇବାକୁ ଚାହାଁନ୍ତି ସେ ବିଷୟରେ ଆପଣ ନିଜେ ବୁଝିବା କିମ୍ବା ସେଥିରେ ବିଶ୍ୱାସ ଥିବା ଜରୁରୀ ନୁହେଁ ।

ଯେତେବେଳେ ପ୍ରଶ୍ନକର୍ତ୍ତା ଶିଷ୍ୟ ଓ ଉତ୍ତର ଦାତା ଗୁରୁଙ୍କ ଭିତରେ ମାନସିକ ଯୋଗସୂତ୍ର ଖୁବ ଦୃଢ଼ ସେତେବେଳେ ଶିଷ୍ୟର ନୀରବ ପ୍ରଶ୍ନର ଉତ୍ତର ଗୁରୁ ନୀରବରେ ଦେଇପାରନ୍ତି । ବୈଦିକ ଋଷି , ତିବ୍ବତ ର ଲାମା ଅଥବା ଜାପାନୀ ଜେନ୍ ଗୁରୁ ଏହିଭଳି ନୀରବତା ମାଧ୍ୟମରେ ଶିଷ୍ୟଙ୍କ ଶଙ୍କା ସମାଧାନ କରୁଥିବାର ବହୁ ଦୃଷ୍ଟାନ୍ତ ରହିଛି । ନୀରବତା ର ଗୋଟେ ଭାଷା ଥାଏ । ନୀରବରେ ଜଣଙ୍କୁ ବୁଝେଇହୁଏ । ତେଣୁ ବୁଝେଇବା ପାଇଁ ଯେ ପ୍ରଗଳ୍ଭ ହେବା ଆବଶ୍ୟକ ତାହାନୁହେଁ, ନୀରବରେ ମଧ ଅନେକ କଥା ଅନ୍ୟ ଜଣଙ୍କୁ ବୁଝେଇଦେଇ ହେବ । ସୁଫି ସନ୍ଥ ରୁମୀଙ୍କର ପ୍ରସିଦ୍ଧ ଉକ୍ତି ମନେପଡିଯାଏ- "SILENCE IS THE LANGUAGE OF GOD. ALL ELSE IS POOR TRANSLATION.". ବାସ୍ତବରେ ନିର୍ବାକ୍ ଭାଷାହିଁ ଦିବ୍ୟଭାଷା । ମନୋରାଜ୍ୟର ଭାଷା । ସେ ଭାଷାକୁ ଜାଗତିକ ଭାଷା ଠିକ୍ ଠିକ୍ କେବେ ବି ରୂପ ଦେଇପାରେନାହିଁ । ଜାଗତିକ ଭାଷା ଦିବ୍ୟଭାଷାର ଦୁର୍ବଳ ଅନୁବାଦ ମାତ୍ର ।

କେନୋପନିଷଦରେ ଋଷି ଶିଷ୍ୟଙ୍କୁ ଈଶ୍ୱରଙ୍କ ସମ୍ପର୍କରେ ବୁଝେଇବାକୁ ଯାଇ କହୁଛନ୍ତି - "ମୁଁ ନିଜେ ଈଶ୍ୱରଙ୍କୁ ବୁଝିନି । ତୁମକୁ ବୁଝେଇବି କଣ ।" ଜଣେ ଋଷି ଅତି ନମ୍ରତାର ସହ ସ୍ୱୀକାର କରିଛନ୍ତି ଈଶ୍ୱରଙ୍କ ସମ୍ବନ୍ଧରେ ସେ ଯାହା ଜାଣନ୍ତି ତାହା କିଞ୍ଚିତ ମାତ୍ର । ସେ ନିଜେ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣ ଭାବେ ବୁଝିପାରିନାହାନ୍ତି, ତେଣୁ ବୁଝେଇବା ପାଇଁ ଅସମର୍ଥ ।

ଆଜିର ବିଡ଼ମ୍ବନା, ଆମେ ନିଜେ କିଛି ବୁଝିନଥିଲେ କିମ୍ବା ଜାଣିନଥିଲେ ମଧ ବୁଝିନୁ କିମ୍ବା ଜାଣିନୁ କହିବାର ସତ ସାହାସ ରଖିପାରିନୁ । ନିଜେ କିଛି ଜାଣ କି ନଜାଣ, କିଛି ବୁଝ କି ନ ବୁଝ ଯଦି ଶୂନ୍ୟରେ ଘରର ନକ୍ସା କାଟି ତାର ପୋଷ୍ଟାଲ ଠିକଣା ବିଷୟରେ କାହାକୁ ବି ବୁଝେଇଦେବାର ସାମର୍ଥ୍ୟ ରଖିଛନ୍ତି ତେବେ ଆପଣ ପୃଥିବୀର ସବୁଠୁ ସଫଳ ବ୍ୟକ୍ତି ।

ପୂର୍ବେ ବାଗ୍ମୀତା ର ସଂଜ୍ଞା ଥିଲା- ମିତଂ ଚ ସାରଂ ଚ ବଚୋହି ବାଗ୍ମୀତା । ଆଜି ବାବଦୁକତା ହିଁ ବାଗ୍ମୀତା ର ଲକ୍ଷଣ ବୋଲି ଧରି ନିଆଯାଉଛି । ବୁଝିବାର ବ୍ୟାକୁଳତାରୁ ସୃଷ୍ଟିହୁଏ ନୀରବତା ର ଭାଷା । ବୁଝେଇବାର ବ୍ୟଗ୍ରତାରୁ ସୃଷ୍ଟି ହୁଏ ବାବଦୁକତା ର ଅଶ୍ଳୀଳ ପ୍ରଗଲ୍ଭତା । ଆଜି ଅହଂମନ୍ୟ ଗୁରୁ, ପଲ୍ଲବଗ୍ରାହୀ ପଣ୍ଡିତ ଓ ଚବିଶ ପ୍ରହର ଚିତ୍କାର କରିଚାଲୁଥିବା ଗଣମାଧ୍ୟମ ଏହି ଅଶ୍ଳୀଳ ପ୍ରଗଲ୍ଭତାକୁ ଅଧିକ ରୁ ଅଧିକ ଉତ୍ସାହିତ କରି ଚାଲିଛନ୍ତି ।



ଓଁ ଅଭିଜ୍ଞାନ ସାହୁ, ବନମାଳୀ ଭବନ, ଖାନନଗର, କଟକ

# ଗଙ୍ଗଶିଉଳି

ଶୁଭ୍ରାଂଶୁ ଶେଖର ଲେଙ୍କା

ହେୟ୍ ସମୟ୍ ,
ତୁମ ମଳୟ୍ ଥିଲା
ଏକ ଗଙ୍ଗଶିଉଳିର ଫୁଲ .
ତୁମ ପାଇଁ ମୁଁ ,
ଆଜି ଲଜିତ,ଉପହାସିତ
ସତ୍ୟଠୁ ପରାଜିତ.
ତଥାବି ,
ମାନେ ବାନ୍ଧି ଆଶା
ସ୍ୱପ୍ନେ ଭରି ଭରସା
ବାଘ ମାମୁ ସାଥେ
ହେଲି ସଙ୍ଗାତ.
ତୁମେ ସେଇ ,
ସୁଲୁ ସୁଲିଆ ପବନେ
ଅଙ୍କୁରିତ କେତେ ମିଠା ସମୟର ଚୁମ୍ବନ
ଧୀମା ଧୀମା ସ୍ପନ୍ଦନେ
ସୀମା ହୀନ ଗଗନେ
ଅସୁମାରୀ ଆଶାରେ ଗଢା ସପନ.
ତୁମଏ ସମୟର ସନ୍ଧିରେ
ମୁଁ ଖୋଜିବୁଲେ ,
ଶିଶିରର ମୁରୁକି ହସ ଟିଏ,
ହେଲେ ,
ବେଗି ବେଗି ମାଡ଼ି ଆସୁଥଏ
ଆଉ ଏକ କଳଙ୍କିତ କାହାଣୀ ଟିଏ.



*I am Sudhanshu Lenka , Currently Working with Virtusa Malaysia as Lead Consultant . I love cooking, writing and coding.*

# କାନଫୁଲ ମୋର କାଇଁ ?

ପାର୍ଥ ସାରଥୀ ସାମନ୍ତରାୟ

କଷି କଷି ଯିଏ ମାଟିକୁ ଚଷେରେ
ସିଏ ମୋର ଚଷା ଭାଇ
ହସି ହସି ମାଟି ଗୀତ ତାର ଶୁଣି
ନାଚେ ସୁନାଫୁଲ ନାଇ।

ପାଣି କାଦୁଅରେ ଭିଜି ଭିଜି ଘୁରେ
ପାଗ କରିବାକୁ ମାଟି
ହାଣି ମାଟିଟେଲା ସଜାସଜି କରେ
ଦେଖାଇ ତା କରାମତି
ପଶି ପଶି ପୁଣି କାଦୁଆ ଜମିରେ
ଯାଏ ତା ତଳିକୁ ରୋଇ
କଷି କଷି ମାଟି ଯାଏ ସିଏ ଖଟି
ଆମ ଭାତ ହାଣ୍ଡି ପାଇଁ।

ତା ଘର ଘରଣୀ ଆଣଇ ଘୋଟଣି
ଦିଅଁ ଉଠିଗଲେ ମୁଣ୍ଡେ
ଆ ଆ ସହୀ ବାଟଥିଲି ଚାହିଁ
(ସେ) କହେ ଥକା ମାରି ଦଣ୍ଡେ
ଲେସି ଲେସି ଲାଜ ଘରଣୀ ମୁହଁରେ
କହେ ଯୋଡ଼େ ଦିଅ ଖାଇ
କଷି କଷି ମନ ଡାକେ ତାକୁ ଜହ୍ନ
ଆମ ଗାଁ ଚଷା ଭାଇ।

ବିଲ ତା ଫଳିଲା ଫସଲ ଖେଳିଲା
ପବନର ହାତ ଧରି
ଝଲ ମଲ ହେଲା ସୁନାର ଫସଲ
ଚଷା ମନ ଯାଏ ପୁରି
ଭାସି ଭାସି ଯାଏ ସପନ ମନରେ
ଚଷା ଯାଏ ଗୀତ ଗାଇ
ରୁଷି ରୁଷି କହେ ଘରମଣୀ ତାର
କାନଫୁଲ ମୋର କାଇଁ ?





ପାର୍ଥ ସାରଥୀ ସାମନ୍ତରାୟ
ବିଭାଗୀୟ ମୁଖ୍ୟ, ଓଡ଼ିଆ ବିଭାଗ
ଗୋଦାବରୀଶ ମହାବିଦ୍ୟାଳୟ, ବାଣପୁର, ଖୋର୍ଦ୍ଧା

# ସାର୍ଥକ ପ୍ରୟାସ

କାମେଶ୍ୱର ପଣ୍ଡା

ଚାହିଁଛି ଗତିର ଅମୃତରାଗ
କୁହ-
କୁଆଡେ ଯାଉଛ ?
ଶୁଣିଛକି ଏକ ସ୍ୱନ
ଜୀବନ୍ମୟ ପ୍ରାଣର ଆହ୍ୱାନ
ପଢ଼ିଛକି ଧର୍ମର ଧାରା
ଦେଖିଛକି  ଦେହେ ଦେହେ ଶାଶ୍ୱତ ସତ୍ତା
ଯେ ଅନନ୍ତ ଯେ ଅବ୍ୟକ୍ତ
ସବୁରି ଊର୍ଦ୍ଧ୍ୱରେ ସେ
ପରମ ପୁରୁଷ ସେ
ଏବେ କୁହ...
ତୁମ ଖୋଜାର ବାସ୍ତବ ଉକ୍ତି
ପାଦ ଫିଟାଅ ଅନ୍ଧାରରୁ
ନିଅ ତୋଳିନିଅ ଅଜସ୍ର ଆଲୋକ
ନିଜ ଭିତରେ
କୋଟିକମ ରତ୍ନ ସିଂହାସନରେ ଦୀପ୍ତ ଯେ
ବିଦ୍ୟମାନ ଯେ ।





*Kameshwar Panda is an Odia writer based in Jajpur, Odisha.*

# ରେବତୀର ଲାଜ

ସୀମନ୍ତିନୀ ନନ୍ଦ

ରେବତୀ ନାଁରେ     ସାହିତ୍ୟ ଗାଁରେ
ଦେଖିଲି କିଶୋରୀ ଟିଏ
ସେବତୀ ମାଳତୀ     ଫୁଲ ପରି ନିତି
ବାସରେ ମହକୁ ଥାଏ ।

ରଞ୍ଜ ରଞ୍ଜ ସଞ୍ଜେ     ଭଜନର କୁଞ୍ଜେ
ଯାଉଥିଲା ଭିଜିଭିଜି
ପୁଞ୍ଜା ପୁଞ୍ଜା ତାରା     ଆକାଶ ଛାତିରେ
ଜଳୁଥିଲେ ମିଞ୍ଜି ମିଞ୍ଜି
ସାଇତି ସାଇତି     ଭକତି ସମ୍ପତ୍ତି
ବାପା ପାଶେ ଗାଇଯାଏ
ରେବତୀ ନାଁରେ     ସାହିତ୍ୟ ଗାଁରେ
ଦେଖିଲି କିଶୋରୀ ଟିଏ ।

ବାପା କହିଦେଲେ     ଗପ ତଳେ ତଳେ
ମନକଥା ତାଙ୍କ ଫେଡ଼ି
ରୂପା ସୁନା ଠାରୁ     ପାଠ ମୁଲ ବଡ଼
ରେବଧରୁ ପାଠ ଖଡ଼ି
ତୁରିତ ବାସୁ ବି     ହଁ ଭରିଦେଲା
ରେବ ମନ ଡ଼େଇଁଯାଏ
ରେବତୀ ନାଁରେ     ସାହିତ୍ୟ ଗାଁରେ
ଦେଖିଲି କିଶୋରୀ ଟିଏ ।

ଶିରୀ ପଞ୍ଚମୀରେ     ନୂଆ ନୂଆ ନାଇ
ରେବତୀ ପଢ଼ିବ ପାଠ
ଘୁରି ଘୁରି ଚାହେଁ     ଦାଣ୍ଡରୁ ବାହାରେ
ବାସୁଭାଇ ପାଠ ବାଟ
ଶକତି ଆସିଲା     ବାସୁ ପହଞ୍ଚିଲା
ଅ .... ଆ .... ସୁର ଧାଏଁ
ରେବତୀ ପଢ଼ିଲା     ବାସୁ ପଢ଼ାଇଲା
ବେଳ ଗଡ଼ି ଗଡ଼ି ଯାଏ ।

ଥାଳି ପାଶେ ବସି     ବାପା ଧୀରେ ହସି
କହିଲେ ମନର କଥା
ଭାଳି ଜେଜୀମାଆ     କହିଲା ବାଇଆ
ଜାତି ଥିଲେ ଟେକ ମଥା
ନିଇତି ରହିବ     ଘର ପୁଅ ହେବ
ଜେଜୀମାଆ କହିଯାଏ
ରେବତୀ ଶୁଣିଲା     ମନେ ହସିଗଲା
ଲାଜେ ସଢି ସଢି ଯାଏ ।

ବାସୁଭାଇ ଏବେ     ପଢ଼େଇଲେ ସଜେ
ରେବତୀକୁ ଲାଜ ମାଡ଼େ
ହସୁ ହସୁ ସିଏ     ଓଠ ଚିପି ଦିଏ
ଖଡ଼ି ଆପେ ଆପେ ଗଡେ
ଚଇତି ପବନ     ବହେ ଘନ ଘନ
ଫୁଲ ମଥା ଲାଜେ ନୁଏଁ
ଏଣିକି ବାସୁର     ପାଠ ପଢା ସୁର
କିଶୋରୀ ମନକୁ ଛୁଏଁ ।

ତୁନି ତୁନି ପଢେ     ଓଠେ ହସ ବଢେ
ବାସୁ ପଢ଼ାଇଲେ ପାଠ
ଶୁଣି ବାସୁ କଥା     ହଲାଇ ତା ମଥା
କହେ ହୁଁ ହୁଁ ଛୋଟ
ନିଇତି ସଞ୍ଜରେ     କବାଟ କୋଣରେ
କାହାକୁ ସେ ଚାହିଁଥାଏ
ଝଟତି ଘରକୁ     ପଳାଏ ଲାଜରେ
ଯେବେ ବାସୁ ଆସି ଯାଏ ।

ରେବତୀ ଲାଜର     ନାହିଁ ପଟାନ୍ତର
ସାହିତ୍ୟ କଥାରେ ଗାଏ
ସେବତୀ ମାଳତୀ     ଫୁଲ ପରି ନିତି
ବାସରେ ମହକୁ ଥାଏ ।



*Simantini Nanda is a home maker staying in Kuala Lumpur with her husband Ekamra Mohapatra. She likes cooking and writing Odia Poems and Stories.*

# ସେମାନେ ଫେରିବେ

ଡ଼ ବୀଣାପାଣି ପ୍ରଧାନ

ସେମାନେ କେବେ ଯଦି
ଆସିବେ ଅଜାଣତେ,
ରାସ୍ତାର ଷ୍ଟ୍ରିଟ୍ ଲାଇଟ ସବୁ
ଆଲୋକିତ ହେବେ ,
ରେସ୍ତୋରାଁର ବନ୍ଦଘରେ
ପାରଦବତୀ ଆଖି ମେଲେଇବେ,
ଧୀର ଧୀର ପବନରେ ପଛକୁ
ଫେରିଯାଉଥିବ ପୁରୁଣାକଥା
ନିଛାଟିଆ ସେ ରାସ୍ତାଦେଇ ।
ଗରମ କଫି ଓଠର ଛୁଆଁରେ
ସୁ ସୁ ଶବ୍ଦ କରୁଥିବ ନୀରବତା,
ରାତିର ଚାଦର ପରେ ବୋଧେ
ବଢୁଥିବ ସ୍ମୃତିର ବହଳ ବାସ୍ନା।
ହାତ ମୋର ମୁଠା ହୋଇ
ଭିଡିଥିବ ସେମାନଙ୍କ ତାଳଗଛ ଛାଇକୁ।
ମୋ ହାତକୁ ପୁଣିଥରେ ଫେରୁଥିବ
ଅତୀତକୁ ଧରି ରଖିବାର
ଅସାର ନିଶା,
ହେଲେ
ଫେରିଯାଉଥିବେ ସେମାନେ ସମସ୍ତେ ସ୍ୱପ୍ନ ସାରି,
ଲଗେଜ୍ ବ୍ୟାଗ୍ ହାତରେ ଧରି,
ଗୁଡାଏ ମିଥ୍ୟା ପ୍ରତିଶ୍ରୁତି ଫୋପାଡି
ମୋତେ ଆଉଥରେ ଆସିବାର ଆଶା ଦେଇ।



*Dr. Binapani Pradhan is a research scholoar staying in Kuala Lumpur with her family. She is passionate about Odia literature. She publishes Odia poems and stories regularly. Her hobbies include dancing and painting.*

# ଏମିତି ବି ଦିନେ

ଡ଼ ବୀଣାପାଣି ପ୍ରଧାନ



ମୋ ଦେହସାରା ତୋ ସ୍ମୃତିର ଦାଗ ଲିଭିଆସୁଥିବ,
ମଲାଟଦିଆ ବହିରେ ଫର୍ଦ ସବୁ ମସିହା ଦିଶିବ,
ଧସେଇ ପଶିଥିବ କିଛି ନୂଆ ଅବଶୋଷ,
ନିଶ୍ୱାସ ର ନିଆରା ଅବରୋଧ ।
ଅପରାହ୍ନ ପରଛା ନଥିବ,
ଗୋଧୂଳି ର ନଈପଠା
ଅନ୍ଧାରମୁହାଁ ହେଉଥିବ,
କୁନାମୁନା ଛୋଟ ପିଲା ପରି
ମା 'ମା 'ଡାକୁ ନଥିବେ,
ହାତ ଧରି ଚାଲିବାର ଅଭ୍ୟାସ ନଥିବ,
ମୃତ ଯେତେ ଜୀବକୋଷ ଦେହରେ
ଖାଲିସ୍ଥାନ ଯୋଡିଚାଲିଥିବେ,
ଏ ସକାଳ ଆଜିପରି ନଥିବ,
ପକ୍ଷୀ ର କୋଳାରବ ଶୁଣିବା ପାଇଁ ,
ପବନ ରେ ହଜିଯିବା ପାଇଁ ଏ ସ୍ପର୍ଶ ନଥିବ,
ଗୋଟେ ଦୀର୍ଘସ୍ଥାୟୀ ଅନୁଭୁତି କୁ ପୁଣିଥରେ ,
ଅନୁଭବିବା ପାଇଁ ସାହସ ନଥିବ,
ଅପେକ୍ଷା ରେ କେବଳ
ଦୁଇ ମିନିଟ ସମୟ ବାକିଥିବ,
ମୋ ଆଖି ଆଗେ ଅନ୍ଧାର ବୋଳିଦେବାପାଇଁ,
ଅଗଣାରେ ମୋର ଚାଲିଯିବାର
ପାଦଚିହ୍ନ ସତେ ଲିଭି ଲିଭି ଆସୁଥିବ,
ମୋ ତମାମ୍ ଦିନଗୁଡିକର ସ୍ମୃତି ଉଜୁଡାଇ।



*Dr. Binapani Pradhan is a research scholoar staying in Kuala Lumpur with her family. She is passionate about Odia literature. She publishes Odia poems and stories regularly. Her hobbies include dancing and painting.*

# ଜେମା ମା

ବ୍ରତତୀ ପ୍ରିୟଦର୍ଶିନୀ



କୋରନା ଏବଂ ଲକଡାଉନ ଯୋଗୁଁ ଦୁଇ ବର୍ଷ ପରେ ଘରକୁ ଗଲୁ । କୋରନା ର ବିପତ୍ତି ରୁ ନିଜକୁ ସୁରକ୍ଷିତ ରଖିପାରି ବନ୍ଧୁ ସମ୍ପର୍କୀୟ ଙ୍କୁ ଭେଟି ବହୁତ ଖୁସି ଲାଗୁଥାଏ । ଏମିତି ଦିନେ ସକାଳୁ ଏକ ଅଜଣା ନମ୍ବର ରୁ ଫୋନ ଟିଏ ଆସିଲା । ଫୋନ ଉଠାଇ ହାଲୋ କହିଲି । ସେପଟୁ ଜଣେ ନାରୀ କଣ୍ଠସ୍ୱର କହିଲେ ,କିଏ ନିନି କହୁଚ ? ମୁ ଚିହ୍ନି ନ ପାରି, ହଁ ଆପଣ କିଏ ବୋଲି ପଚାରିଲି । ସେ କହିଲେ କେନ୍ତା ଅଛ ଗୋ ? କୁହତ ମୁଇଁ କିଏ କହୁଛି ? ତାଙ୍କ ଭାଷା ଶୁଣି ମୋ ମନ ଖୁସି ରେ ନାଚି ଗଲା । ମୁଁ କହିଲି ଜେମା ମା କହୁଚ ନା ? ନମସ୍କାର । ସେ ହସିଲେ ଓ କହିଲେ ,"ହଇ"। ମୁଁ ତାଙ୍କୁ "ତୁମେ କେମିତି ଅଛ ପଚାରି ,ତାଙ୍କ ଗାଁ କଥା , ଗାଁ ଲୋକ ,ଗଛ ଲତା ,ବାଡ଼ି ବଗିଚା , ବଣ ଜଙ୍ଗଲ ଇତ୍ୟାଦି ବିଷୟ ରେ ପଚାରି ଗଲି ,ଏକା ନିଶ୍ୱାସ ରେ । ସେ କହିଲେ, "ମତେ କିରା ଲାଗି ପଚାରୁଛ ? ନିଜେ ଆସି ଦେଖିଯାଅ "। ଦିଦି(ମୋ ମା ) କହିଲେ ତୁମେ ,ଯଇଁ ପିଲା ଆଉ ବାବୁ(ମୋ ପୁଅ)ଆସିଛ , ସେଥିର ଲାଗି ଫୋନ କଲି ନିମନ୍ତ୍ରଣ କାରବାକେ । ତାଙ୍କ କଥା ଶୁଣି ମୁଁ ହସିଲି , ଆଉ ଆସନ୍ତା ସପ୍ତାହ ରେ ଆସିବୁ ବୋଲି କହିଲି ।

ମୋ ମା ଙ୍କର ଚାକିରୀ ର ପ୍ରଥମ ପୋଷ୍ଟିଙ୍ଗ ସୁନ୍ଦରଗଡ ଜିଲ୍ଲା ର ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମ ରେ ହୋଇଥିଲା

। ସେତେବେଳେ ଆମେ ଭାଇ ଭଉଣୀ ତିନି ଜଣ ବହୁତ ଛୋଟ ଥିଲୁ । ମା ସେଠି ଏହି ଜେମା ମା ଙ୍କ ଘରେ ଭଡା ରେ ରହୁଥିଲେ । ମା ସ୍କୁଲ ଗଲା ପରେ ଆମେ ଏକା ଘରେ ରହୁଥିଲୁ । ଆମ ଘର କହିଲେ ଜେମା ମା ଙ୍କ ଘରର ବାରଣ୍ଡା ମଝିରେ ଗୋଟିଏ ଝାଟି ର ତାଡି ଦେଇ ଭାଗ କରା ଯାଇଥିଲା । ଗୋଟେ ପଟେ ଜେମା ମା ଙ୍କ ପରିବାର ଅନ୍ୟ ଅଧା ଘରେ ଆମେ ରହୁଥିଲୁ । ମା ସ୍କୁଲ ଗଲା ବେଳେ ତାଙ୍କୁ କୁହନ୍ତି , ଛୁଆ ମାନଙ୍କୁ ଅନେଇ ଥିବ । ସେ ହଉ ଦିଦି କୁହନ୍ତି । ସେ ଆମ କହିବା ପିଇବା ଶୋଇବା , ସୁବିଧା ଅସୁବିଧା ର ଯତ୍ନ ନେଉଥିଲେ । ଆଜି କାଲି ଦୁନିଆଁ ରେ ବିନା ସ୍ୱାର୍ଥ ରେ କେହି କିଛି କରନ୍ତି ନାହିଁ । ସେ କିନ୍ତୁ ଆଉ ପୁରା ବିପରୀତ ଥିଲେ । ସେ ଆମକୁ ବହୁତ ସ୍ନେହ କରୁଥିଲେ, ବିନା ସ୍ୱାର୍ଥ ଓ ବିନା କିଛି ମୂଲ୍ୟ ରେ । ସେ ଆମର ମା ପରି ସ୍ନେହ ଯତ୍ନ ନେଉଥିଲେ , ଉପଦେଶ ଦେଉଥିଲେ ,ଦରକାର ବେଳେ ତାଗିଦ ବି କରୁଥିଲେ । ତେଣୁ ଆମେ ତାଙ୍କୁ ଜେମା ମା (ଜେମା ତାଙ୍କ ଝିଅ ର ନାଁ ) ଡାକୁ ଥିଲୁ । ସେଠି ସବୁ ପୁଅ ମାନଙ୍କୁ ବାବୁ ଓ ଝିଅ ମାନଙ୍କୁ ନିନି ବା ନନୀ ଡାକନ୍ତି । ମୋତେ ବି ସେ ନିନି ଡାକନ୍ତି।

ତାଙ୍କ ନିମନ୍ତ୍ରଣ ପାଇ , ମୋ ପିଲା ଦିନ ମୋ ଆଖି ଆଗରେ ଭାସି ଗଲା । ପିଲା ବେଳ କାଟିଥିବା ଜାଗା କୁ ଯିବା ର ଖୁସି ରେ ଅଧୀର ହୋଇ ପଡ଼ିଥିଲି । ଶେଷରେ ତାଙ୍କ ଗାଁ କୁ ଯିବା ଦିନ ଆସିଗଲା । ଆମେ ମା ,ପୁଅ ଓ ବାପା କର ନେଇ ବାହାରିଲୁ । ବାଟରେ ରହି ରହି ଯାଇ ପହଁଚିଲା ବେଳକୁ ଦିନ ୩ଟା । କାର ରୁ ଓଲ୍ହେଇ ଜେମା ମା ଙ୍କୁ ମୁଣ୍ଡିଆ ମାରିଲୁ । ଜେମା ମା ବାହାରେ ଗୋଟେ ଖଟିଆ ଉପରେ ବସିଥିଲେ । ସେ ଆଉ ଆଗ ପରି ଦିସୁ ନଥିଲେ । ଧଳା ଚୁଟି ,ଧୁଡୁ ଧୁଡୁ ଚମ ତାଙ୍କୁ ଟିକେ ଅଲଗା କରିଦେଇଥିଲା । କିନ୍ତୁ ତାଙ୍କ ଭିତରେ ସ୍ନେହ ମମତା ଆଗ ପରି ଭାରି ରହି ଥିଲା । ସେ ମୋ ପୁଅ କୁ କୋଳ କୁ ନି ଢେର ଗେଲ୍ହା କଲେ ।

ଯଇଁ ବାବୁ କହି ମୋ ସ୍ୱମୀ ଙ୍କ ହାତ ଧରି ନେଇ ଖଟିଆ ରେ ବସେଇଲେ । ଭାଉଜ (ତାଙ୍କ ପୁଅ ଉପେନ୍ଦ୍ର ନନାଙ୍କ ସ୍ତ୍ରୀ ) ଙ୍କୁ ଡାକି ପାଣି ଆଣିବାକୁ କହିଲେ । ସେ ମଧ ସରଳ ସୁନ୍ଦର ସ୍ନେହୀ ଲୋକ ଟିଏ । ସଂଗେ ସଂଗେ ଚଳ ଚଞ୍ଚଳ ହୋଇ ଉଠିଲେ । ମୁ ସେମାନଙ୍କୁ ସେଠି ଛାଡି ଚାଲିଲି ,ଯେଉଁ ସବୁ ଜାଗାରେ ଖେଳି ବୁଲି ପିଲା ବେଳ କାଟିଥିଲି ସେ ସବୁ ସ୍ମୃତି କୁ ଉଜ୍ଜୀବିତ କରିବାକୁ । ବାଡ଼ି ବଗିଚା ,ରାସ୍ତା ଘାଟ ଓ ବନ୍ଧ ବିଲ , ଗାଁ ସାହି ସବୁ ବୁଲି ଆସିଲି । କିଛିଟା ସେମିତି ଅଛି ,ଆଉ ବହୁତ କିଛି ନିଜର ଅସ୍ତିତ୍ୱ ହରାଇ ବଦଳି ଯାଇଛନ୍ତି ।

ମୁଁ ଫେରିଲା ବେଳକୁ ଘରେ ଜେମା ମା ମତେ ଖାଇବାକୁ ଡାକିଲେ । ଆସ ଗୋ ଖାଇବ, କେତେ ଆଉ ଦେଖିବା ଗାଁ ଗହଳି କୁ । ମୁଁ ଆଜ୍ଞା କହି ବସିଲି ଖାଇବାକୁ । ଭଲ ସ୍ୱାଦିଷ୍ଟ ଶୁଦ୍ଧ ଆଦିବାସୀ ରନ୍ଧା ରାନ୍ଧିଥିଲେ । ଆମ ରନ୍ଧା ଠୁ ଭିନ୍ନ ସ୍ୱାଦର ରାନ୍ଧଣା । ଆମେ ଖାଇ ପି ସାରିଲା ବେଳକୁ ୫ଟା ବାଜିଲାଣି । ଜେମା ମା କହିଲେ ଏତେ ଡେରି ହେଲାଣି ଆଉ କିସ ଯିବ ? ଆଜି ରହି ଯା , କାଲି ପୁଷପୁନି ପିଠା ଖାଇ କରି ଯିବ । ଆମେ ରାଜି ହେଇଗଲୁ ଖୁସିରେ । ମୁ ଛୁଆ ବେଳେ ଦେଖିଥିଲି କିନ୍ତୁ ଭୁଲି ଯାଇଥିଲି । ଆଉ ଥରେ ଦେଖି ସବୁ ଜିନିଷ ଆଖି ରେ କଏଦ କରି ନେବାକୁ ସ୍ଥିର କଲି ।

ପୁଷପୁନି ଦିନ ଭୋର ରୁ ବଡ ,ଛୋଟ ପିଲା ମାନେ ସମସ୍ତେ ମିଶି ଘର ଘର ବୁଲି ପିଠା ,ତରକାରୀ ,ଚାଉଳ ,ପଇସା , ଇତ୍ୟାଦି ମାଗୁଛନ୍ତି । ମୁଁ ଓ ମୋ ପୁଅ ସେମାନଙ୍କ ସହିତ ମିଶି ଚାଲିଲୁ । ଶୀତ ସକାଳ ରେ ଘର ଘର ବୁଲି ପିଠା ମାଗିବାର ମଜ଼ା କୌଣସି ବିଦେଶାଗତ ବହୁତଳ ପ୍ରାସାଦ ର ହାଲୋଇନ ପାର୍ଟି ରୁ ମିଳିବ ନାହିଁ । ଛୁଆ ମାନେ "ଅଖା ପଟିଆ ତୁନା ତୁନି ଛେର ଛେରା " କହି ମାଗୁଥାନ୍ତି ଓ ଘର ର ଲୋକେ ଖୁସି ରେ ଆସି ପିଠା ତରକାରୀ ଦେଉ ଥାନ୍ତି । ଏମିତି ଗାଁ ସାରା ମାଗିବା ପରେ ସମସ୍ତେ ଏକାଠି ବସି ସେ ପିଠା ତରକାରୀ କୁ ବାଣ୍ଟିକୁଣ୍ଟି ଖାଇଲେ । ମାଧ୍ୟାହ୍ନ ଭୋଜନ ସମସ୍ତେ ଏକାଠି ମେଳା ମେଳା ହୋଇ ଛେଳି ମାଂସ ତରକାରୀ ଓ ଭାତ ଖାଇଲେ । ଆମେ ମଧ୍ୟ ସେମାନଙ୍କ ସହିତ ମିଶି ଶାଳ ପତ୍ର ର ଖଲି ଚଉତି ରେ ତଳେ ଚେକାପକେଇ ମଜ଼ା ରେ ଖାଇଲୁ ।



*Bratati Priyadarshini Swain is a home maker based in Kuala Lumpur. She lives to read. She is an avid writer of stories, poems and anecdotes. She has earned recognitions from renowned organisations like Sanatan Smruti Sansad, Nishigandha Sahitya Sansad, Loharkhandi Sahitya Sansad and many others for her contributions to Odia literature.*



# ବ୍ୟଞ୍ଜନ...
# ଆମ ହାଣ୍ଡିଶାଳରୁ


| | | |
|---|---|---|
| Roti jala | Namita | 85 |
| Vietnamese Summer Rolls | Namita | 86 |
| ଆଳୁ -ପାଳଙ୍ଗ ପୋସ୍ତ | ନିଶା ଦାସ | 87 |
| ଦଳା ଖେଚୁଡ଼ି | Sonali Dash | 88-89 |
| Katori Chat | Ronalipa | 90 |
| Chatpatta Tawa Paneer | Himansu Singh | 91 |
| Chicken Biryani | Asima Panda | 92-93 |
| ପୋସ୍ତ ବାଇଗଣ ଖଟା | ମଧୁସ୍ମିତା ମହାପାତ୍ର | 94 |



***TITLE: Oman's door of life by Dr. Karishma Behera***



*This Omani door provides a contrasting image of the rich represented by the jewels around the frame and doors and the poor which is represented by the cracks in the wooden doors"*



# ROTI JALA

## NAMITA



**INGREDIENTS : (for Serving 6)**

- 150 gm (1.5 cup) all-purpose flour
- 1/2 teaspoon turmeric powder
- 1/4 teaspoon salt
- 1 egg
- 1/4th cup coconut milk
- 1/2 cup water

***PREPARATION***

In a medium size bowl mix together flour, salt and turmeric powder. Add egg, coconut milk and water. Whisk together until smooth. Prepare a three whole bottle. Fill the bottle with pancake batter. Do not overfill.

Heat a lightly greased nonstick pan on medium heat. Squeeze the batter into circular motion forming a netlike pattern. Cook for 2-3 minutes. Do not flip. Remove the crepe from pan, fold in sides and roll up.

Serve immediately with your favorite curry.



# VIETNAMESE SUMMER ROLLS

**NAMITA**



***INGREDIENTS***

10/12 Rice paper, Warm water

*For Fillings*

1 small bunch of rice vermicelli
10/12 butter lettuce leaves
1 seedless Japanese Cucumber julienne
2 medium carrots julienne
1 cup shredded purple cabbage
1 red bell pepper julienne
2 tbsp fresh cilantro
2 tbsp fresh mint leaves
4 eggs omelette, cut into thin strips

***METHOD***

Cook the rice vermicelli until soften. Rinse with cold water and drain well. Before you start rolling the rolls get all your fillings ready and cooled. Fill a large bowl with warm water. Dip one rice paper into the water for 10/15 seconds. Place the wrapper on a clean board or plate.

Add your choice of fillings then fold the sides inwards. Fold the bottom of the wrapper over the filling. Roll it up completely. Cut into halves. Serve with Vietnamese dipping sauce or spicy peanut sauce.

Delightfully light, colorful, crunchy and inspired by the fresh flavors of Vietnam these no cook rainbow rolls or summer rolls are fantastic starters in the warm weather.

*For Dipping Sauce*

2 tbsp fresh lime juice
3 tbsp Fish sauce/ Soya sauce
3 cloves garlic minced
1 tsp chili garlic sauce
2 tb spoon Sugar
2 fresh Thai Red chilli thinly sliced & 4 tbsp water

***METHOD***

Combine all ingredients in a small bowl.
Mix well.

NOTES:
You can make this complete vegetarian version also. And for the fillings it can be filled with cooked tofu, prawn or shredded- chicken. Get as creative as you wish with the fillings and invent your own variations.



# ଆଳୁ -ପାଳଙ୍ଗ ପୋସ୍ତ

ନିଶା ଦାସ



**ସାମଗ୍ରୀ:**

୧. ୨ ବିଡ଼ା ପାଳଙ୍ଗ ଶାଗ
୨. ୨ଟା ଆଳୁ
୩. ୨ ଚାମଚ ପୋସ୍ତ
୪. ୨ଟା କଞ୍ଚା ଲଙ୍କା (ସ୍ୱାଦନୁସାରେ)
୫. ୧ ଇଞ୍ଚ ଅଦା
୬. ଗୋଟିଏ ପିଆଜ
୭. ୨ ଚାମୁଚ ତେଲ
୮. ଗୋଟିଏ ତେଜପତ୍ର
୯. ଲୁଣ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ (ସ୍ୱାଦନୁସାରେ)

**ପ୍ରଣାଳୀ :**

୧. ପ୍ରଥମେ ପାଳଙ୍ଗ ଶାଗ କୁ ଭଲ ଭାବରେ ବାଛି ଆଉ ଧୋଇକି ରଖିଦେବେ।
୨. ଆଳୁକୁ ଛୋଟ ଛୋଟ ପିସରେ କାଟିକି ରଖିଦେବେ।
୩. ପାଣି ଛାଡି ଗଲା ପରେ, ପାଳଙ୍ଗ ଶାଗକୁ କାଟିକି ରଖିଦେବେ।
୪. ପୋସ୍ତ, ଅଦା, ପିଆଜ, ଆଉ କଞ୍ଚା ଲଙ୍କାକୁ ବାଟିକି ରଖିଦେବେ।
୫. କଡ଼େଇରେ ଏବେ ୨ ଚାମଚ ତେଲ ଦିଅନ୍ତୁ, ସେଇଥିରେ ତେଜପତ୍ର ପକେଇକି ଆଳୁକୁ ଅଳପ ଟିକେ ଭାଜନ୍ତୁ। ଏଇ ସମୟ ରେ ହଳଦୀ ଗୁଣ୍ଡ ଆଉ ଲୁଣ ଦେଇକି ଆଳୁକୁ ଭାଜିବେ।
୬. ଅଳ୍ପ ଭାଜି ହେଇସାରିଲା ପରେ, ସେଇଥିରେ ପୋସ୍ତ ମସଲାଟା ପାଣି ସହିତ ମିଶେଇଦେବେ।
୭. ଏବେ ସେଇଥିରେ ଲଙ୍କା ଗୁଣ୍ଡ ଆଉ ବାକି ଲୁଣ ପକେଇ, ଧିମା ଆଞ୍ଚ ରେ ଘୋଡେଇଦେବେ।
୮. ଆଳୁ ଅଧା ଚୂକ ହେଇସାରିଲା ପରେ ପାଳଙ୍ଗ ଶାଗକୁ ADD କରିବେ।
୯. ଏସବୁ ସିଝିଲା ପର୍ଯ୍ୟନ୍ତ, MEDIUM-HIGH ରେ କୁକ କରିବେ।
୧୦. SERVE AND ENJOY !

# ଦଳା ଖେଚୁଡ଼ି



***SONALI DASH***

A dedicated mother, a foodie, a content creator and a test manager by profession currently living in Kuala Lumpur with her beautiful family. She loves to cook different types of food for her family and explore different types of cuisine and culture via her youtube channel #happyexplorer, https://youtube.com/c/HappyExplorer



ବିବାହ ର ପ୍ରଥମ ବର୍ଷ, ଶାଶୁ ବହୁତ ଖୁସି ମୋ ଉପରେ। ଯାହା ହେଉ କେତେ ବଢିଆ ରୋଷେଇ କରୁଛି ମୋ ବୋହୂ ଏମିତି କହୁ ଥାଆନ୍ତି ସେ ସମସ୍ତଙ୍କୁ। ମୋର ବି ଖୁସି ର ସୀମା ନଥାଏ। ଏଇ ସବୁ ଭିତରେ ଦିନେ ଅଫିସ୍ କାମ କରୁ କରୁ ହଠାତ୍ ବାସ୍ନା ହେଲା ଶୁଦ୍ଧ ଘିଅ ର, ଗୁଜୁରାତି ଆଉ ଡାଲଚିନି ର। ମୁଁ ସେ ମହକ ର ପଛେ ପଛେ ଯାଇ ଦେଖେ, ଶାଶୂ ଅଛନ୍ତି ରୋଷେଇ ଘରେ। ଠିଆ ହେଇକି ଖଡ଼ିକା ଚଳାଉଛନ୍ତି ହାଣ୍ଡି ରେ। ପଚାରିଲି ମା, ଆପଣ ଙ୍କ ଦେହ ଭଲ ନାହିଁ ଯେ, ଆପଣ ରେଷ୍ଟ ନ ନେଇକି ଏଠି କଣ କରୁଛନ୍ତି? କହିଲେ, ଆରେ ମା ମୁଁ ପରା ତମ ଦୁଇ ଜଣଙ୍କ ପାଇଁ ଦଳା ଖେଚୁଡ଼ି ବନାଉଚି।ଆରେ କେତେ ଦିନ ପରେ ଘରକୁ ଆସିଛ ତମେ ମାନେ, ଟିକେ ଶାନ୍ତି ରେ ବସିକି ଖାଅ ଆଉ ରେସ୍ଟ କର। ଖୁସି ରେ କୁଣ୍ଢେଇ ପକେଇଲି ଶାଶୂଙ୍କୁ, ଆଉ ପଚାରିଲି .. ମା ଖେଚୁଡ଼ି ତ ଶୁଣିଛି, ଏ ଦଳା ଖେଚୁଡ଼ି କଣ ଯେ?

ମୋ ଶାଶୂ କହିଲେ, ଆରେ ମା ଏ ହଉଚି ଆମ ବାରିପଦା ର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ର ପ୍ରସାଦ। ପ୍ରଭୁ ଜଗନ୍ନାଥଙ୍କ ସବୁଠୁ ପ୍ରିୟ।

ସେଦିନ ହି ଶାଶୂଙ୍କୁ ପାଖରେ ବସେଇ ମୁଁ ଗୋଟି ଗୋଟି କରି ସେ ଦଳା ଖେଚୁଡ଼ି ର ରେସିପି ଟିକୁ ଟିପି ନେଇ ଥିଲି।

ଆଜି ଆମ ବାହାଘର ର ନଅ ବର୍ଷ ହେଇ ଗଲାଣି। କିନ୍ତୁ ଆଜିବି ଆମ ଘର ର ସମସ୍ତଙ୍କର ବହୁତ ପ୍ରିୟ ଏ ଦଳା ଖେଚୁଡ଼ି। ତାହେଲେ ଆଉ ଡେରି ନକରି ଚାଲନ୍ତୁ ଦେଖି ନବା, କଣ କଣ ପକେଇ ବନାନ୍ତି ମୋ ଶାଶୂ ଦଳା ଖେଚୁଡ଼ି, ସେଥିରେ ରଖିଚି ମୋର ବି ଗୋଟେ TWIST।

**ସାମଗ୍ରୀ:**

୧. ୧ କପ୍ ମୁଗ ଡାଲି
୨. ୧ କପ୍ ଅରୁଆ ଚାଉଳ (ସୀତାଭୋଗ ଚାଉଳ)
୩. ୧/୨ ଚାମଚ୍ ହଳଦୀ ଗୁଣ୍ଡ
୪. ୧ ଚାମଚ୍ ଜିରା
୫. ୧/୪ ଚାମଚ୍ ହିଙ୍ଗୁ
୬. ୩ ଚାମଚ୍ ଗୁଆଘିଅ
୭. ୨ ତେଜପତ୍ର
୮. ୧ ଇଞ୍ଚ୍ ଡାଲଚିନି
୯. ୪ ଗୁଜୁରାତି
୧୦. ୩ ଲବଙ୍ଗ
୧୧. ଲୁଣ ସ୍ୱାଦ ଅନୁସାରେ
୧୨. ଛେଚା ଅଦା ୧ ଇଞ୍ଚ୍
୧୩. ଗରମ୍ ପାଣି ୪ କପ୍

**ପ୍ରଣାଳୀ :**

ଚାଉଳ ଆଉ ଡାଲି କୁ ଭଲ ଭାବେ ଧୋଇକି ଗୋଟେ ବଡ଼ ପାତ୍ର ରେ ନିଅନ୍ତୁ ।

ସେଥିରେ ଘିଅ, ଲୁଣ, ଅଦା ଆଉ ହଳଦୀ ଗୁଣ୍ଡ ମିଶାନ୍ତୁ । ଭଲ ଭାବେ ୧ ମିନିଟ୍ ଯାଏ ଭଲସେ ମିଶାନ୍ତୁ ଆଉ ଗୋଟେ ପ୍ଲେଟ ରେ ଖେଳେଇ ୧୦ ମିନିଟ୍ ଯାଏ ରଖନ୍ତୁ ।

ଗୁଜୁରାତି, ଡାଲଚିନି ଆଉ ଲବଙ୍ଗ କୁ ଚେଚିକି ଗରମ୍ ମସଲା ରେଡି କରନ୍ତୁ।

ଗୋଟେ ହାଣ୍ଡି କୁ ଗରମ୍ କରି ସେଥିରେ ପକାନ୍ତୁ ଗୁଆଘିଆ ଘିଅ ଗରମ ହେଲେ ସେଥିରେ ପକାନ୍ତୁ ଗରମ୍ ମସଲା ଆଉ ତେଜପତ୍ର ।

୨୦ ସେକେଣ୍ଡ ପରେ ସେଥିରେ ମିଶାନ୍ତୁ ଗରମ୍ ପାଣି ।

ପାଣି ଟିକେ ଫୁଟି ଗଲେ ସେଥିରେ ମିଶାନ୍ତୁ ଚାଉଳ ଆଉ ମୁଗ ଡାଲି ର ମିଶ୍ରଣ। ଏହାକୁ ଧାଙ୍କିକି ୫ ରୁ ୭ ମିନିଟ୍ ଯାଏ ଛାଡ଼ି ଦିଅନ୍ତୁ ।

୭ ମିନିଟ୍ ପରେ ସେଥିରେ ମିଶାନ୍ତୁ ହିଙ୍ଗୁ ଆଉ ପାଣିର ମିଶ୍ରଣ ।

୧୦ ମିନିଟ୍ ପରେ ସେଥିରେ ମିଶାନ୍ତୁ ଟିକେ ଘିଅ ଆଉ କୋରା ନଡ଼ିଆ (ଏଇଟା ଥିଲା ମୋର TWIST)

ବାସ୍ ତାପରେ ଗରମ୍ ଗରମ ଖାଆନ୍ତୁ ଏହି ଦଳା ଖେଚୁଡ଼ି କୁ ବରା ତରକାରୀ ସାଙ୍ଗେ ।

ଆଶା କରୁଛି ଭଲ ଲାଗିଥିବ ଆପଣଙ୍କୁ ଏ ରେସିପି ଟି ।



# KATORI CHAT

## *RONALIPA*

***INGREDIENTS:***

*For Katori:*

plain flour-2 cup
salt-1/2tsp
oil (hot)-2 tbsp
water to knead
oil for frying

*For Katori Chat:*

chickpea(boiled)-1 cup
potato(boiled & cubed)-1
moong sprouts
green chutney
tamarind chutney
Yogurt
sprinkle chilli powder
sprinkle cumin powder
sprinkle chaat masala
sprinkle salt
1 onion (finely chopped)
1 tomato (finely chopped)
fine sev
chopped coriander leaves
pomegranate for garnishing

***PREPARATION METHOD***

*For the katori chat*

1. 1.In a deep bowl, add plain flour, add oil and salt and mix well to get a crumbly texture.
2. Add water as per need and knead into a stiff dough.
3. Cover with a lid and keep aside for 15 minutes.
4. Take one portion of dough and flatten it.
5. Dust flour as required and roll slightly thick.
6. Prick the flattened dough with fork.
7. Place a small steel katori and wrap the dough.
8. Deep fry in hot oil.
9. Splash oil till the katori separates from the dough.
10. Now fry the katori, till it turns golden and crisp.
11. Prepare chaat by assembling katori in a plate.
12. Add in 1 tsp boiled chana, 1 tsp boiled and cubed potato, 2 tbsp moong sprouts, 1/2 tsp green chutney, 1 tsp tamarind chutney and 1 tbsp curd.
13. Also sprinkle chilli powder, cumin powder, salt and chaat masala.
14. Add in a tbsp of onion and tomato.
15. Garnish with 2 tbsp sev and few coriander leaves and pomegranate.
16. Finally, serve katori chaat immediately.

# CHATPATTA TAWA PANEER

## *HIMANSU SINGH*





***RECIPE***

1. Cut paneer in blocks/shapes of your likeness
2. Marinate with salt, red chilli powder, chat masala
3. Heat Tawa and put either little ghee/ refined oil and put paneer blocks/ shapes for roasting
4. Keep turning the sides until all surfaces are roasted

All done enjoy the Chatpatta Tawa Paneer

# CHICKEN BIRYANI

## *ASIMA PANDA*





Chicken Biryani is the definition of a one-pot dinner and one of the most regal dishes you can have on any occasion or event. Well, the sight of the flavourful and delectable Chicken Biryani recipe is impossible to resist.

If you are craving it as well, there is no need to leave the house because we have a super-simple recipe for biryani waiting for you.

***INGREDIENTS (for 5 pax)***

- 1 cup boiled basmati rice
- 1/2 teaspoon mint leaves
- salt as required
- 2 tablespoon refined oil
- 3 green cardamom
- 2 clove
- 2 onion
- 1 teaspoon turmeric
- 1 tablespoon garlic paste
- 1 cup hung curd
- 2 tablespoon coriander leaves
- water as required
- 1 tablespoon ghee
- 600 gm chicken
- 1 tablespoon garam masala powder
- 1 teaspoon saffron
- 1 tablespoon bay leaf
- 1 black cardamom
- 1 teaspoon cumin seeds
- 4 green chillies
- 1 tablespoon ginger paste
- 1 teaspoon red chilli powder
- 1/2 tablespoon ginger
- 2 drops kewra
- 1 tablespoon rose water

***STEP 1***

Make the saffron-kewra water, then cut the vegetables.
Saffron should first be steeped in water to make saffron water (one teaspoon of saffron can be soaked in 1/4 cup of water) before being used to make a delicious chicken biryani dish. To make kewra water, combine kewra drops and water and thoroughly combine. Put them away for a future use. The onion and coriander leaves should now be chopped and set aside.

***ONIONS ARE SAUTÉED IN STEP TWO***

In the meantime, warm refined oil in a deep skillet. Once the oil is high enough, add the bay leaf, cloves, green and black cardamom, cumin seeds, and cardamom pods. Saute for about a minute. After that, stir in the chopped onion and cook until pink. Chicken, sliced green chilies, turmeric, salt to taste, ginger-garlic paste, red chilli powder, and green chilli paste should now be added to the mixture. All the spices should be thoroughly combined before cooking for two to three minutes. After that, combine it with hanging curd. Before adding the chicken to the recipe, make sure it has been thoroughly rinsed and dried.

***STEP 3***

Cook biryani for 5–6 minutes on low heat.
Reset the flame to medium and stir in the garam masala, julienned ginger, coriander, and mint leaves. Pour in the kewra, rose, and saffron water. Cook the chicken until it is tender. Spread out 1 cup of the cooked rice after that. Add saffron water next, followed by ghee. Now that the dish has formed steam, you may either cook it without a lid or cover it to create a dum-effect.

***STEP 4***

To serve, add your favourite chutney or raita to the hot chicken biryani.
Add 1 tablespoon of fried onions and fresh coriander leaves for garnish after cooking for 15-20 minutes with the cover on. Serve hot chicken biryani and your preferred raita.
Enjoy!

# ପୋସ୍ତ ବାଇଗଣ ଖଟା

ମଧୁମିତା ମହାପାତ୍ର



**ସାମଗ୍ରୀ:**

୧. ଛୋଟ ବାଇଗଣ – ୧୦ଟା
୨. ଭଜା ପୋସ୍ତ – ୩ ବଡ ଚାମଚ
୩. ତେନ୍ତୁଳି ରସ – ୨ ବଡ ଚାମଚ
୪. ଗୁଡ – ୨ ବଡ ଚାମଚ
୫. ଲୁଣ – ସ୍ୱାଦ ଅନୁଯାୟୀ
୬. ଅଟା – ୧ ବଡ ଚାମଚ
୭. ଶୁଖିଲା ଲଙ୍କା – ୫ ଟା
୮. ଫୁଟଣ – ୨ ଛୋଟ ଚାମୁଚ
୯. ଭଜା ଜୀରା ଗୁଣ୍ଡ – ୨ ଛୋଟ ଚାମୁଚ
୧୦. ହଳଦୀ – ୧ ଛୋଟ ଚାମଚ
୧୧. ତେଲ – ୩ ବଡ ଚାମଚ

**ପ୍ରଣାଳୀ :**

୧. ବାଇଗଣ ସବୁକୁ ଠିକ୍ ସେ ଧୋଇ ତାକୁ ମଝିରୁ ଚାରିଫାଳ କରି କାଟି ଦିଅନ୍ତୁ ଯେମିତିକି ତା ମୁଣ୍ଡିଟା ରହିବ ।
୨. ଚିରା ବାଇଗଣକୁ ପାଣି ଗରମ କରି ସେଥିରେ ଲୁଣ ଆଉ ହଳଦୀ ଦେଇ ସିଝାଇ ଦିଅନ୍ତୁ ।
୩. ଭଜା ପୋସ୍ତକୁ GRINDERରେ ଗୁଣ୍ଡ କରି ଦିଅନ୍ତୁ ।
୪. ବାଇଗଣ ସିଝିଗଲେ ତାକୁ ପାଣିରୁ କାଢ଼ି ଏଇ ଭଜା ପୋସ୍ତରେ ଟିକେ ଲୁଣ ମିଶେଇ ପୁର ଭଳିଆ ଭରି ଦିଅନ୍ତୁ ।
୫. ସବୁ ବାଇଗଣରେ ପୁର ଦିଆ ସରିଲେ ତାକୁ ଗୋଟିଏ FRYING PANରେ ତେଲ ଦେଇ ଭାଜନ୍ତୁ । ଗୋଟିଏ ପଟ ହେଇଗଲେ ଆସ୍ତେ କରି ଆରପଟକୁ ଓଲଟାଇ FRY କରନ୍ତୁ ।
୬. ଭଜା ବାଇଗଣକୁ କାଢି ଗୋଟିଏ PLATEରେ ରଖନ୍ତୁ ।
୭. FRYING PANରେ ବଳକା ତେଲରେ ପ୍ରଥମେ ଫୁଟଣ ଓ ଲଙ୍କାର ଛୁଙ୍କ ଦିଅନ୍ତୁ । ଯଦି ଭୁସୁରଂଗ ପତ୍ର ଅଛି ସେଥିରୁ ୫, ୬ ଟା ବି ପକେଇ ପାରନ୍ତି ।
୮. ଛୁଙ୍କ ଲାଗିଗଲେ ସେଇ ତେଲରେ ଗରମ ପାଣି ୨ କପ, ତେନ୍ତୁଳି ରସ, ଗୁଡ, ଲୁଣ, ହଳଦୀ ପକାଇ ପାଣିକୁ ଫୁଟାଇ ଦିଅନ୍ତୁ ।
୯. ପାଣି ଫୁଟିଗଲେ ସେଥିରେ ଭଜା ବାଇଗଣ ଗୁଡିକ ପକେଇ ଦିଅନ୍ତୁ । ଯଦି କିଛି ଭଜା ପୋସ୍ତ ରହି ଯାଇଛି ତାକୁ ବି ପକେଇ ପାରନ୍ତି ।
୧୦. ୪,୫ ମିନଟ ଫୁଟିଗଲା ପରେ ସେଥିରେ ୧ ଚାମଚ ଅଟା ଟିକେ ପାଣିରେ ଗୋଳାଇ ମିଶେଇ ଦିଅନ୍ତୁ ।
୧୧. ଉପରେ ଭଜା ଜୀରା ଗୁଣ୍ଡ ପକେଇ ଗରମ ଭାତ ସହିତ ପରସନ୍ତୁ ।

# KALA...
## AMA CHITRAPATA





**AARADHYA**





***MANYASHEE PADHI***







RIAN ALANG



RIAN SAHU






SAANVI




**RIDDHI SAHU**

Malaysia Odia Community

GET READY TO ENJOY!
YOUR NEW

# MOC PRIVILEGE CARD




## Exclusive Privileges Especially for you

**Discounts / Special Prices @**

- Discounts on events tickets
- Hotel and Restaurants in Odisha , India, KL
- Saree, dress material Stores in Odisha
- Jewellery Shop in Odisha / KL
- Priority Seating
- ...and many more



**Visit our website for details of merchants list**

**www.malaysiaodia.org**

**Sign up for Membership and start enjoying the Benefits**

Malaysia Odia Community


INOVAANTAGE
BUSINESS
TECHNOLOGY EXCELLENCE AWARDS 2021
INOVAANTAGE IS PROUD RECIPIENT OF
SBR TECHNOLOGY EXCELLENCE AWARD 2021
SBR TECHNOLOGY EXCELENCE 2021
INOVAANTAGE
www.inovaantage.com
INOVAANTAGE
Stay Digitally Ahead With Us
BUSINESS
TECHNOLOGY EXCELLENCE AWARDS 2022
INOVAANTAGE RECEIVED
TECHNOLOGY EXCELLENCE AWARD
FOR A SECOND YEAR IN A ROW FROM SINGAPORE BUSINESS REVIEW (SBR).